# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୯/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, July 29/2025 | Page 12 | ₹ 7.00 | BALASORE

୫୧ଶ ଭାଗ ୨୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 244 | ମୂଲ୍ୟ ₹୭/-




### ‘ବର୍ଡର ୨’: ବରୁଣଙ୍କ ବିପକ୍ଷରେ ମେଧା

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ‘ବର୍ଡର ୨’ ଫିଲ୍ମରେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ଅଭିନେତ୍ରୀ ମେଧା ରାଣା ନଜରକୁ ଆସିବେ।

୦୨

୧୨

### ଫୁଟ୍‌ବଲ କୋଚ୍ ଦୌଡ଼ରେ ଜମିଲ

ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି ପୂର୍ବତନ ମିଡ୍‌ଫିଲ୍ଡର ଖଲିଦ୍ ଜମିଲ।





କଟକ ନରାଜ ଆନିକଟଠାରେ ମହାନଦୀରେ ପ୍ରବାହିତ ବନ୍ୟାଜଳରେ ସୋମବାର ମାଛ ଧରିବାକୁ ଯାଉଥିବା ଧୀବରମାନେ। **(ଫଟୋ: ରାଜକିଶୋର ମହାନ୍ତି)**

# ପାର୍ଲାମେଣ୍ଟରେ ଅପରେଶନ ସିନ୍ଦୂର ତାତି

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରବର୍ତ୍ତୀ ଅପରେଶନ ସିନ୍ଦୂରକୁ ନେଇ ସୋମବାର ଲୋକ ସଭାରେ ଜୋର୍‌ଦାର ବିତର୍କ ଆରମ୍ଭ ହୋଇଛି। ଏହି ଦୁଇ ଘଟଣାରେ ହୋଇଥିବା ତ୍ରୁଟି ଓ କ୍ଷତିକୁ ନେଇ ଅନେକ ପ୍ରଶ୍ନ ଛିଡ଼ା ହୋଇଥିବାବେଳେ କେନ୍ଦ୍ର ସରକାର ସେସବୁର ସନ୍ତୋଷଜନକ ଉତ୍ତର ଦେଉ ନ ଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକର ନେତାମାନେ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। କେନ୍ଦ୍ର ସରକାରଙ୍କଠାରୁ ସେସବୁର ଉତ୍ତର ପାଇବା ପାଇଁ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନକୁ ଅପେକ୍ଷା କରିଥିଲେ। ସେମାନଙ୍କ ଦାବି ମୁତାବକ ସୋମବାରଠାରୁ ଲୋକ ସଭାରେ ୧୬ ଘଣ୍ଟିଆ ବିତର୍କ ଚାଲିଥିବାବେଳେ ଶାସକ ଦଳକୁ ବିରୋଧୀ ପ୍ରଶ୍ନବାଣରେ ଘେରିଛନ୍ତି। ଅପରେଶନ ସିନ୍ଦୂର ବେଳେ ଭାରତର କେତୋଟି ଯୁଦ୍ଧବିମାନ ଖସିଥିଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହା ପାଖରେ ଆତ୍ମସମର୍ପଣ କରି ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କଲେ, କେବେ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଫେରିପାଇବା ଆଦି କେତେକ ପ୍ରଶ୍ନ ଉଠାଇ ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇଙ୍କ ସମେତ ଅନ୍ୟ ବିରୋଧୀ ଦଳର ନେତାମାନେ ସ୍ପଷ୍ଟୀକରଣ ମାଗିଛନ୍ତି। ଏହାର ଉତ୍ତରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ, ରାଜନୈତିକ ଓ ସାମରିକ ଲକ୍ଷ୍ୟ ପୂରଣ ହେବା ପରେ ଅପରେଶନ ସିନ୍ଦୂରକୁ ସ୍ଥଗିତ ରଖାଯାଇଛି। ଏନେଇ କୌଣସି ବାହ୍ୟ ଚାପକୁ ସେ ଖଣ୍ଡନ କରିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାଁ ନେଇ ନ ଥିଲେ। ଏଥିରେ ବିରୋଧୀ ଦଳଗୁଡ଼ିକର ନେତାମାନେ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କ କଥାରେ ତାଳମେଳ ରହୁ ନ ଥିବା ଦର୍ଶାଇ ସ୍ୱଚ୍ଛତା ଦାବି କରିଛନ୍ତି।

- ■ **ଭାରତର କେତେ ବିମାନ ଖସିଥିଲା: କଂଗ୍ରେସ**
- ■ **ପ୍ରଧାନମନ୍ତ୍ରୀ କାହା ପାଖରେ ଆତ୍ମସମର୍ପଣ କଲେ: ଗୋଗୋଇ**
- ■ **ଆତଙ୍କବାଦର ମୂଳୋତ୍ପାଟନ ପାଇଁ ନୂଆ ଭାରତ ଯେକୌଣସି ସୀମା ପର୍ଯ୍ୟନ୍ତ ଯାଇପାରେ: ରାଜନାଥ**

ନୂଆଦିଲ୍ଲୀ,୨୮।୭(ପି.ଟି.)

ସୁରକ୍ଷାଗତ ତ୍ରୁଟି ଯୋଗୁ ପହଲଗାମ୍ ଆକ୍ରମଣ ଘଟିଥିବାରୁ ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନିଜକୁ ଦାୟୀ କରିବା ନିମନ୍ତେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଦାବି କରିଛନ୍ତି। ‘ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତର ଦୃଢ଼, ସଫଳ ଓ ନିର୍ଣ୍ଣାୟକ ଅପରେଶନ ସିନ୍ଦୂର’ ଶୀର୍ଷକ ସ୍ୱତନ୍ତ୍ର ଆଲୋଚନାରେ ଭାଗନେଇ ଗୋଗୋଇ କହିଛନ୍ତି, ସରକାରଙ୍କ କହିବା ଅନୁଯାୟୀ, କୌଣସି ଅଞ୍ଚଳ ଦଖଲ କରିବା ଏହାର ଉଦ୍ଦେଶ୍ୟ ନୁହେଁ। ତେବେ ଯଦି ଆଜି ନୁହେଁ, ତେବେ ଆମେ କେବେ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଫେରିପାଇବା ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଣିଜ୍ୟକୁ ବ୍ୟବହାର କରିଥିବା ନେଇ ୨୬ ଥର ଦାବି କରିଥିବାବେଳେ ଏହା ଉପରେ କେନ୍ଦ୍ରର ନୀରବତାକୁ ଗୋଗୋଇ ନିନ୍ଦା କରିଛନ୍ତି। ଉରି ଏବଂ ପୁଲ୍‌ୱାମା ଆକ୍ରମଣଠାରୁ ପ୍ରଧାନମନ୍ତ୍ରୀ ମୋଦି ‘ଆମେ ଘରେ ପଶି ମାରିଲୁ, ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ କଲୁ’ ବୋଲି କହିଆସୁଛନ୍ତି। ଏବେ ମଧ୍ୟ ସେ ସମାନ କଥା କହୁଛନ୍ତି। ଅପରେଶନ ସିନ୍ଦୂର ଶେଷ ହୋଇନାହିଁ ଏବଂ ପାକିସ୍ତାନ ପୁଣି ଏପରି କରିପାରେ ବୋଲି ସରକାର କହୁଛନ୍ତି। ତେବେ ଅପରେଶନ ସିନ୍ଦୂର ସଫଳ ହେଲା କିପରି ବୋଲି ଗୋଗୋଇ ପ୍ରଶ୍ନ କରିଛନ୍ତି। ଯଦି ଆମେରିକା ଭାରତ ଆଗରେ ଆଣ୍ଠେଇବାକୁ ପ୍ରସ୍ତୁତ ଥିଲା, ତେବେ ଏହା ପୂର୍ବରୁ କ’ଣ ପାଇଁ ଅଟକିଲ ଏବଂ କାହା ପାଖରେ ଆତ୍ମସମର୍ପଣ କଲ, ବିରୋଧୀ ପ୍ରଧାନମନ୍ତ୍ରୀଙ୍କଠାରୁ ତାହା ଜାଣିବାକୁ ଚାହାନ୍ତି ବୋଲି କଂଗ୍ରେସ ଉପନେତା କହିଛନ୍ତି। ଟ୍ରମ୍ପ ଅସ୍ତ୍ରବିରତି ପାଇଁ ବାଣିଜ୍ୟ ଧମକ ଦେଇଥିବା ଦାବି କରିଛନ୍ତି, ଗୋଟିଏ ☞ପୃଷ୍ଠା-୪

# ଦିବ୍ୟା ଚେସ୍ ବିଶ୍ୱକପ୍ ଚାମ୍ପିୟନ

## ପ୍ରଥମ ଭାରତୀୟ ମହିଳା ଭାବେ ଇତିହାସ ରଚିଲେ

ବାଟୁମି(ଜର୍ଜିଆ),୨୮।୭(ପି.ଟି.)



ଦିବ୍ୟା ଦେଶମୁଖ

ଭାରତୀୟ ଚେସ୍ ଇତିହାସରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ପ୍ରଥମ ଭାରତୀୟ ମହିଳା ଭାବେ ଦିବ୍ୟା ଦେଶମୁଖ ହୋଇଛନ୍ତି ଫିଡେ ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିୟନ। ଫାଇନାଲରେ ୧୯ ବର୍ଷୀୟା ଦିବ୍ୟା ସୋମବାର ଅଭିଜ୍ଞ ଭାରତୀୟ ଗ୍ରାଣ୍ଡମାଷ୍ଟର ତଥା ୱାର୍ଲ୍ଡ ରାପିଡ୍ ଚେସ୍ ଚାମ୍ପିୟନ କୋନେରୁ ହମ୍ପିଙ୍କୁ ଟାଇବ୍ରେକରେ ପରାସ୍ତ କରିଛନ୍ତି। ନାଗପୁରର ଦିବ୍ୟା ବିଶ୍ୱକପ ଚାମ୍ପିୟନ ହେବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ମଧ୍ୟ ହାସଲ କରି ନେଇଛନ୍ତି। ସେ ହୋଇଛନ୍ତି ଭାରତର ୮୮ତମ ଚେସ୍ ଗ୍ରାଣ୍ଡମାଷ୍ଟର। ଏହି ମାଇଲଖୁଣ୍ଟି ସ୍ପର୍ଶ କରିବାରେ ସେ ଭାରତର ଚତୁର୍ଥ ମହିଳା ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ହମ୍ପି, ଦ୍ରୋନାଭାଲି ହାରିକା ଓ ଆର. ବୈଶାଳୀ ଏହି ସଫଳତା ପାଇଥିଲେ। ହମ୍ପି ତାଙ୍କ କ୍ୟାରିୟରରେ ବିଶ୍ୱକପ୍ ଓ ମହିଳା ୱାର୍ଲ୍ଡ ଚାମ୍ପିୟନଶିପ୍ ଟାଇଟଲ ଛଡ଼ା ସବୁ କିଛି ହାସଲ କରି ସାରିଛନ୍ତି। ଏବେ ବିଶ୍ୱକପ ଟାଇଟଲ ପୁଣି ଥରେ ତାଙ୍କପାଇଁ ଅପହଞ୍ଚ ହୋଇ ରହିଯାଇଛି। ୩୮ ବର୍ଷୀୟା ହମ୍ପି ୨୦୦୨ରେ ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଥିଲେ। ଏହାର ୩ ବର୍ଷ ପରେ ଅର୍ଥାତ୍ ୨୦୦୫ରେ ଜନ୍ମିତ ଦିବ୍ୟା ଏବେ ବିଶ୍ୱ ଚାମ୍ପିୟନ ହୋଇ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରର ଶିଖରରେ ପହଞ୍ଚିଛନ୍ତି। ଟାଇବ୍ରେକର ରାଉଣ୍ଡ ପୂର୍ବରୁ ଗତ ଶନିବାର ଓ ରବିବାର ଦିବ୍ୟା ଏବଂ ହମ୍ପିଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପୁରୁଷ ହେଲେ ମହିଳା

# ପହଲଗାମ୍ ଆତଙ୍କବାଦୀଙ୍କୁ ମାରିଲା ସେନା

ଶ୍ରୀନଗର,୨୮।୭(ପି.ଟି.)



ଏନ୍‌କାଉଣ୍ଟରରେ ନିହତ ୩ ଆତଙ୍କବାଦୀ।


ଜମ୍ମୁ-କଶ୍ମୀରର ଶ୍ରୀନଗର ଉପକଣ୍ଠ ଜଙ୍ଗଲ ଅଞ୍ଚଳରେ ସୋମବାର ସେନାର ପାରାକମାଣ୍ଡୋଙ୍କ ସହ ଗୁଳିବିନିମୟ ବେଳେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗତବର୍ଷ ସୋନମାର୍ଗ ଟନେଲ୍ ପ୍ରକଳ୍ପ ଆକ୍ରମଣ ସହ ସମ୍ପୃକ୍ତ ଜଣେ ଆତଙ୍କବାଦୀ ରହିଛନ୍ତି। ଏହା ବ୍ୟତୀତ ଗତ ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ମଧ୍ୟ ନିହତ ହୋଇଥିବା ସୁରକ୍ଷା ବଳ ସନ୍ଦେହ କରୁଥିବାବେଳେ ତାଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ପାର୍ଲାମେଣ୍ଟରେ ଅପରେଶନ ସିନ୍ଦୂରକୁ ନେଇ ସୋମବାର ବିତର୍କ ଆରମ୍ଭ ହୋଇଥିବାବେଳେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ନିହତ ହୋଇଥିବା ଏକ ସୂତ୍ରରୁ କୁହାଯାଇଛି। ମୃତ ସୁଲେଇମାନ ଶାହ ଲଷ୍କର-ଇ-ତୋଇବା ଆତଙ୍କବାଦୀ ଏବଂ ସେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ। ସେ ପୂର୍ବରୁ ପାକିସ୍ତାନ ସେନାରେ କାର୍ଯ୍ୟ କରିଥିଲେ।


ପହଲଗାମ୍ ଆକ୍ରମଣକାରୀ ବ୍ୟବହାର କରିଥିବା ଉପକରଣ ଅନୁରୂପ ବୈଷୟିକ ସଙ୍କେତ ମିଳିବା ପରେ ହରୱାନ ଜଙ୍ଗଲରେ ‘ଅପରେଶନ ମହାଦେବ’ ନାମରେ ସୁରକ୍ଷା ବଳ ଅଭିଯାନ ଚଳାଇଥିଲା। ଯବାନମାନେ ମୁଲନାର ଗ୍ରାମରେ ଘେରାବନ୍ଦୀ ଓ ତଲାସି ଚଳାଇଥିବାବେଳେ ଗୁଳି ବିନିମୟ ବେଳେ ଆତଙ୍କବାଦୀ ନିହତ ହୋଇଥିଲେ। ଗତବର୍ଷ ଅକ୍ଟୋବରରେ ସନମାର୍ଗ ଟନେଲ ପ୍ରୋଜେକ୍ଟରେ ଆତଙ୍କବାଦୀ ଆକ୍ରମଣରେ ଜଣେ ଡାକ୍ତର ସମେତ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀ ଜିବରନଙ୍କର ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଥିବା ସ୍ପଷ୍ଟ ☞ପୃଷ୍ଠା-୪

# ‘ଶୋଲେ’ ଫିଲ୍ମର ଟିକେଟ ଦେଖାଇଲେ ଅମିତାଭ

ନୂଆଦିଲ୍ଲୀ, ୨୮।୭ (ପି.ଟି.)







ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ସୋମବାର ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ପୁରୁଣା ସ୍ମୃତିକୁ ମନେପକାଇଛନ୍ତି। ସେ ୧୯୭୫ ମସିହାର ବ୍ଲକ୍‌ବଷ୍ଟର ଫିଲ୍ମ ‘ଶୋଲେ’ର ଏକ ଟିକେଟର ଫଟୋକୁ ଶେୟାର କରିଛନ୍ତି। ସେତେବେଳେ ଉକ୍ତ ଟିକେଟର ମୂଲ୍ୟ ମାତ୍ର ୨୦ ଟଙ୍କା ଥିଲା।

ସୋମବାର ସକାଳେ ଅମିତାଭ ତାଙ୍କ ବ୍ୟକ୍ତିଗତ ବ୍ଲଗ୍‌ରେ ନିଜର କିଛି ଫଟୋକୁ ଶେୟାର କରିଥିଲେ। ଏହାମଧ୍ୟରେ ‘ଶୋଲେ’ ଫିଲ୍ମର ଟିକେଟ ରହିଥିଲା। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, ମୋତେ କୁହାଯାଇଛି ସେତେବେଳେ ଏହି ଟିକେଟର ମୂଲ୍ୟ ଯେତେ ଥିଲା ଏବେ ସେହି ମୂଲ୍ୟରେ ସିନେମା ହଲ୍ ମଧ୍ୟରେ କେବଳ କୋଲ୍ଡ୍ରିଙ୍କ୍ ମିଳିପାରୁଛି। ଏହା ସତ୍ୟ କି ବୋଲି ସେ ନିଜ ଫଲୋଅର୍ସଙ୍କୁ ପଚାରିଛନ୍ତି। ‘ଶୋଲେ’ ଫିଲ୍ମର ଉକ୍ତ ଟିକେଟକୁ ସେ ଆଜି ବି ☞ପୃଷ୍ଠା-୪




## ସଂକ୍ଷେପରେ

### ସୀମିତ ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ଇସ୍ରାଏଲ୍‌ର ଆକ୍ରମଣ: ୩୬ ମୃତ

ଡେଇର୍ ଅଲ୍-ବଲାହ,୨୮।୭

ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ଅନେକ ଲକ୍ଷ ଲୋକ କ୍ଷୁଧାରେ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ୩ଟି ଜନବହୁଳ ଅଞ୍ଚଳରେ ଦୈନିକ ୧୦ ଘଣ୍ଟା ଯୁଦ୍ଧ ବନ୍ଦ ରଖିବାକୁ ଇସ୍ରାଏଲୀ ସେନା ରବିବାର ଘୋଷଣା କରିଥିଲା। ଫଳରେ ସେଠାରେ ଥିବା କ୍ଷିଧାର୍ତ୍ତଙ୍କ ନିକଟରେ ମାନବୀୟ ସହାୟତା ପହଞ୍ଚିପାରିବ। ଏହା ସତ୍ତ୍ୱେ ସୋମବାର ଇସ୍ରାଏଲୀ ସେନା ଆକ୍ରମଣରେ ଅନ୍ୟୁନ ୩୬ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ନବଜାତକ ଅଛନ୍ତି। ତାଙ୍କ ମାଆ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମାନବୀୟ ସହାୟତା ପଦକ୍ଷେପ ସହ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଇସ୍ରାଏଲ୍ କହିଛି। ସକାଳ ୧୦ରୁ ରାତି ୮ ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ନିଷ୍ପତ୍ତି ହୋଇଥିବାବେଳେ ଏହି ସମୟ ବାହାରେ ଆକ୍ରମଣ ହୋଇଛି। ମାନବୀୟ ସହାୟତା ପହଞ୍ଚାଇବା ଓ ଆକାଶ ମାର୍ଗରୁ କ୍ଷୁଧାର୍ତ୍ତଙ୍କ ନିକଟରେ ଖାଦ୍ୟ ପକାଇବା ପାଇଁ ସାମୟିକ ଅସ୍ତ୍ରବିରତିକୁ ସହାୟତାକାରୀ ସଂସ୍ଥା ସ୍ୱାଗତ କରିଥିଲେ ମଧ୍ୟ କ୍ଷିଧାର୍ଥଙ୍କ ସଂଖ୍ୟା ବହୁତ ଥିବାରୁ ଏତିକି ପଦକ୍ଷେପ ଯଥେଷ୍ଟ ନୁହେଁ ବୋଲି କହିଛନ୍ତି।

### ବ୍ୟାଙ୍କକ୍‌ରେ ଗୁଳିକାଣ୍ଡ: ୬ ମୃତ

ବ୍ୟାଙ୍କକ୍,୨୮।୭

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ସୋମବାର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବା ପୂର୍ବରୁ ଏକ ଫୁଡ୍ ମାର୍କେଟରେ ଆଖିବୁଜା ଗୁଳି ଚଳାଇବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଉନ୍ନତ ମାନର ଟଟକା ଫଳ ଓ ସାମୁଦ୍ରିକ ଖାଦ୍ୟ ପାଇଁ ଜଣାଶୁଣା ଅର୍ ଟୋର କୋର ମାର୍କେଟରେ ଏହି ଗୁଳିକାଣ୍ଡ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ସୁରକ୍ଷା କର୍ମୀ ଅଛନ୍ତି। ୨ ଜଣ ମହିଳା ଆହତ ହୋଇଛନ୍ତି। ମୃତ ବନ୍ଧୁକଧାରୀଙ୍କ ପାଖରୁ ମିଳିଥିବା ପରିଚୟ ପତ୍ର ଓ ଡ୍ରାଇଭିଂ ଲାଇସେନ୍ସରୁ ସେ ଖୋଙ୍ଗ୍ ଜିଲାର ନୋଇ ପ୍ରଇଡାଇନ(୬୧) ବୋଲି ଜଣାପଡ଼ିଛି। ତେବେ ସେ କ'ଣ ପାଇଁ ଗୁଳି ଚଳାଇଲେ, ତାହା ସ୍ପଷ୍ଟ ହୋଇନାହିଁ।

### ମନ୍ଦିରରେ ଦଳାଚକଟା: ୨ ମୃତ, ୩୮ ଆହତ

ବାରାବଙ୍କୀ, ୨୮।୭

ଉତ୍ତରପ୍ରଦେଶର ବାରାବଙ୍କୀସ୍ଥିତ ହଇଦରଗଡ଼ ଅଞ୍ଚଳରେ ଥିବା ଅଭ୍‌ସାନେଶ୍ୱର ମନ୍ଦିରରେ ରବିବାର ବିଳମ୍ବିତ ରାତିରେ ଦଳାଚକଟା ଘଟି ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୮ ଜଣ ଆହତ ହୋଇଛନ୍ତି। ଏକ ବିଦ୍ୟୁତ ତାର ମନ୍ଦିରର ଟିଣ ଶେଡ୍ ଉପରେ ପଡ଼ିଯିବାରୁ ଉକ୍ତ ଟିଣ ଶେଡ୍ ଦେଇ ବିଦ୍ୟୁତ ପ୍ରବାହ ବ୍ୟାପିଥିଲା, ଯାହାଫଳରେ ମନ୍ଦିର ପରିସରରେ ଆତଙ୍କ ଖେଳିଯାଇଥିଲା ଏବଂ ଦଳାଚକଟା ଘଟିଥିଲା। ସମସ୍ତ ଆହତଙ୍କୁ ନିକଟସ୍ଥ ତ୍ରିବେଦିଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାରାବଙ୍କୀ ଜିଲା ଚିକିତ୍ସାଳୟକୁ ରେଫର କରାଯାଇଛି। ଶ୍ରାବଣ ମାସର ତୃତୀୟ ସୋମବାର ଉପଲକ୍ଷେ ଭଗବାନ ଭୋଲେନାଥଙ୍କୁ ଦର୍ଶନ କରିବା ସହ ଜଳାଭିଷେକ ପାଇଁ ରବିବାର ମଧ୍ୟରାତ୍ରିରେ ଅଭ୍‌ସାନେଶ୍ୱର ମନ୍ଦିରରେ ଅନେକ ହଜାର ଭକ୍ତଙ୍କ ଭିଡ଼ ଜମିଥିଲା।

### 'ଉଦୟପୁର ଫାଇଲ୍ସ' ନିର୍ମାତାଙ୍କୁ ୱାଇ ଶ୍ରେଣୀ ସୁରକ୍ଷା

ନୂଆଦିଲ୍ଲୀ, ୨୮।୭

କେନ୍ଦ୍ର ସରକାର ରବିବାର 'ଉଦୟପୁର ଫାଇଲ୍ସ' ଫିଲ୍ମର ନିର୍ମାତା ଅମିତ ଜାନୀଙ୍କୁ ୱାଇ ଶ୍ରେଣୀ ସୁରକ୍ଷା ପ୍ରଦାନ କରିଛନ୍ତି। ଅମିତଙ୍କ ଜୀବନକୁ ବିପଦ ଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ତାଙ୍କୁ ଏହି ସୁରକ୍ଷା ଯୋଗାଇ ଦିଆଯାଇଛି। ଏନେଇ ଅମିତ ସାମାଜିକ ଗଣମାଧ୍ୟମ 'X'ରେ ସୂଚନା ଦେଇଛନ୍ତି। 'ଉଦୟପୁର ଫାଇଲ୍ସ' ଫିଲ୍ମ ରିଲିଜ୍‌କୁ ନେଇ କିଛିଦିନ ହେବ ତାଙ୍କୁ ସୋସିଆଲ ମିଡିଆରେ ଧମକ ମିଳିଆସୁଥିଲା। ଅଗଷ୍ଟ ୮ରେ ଏହି ଫିଲ୍ମ ରିଲିଜ୍ ହେବ।



ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର୍)କୁ ବିରୋଧ କରି ସୋମବାର ନୂଆଦିଲ୍ଲୀରେ ଯୁବ କଂଗ୍ରେସ ସଦସ୍ୟମାନେ ପୋଲିସ ବାରିକେଡ୍ ଉପରେ ଛିଡ଼ାହୋଇ ବିକ୍ଷୋଭ କରୁଛନ୍ତି।

# ବିହାର ଚିଠା ଭୋଟର ତାଲିକାରେ ରୋକ୍ ଲଗାଇଲେନି ସୁପ୍ରିମକୋର୍ଟ

## ଆଧାର, ଭୋଟର ପରିଚୟପତ୍ର ଗ୍ରହଣ କରିବାକୁ ଇସିଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୭(ପି.ଟି.)

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ତେବେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ବେଳେ ଆଧାର ଏବଂ ଭୋଟର ପରିଚୟପତ୍ରକୁ ଗ୍ରହଣୀୟ ଦସ୍ତାବିଜ୍ ଭାବେ ନେବାକୁ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ କହିଛନ୍ତି। ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ବିହାର ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍ଆଇଆର୍) ବିରୋଧରେ ଦାଏର ପିଟିଶନଗୁଡ଼ିକ ଉପରେ ସର୍ବୋଚ୍ଚ ଅଦାଲତ ଏକସଙ୍ଗେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏନେଇ ମଙ୍ଗଳବାର ଚୂଡ଼ାନ୍ତ ଶୁଣାଣି ତାରିଖ ଘୋଷଣା କରାଯିବ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ଆବେଦନକାରୀ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ ହାଜର ହୋଇ କହିଥିଲେ, ଅନ୍ତରୀଣ ପର୍ଯ୍ୟାୟରେ ଭୋଟର ତାଲିକା ଚୂଡ଼ାନ୍ତ ହେବା ଉଚିତ ନୁହେଁ। ଅଗଷ୍ଟ ୧ରେ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବା ପାଇଁ ସେ ନିବେଦନ କରିଥିଲେ। ତେବେ ଅଗଷ୍ଟ ୧ ପୂର୍ବରୁ ସୁପ୍ରିମକୋର୍ଟ ଯଦି ପିଟିଶନ୍‌କୁ ଶୁଣାଣି ପାଇଁ ତାଲିକାଭୁକ୍ତ କରନ୍ତି, ତେବେ ପ୍ରକାଶନ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବାକୁ ଚାପ ପକାଇବେନି ବୋଲି ଶଙ୍କରନାରାୟଣନ କହିଥିଲେ। ନିର୍ବାଚନ କମିଶନଙ୍କ ବିବୃତି ନୋଟ୍ କରିବା ପରେ ଖଣ୍ଡପୀଠ କହିଛନ୍ତି, ଆମ ଉପରେ ବିଶ୍ୱାସ ରଖନ୍ତୁ। ଯଦି ଆପଣମାନଙ୍କ ଜବାବରେ କୋର୍ଟ ସହମତ ହୁଅନ୍ତି ଏବଂ ଯଦି କୌଣସି ଅବୈଧ ଜଣାପଡ଼େ, ତେବେ କୋର୍ଟ ତାହାକୁ ଖାରଜ କରିଦେବ। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଜଷ୍ଟିସ୍ ସୁଧାଂଶୁ ଧୁଲିଆଙ୍କ ନେତୃତ୍ୱରେ ଖଣ୍ଡପୀଠ ଏସ୍ଆଇଆର୍ ପାଇଁ ଆଧାର, ଭୋଟର ପରିଚୟପତ୍ର ଓ ରାଶନ କାର୍ଡକୁ ବୈଧ ଦସ୍ତାବିଜ୍ ଭାବେ ଗ୍ରହଣ କରିବା ନିମନ୍ତେ ବିଚାର କରିବାକୁ ନିର୍ବାଚନ କମିଶନଙ୍କୁ କହିଥିଲେ।



## ତଦନ୍ତରେ ସାମିଲ ପରେ ରିପୋର୍ଟ ଉପରେ ପ୍ରଶ୍ନ କରୁଛ କିପରି

### ଟଙ୍କା ଜବତ ଘଟଣାରେ ଜଷ୍ଟିସ୍ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୨୮।୭(ପି.ଟି.)

ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ସରକାରୀ ବାସଭବନ ପରିସରରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଇନ୍‌ହାଉସ୍ ତଦନ୍ତ କମିଟିର ରିପୋର୍ଟକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତଦନ୍ତ ପ୍ରକ୍ରିୟାରେ ଆପଣ ସାମିଲ ହେବା ପରେ ଏହାର ରିପୋର୍ଟ ଉପରେ ପ୍ରଶ୍ନ ଉଠାଇପାରୁଛ କିପରି ବୋଲି ସୋମବାର ସର୍ବୋଚ୍ଚ ଅଦାଲତ ତାଙ୍କୁ ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ତାଙ୍କ ବାସଭବନ ପରିସରରୁ ବିପୁଳ ଅର୍ଥ ବାହାରିବା ଘଟଣାରେ ଇନ୍‌ହାଉସ୍ ତଦନ୍ତ କମିଟି ରିପୋର୍ଟରେ ତାଙ୍କୁ ଅଭିଯୁକ୍ତ କରାଯାଇଛି। ତେବେ ତଦନ୍ତ ଶେଷ ହେବା ଏବଂ ରିପୋର୍ଟ ବାହାରିବା ପର୍ଯ୍ୟନ୍ତ ସେ ଅପେକ୍ଷା କରିଥିଲେ କାହିଁକି ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଏ.ଜି. ମସିହଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ତଦନ୍ତ କମିଟି ଆଗରେ


ଜଷ୍ଟିସ୍ ଯଶୱନ୍ତ ବର୍ମା

କାହିଁକି ହାଜର ହେଉଥିଲ ? ଉକ୍ତ ଭିଡିଓକୁ ଡିଲିଟ୍ କରିବାକୁ କୋର୍ଟକୁ ଆସିଛ କି? ତଦନ୍ତରୁ ଆପଣଙ୍କ ସପକ୍ଷରେ ରିପୋର୍ଟ ବାହାରିବା ସୁଯୋଗକୁ ଅପେକ୍ଷା କରିଥିଲ କି ବୋଲି ଖଣ୍ଡପୀଠ ଜଷ୍ଟିସ୍ ବର୍ମାଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ପ୍ରଶ୍ନ କରିଛନ୍ତି। ଏଭଳି ଆବେଦନ କରାଯିବା ଉଚିତ ନ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି।

## ମଧ୍ୟପ୍ରଦେଶ ମନ୍ତ୍ରୀଙ୍କୁ ପୁଣି ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### କଲୋନେଲ ସୋଫିଆ କୁରେଶୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ମାମଲା

ନୂଆଦିଲ୍ଲୀ, ୨୮।୭

ସୁପ୍ରିମକୋର୍ଟ ସୋମବାର ମଧ୍ୟପ୍ରଦେଶର ମନ୍ତ୍ରୀ କୁନ୍‌ୱର ବିଜୟ ଶାହଙ୍କୁ ପୁଣିଥରେ ଭର୍ତ୍ସନା କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୁନ୍‌ୱର ସାର୍ବଜନୀନ ଭାବେ କଲୋନେଲ ସୋଫିଆ କୁରେଶୀଙ୍କୁ କ୍ଷମା ନ ମାଗି ସର୍ବୋଚ୍ଚ ଅଦାଲତଙ୍କ ଧୈର୍ଯ୍ୟର ପରୀକ୍ଷା ନେଉଛନ୍ତି ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ କରିଛେନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଖଣ୍ଡପୀଠ ମନ୍ତ୍ରୀ କୁନ୍‌ୱରଙ୍କ ଆଚରଣ, ଉଦ୍ଦେଶ୍ୟ ଏବଂ ସଙ୍କୋଚତା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଅପରେଶନ ସିନ୍ଦୂରକୁ ନେଇ କୁନ୍‌ୱର କଲୋନେଲ ସୋଫିଆଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିଲେ।

## ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଟିସିଏସ୍

ନୂଆଦିଲ୍ଲୀ, ୨୮।୭

ଭାରତର ସବୁଠାରୁ ବଡ଼ ଆଇଟି କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଆର୍ଥିକ ବର୍ଷ ୨୦୨୬ରେ ନିଜର ୨% କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଟିସିଏସ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) କେ. କ୍ରିତିବାସନ୍ ନିକଟରେ ଦେଇଥିବା ଏକ ସାକ୍ଷାତ୍କାରରୁ ଏହି ସଙ୍କେତ ମିଳିଛି। ଏପରି ହେଲେ ଟିସିଏସ୍‌ର ପ୍ରାୟ ୧୨,୨୦୦ କର୍ମଚାରୀ ଚାକିରି ହରାଇବେ। କମ୍ପାନୀର ମିଡିଲ ଏବଂ ସିନିୟର ଲେଭଲ ମ୍ୟାନେଜମେଣ୍ଟ ଏହି ଛଟେଇ ପ୍ରକ୍ରିୟାରେ ସର୍ବାଧିକ ପ୍ରଭାବିତ ହେବେ।

କ୍ରିତିବାସନ୍ କହିଛନ୍ତି, ସମ୍ପ୍ରତି ଟିସିଏସ୍ ନୂତନ ପ୍ରଯୁକ୍ତିବିଦ୍ୟା ବିଶେଷକରି ଏଆଇକୁ ଆପଣାଇବା ସହ ଅପରେଟିଂ ମଡେଲରେ ପରିବର୍ତ୍ତନ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଧୀରେ ଧୀରେ କାମ କରିବାର ଶୈଳୀ ବଦଳୁଛି। ତେଣୁ ଭବିଷ୍ୟତ ପାଇଁ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ସମ୍ପ୍ରତି କମ୍ପାନୀ ପକ୍ଷରୁ ଏଆଇର ବ୍ୟାପକ ବ୍ୟବହାର କରାଯାଉଛି ଏବଂ ଭବିଷ୍ୟତ ପାଇଁ ଜରୁରୀ ଦକ୍ଷତାର ମୂଲ୍ୟାଙ୍କନ କରାଯାଉଛି। ଟିସିଏସ୍ ନୂତନ ବଜାରରେ ପ୍ରବେଶ କରିଛି। ଫଳରେ ଟିସିଏସ୍ ନୂତନ ପ୍ରଯୁକ୍ତିବିଦ୍ୟାରେ ନିବେଶ କରୁଛି ଏବଂ କୃତ୍ରିମ ବୁଦ୍ଧିମତା ଏଆଇକୁ ବଡ଼ ସ୍ତରରେ କାର୍ଯ୍ୟକାରୀ କରୁଛି। ଫଳରେ କମ୍ପାନୀ ପକ୍ଷରୁ କର୍ମଚାରୀମାନଙ୍କୁ ପୁନଃ ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କୁ ପୁନଃ ନିୟୋଜିତ କରାଯାଉଛି। ତେବେ କିଛି କ୍ଷେତ୍ରରେ ପୁନଃ ନିୟୋଜନ ପ୍ରକ୍ରିୟା ସଫଳ ହୋଇପାରୁନାହିଁ। ତେଣୁ ଆଗାମୀ ଦିନରେ ଟିସିଏସ୍ ଏକ କଷ୍ଟକର ନିଷ୍ପତ୍ତି ନେବାକୁ ପ୍ରସ୍ତୁତ ହେଉଛି, ଯାହା କମ୍ପାନୀର ୨% ଗ୍ଲୋବାଲ ୱାର୍କଫୋର୍ସକୁ ପ୍ରଭାବିତ କରିବ।

## ଚର୍ମ ଦେଇ ୮ ମାସର ଶିଶୁକୁ ବଞ୍ଚାଇଲେ ମା'

### ଅହମଦାବାଦ ବିମାନ ଦୁର୍ଘଟଣାରେ ୩୬% ଜଳି ଯାଇଥିଲା ଶିଶୁ

ଅହମଦାବାଦ, ୨୮।୭

ଗତ ଜୁନ୍ ୧୨ରେ ଗୁଜରାଟର ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ସହରର ମେଘାଣୀନଗରସ୍ଥିତ ବି.ଜେ. ମେଡିକାଲ କଲେଜର ବିଲ୍ଡିଂ ବ୍ୟାପକ କ୍ଷତିଗ୍ରସ୍ତ ହେବା ସହ ସେଠାରେ ଥିବା ଅନେକ ଲୋକ ମୃତାହତ ହୋଇଥିଲେ। ଦୁର୍ଘଟଣା ସମୟରେ ବି.ଜେ. ମେଡିକାଲ କଲେଜର ଏକ ଆବାସିକ କୋଠାରେ ମନୀଷା କଚ୍ଛାଡ଼ିଆ ନାମ୍ନୀ ଜଣେ ମହିଳା ନିଜ ୮ ମାସର ଶିଶୁପୁତ୍ର ଧ୍ୟାନ୍ସଙ୍କ ସହ ଥିଲେ। ଦୁର୍ଘଟଣାରେ ନିଆଁ ଏବଂ


୮ ମାସର ଶିଶୁପୁତ୍ର ଧ୍ୟାନ୍ସ ସହ ମନୀଷା କଚ୍ଛାଡ଼ିଆ ଓ ତାଙ୍କ ପରିବାର।

ଘନ ଧୂଆଁ ମଧ୍ୟରେ ମନୀଷା ନିଜ ଶରୀରରେ ଶିଶୁପୁତ୍ରଙ୍କୁ ଘୋଡ଼ାଇ ଏକ ଢାଲ ସ୍ୱରୂପ ସୁରକ୍ଷା ଯୋଗାଇଥିଲେ ଏବଂ ସୌଭାଗ୍ୟକ୍ରମେ ଉଭୟ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଏହି ଦୁର୍ଘଟଣାରେ ମନୀଷାଙ୍କର ମୁହଁ ଏବଂ ହାତର ୨୫% ଜଳିଯାଇଥିବା ବେଳେ ଧ୍ୟାନ୍ସଙ୍କର ମୁହଁ, ୨ ହାତ, ଛାତି, ପେଟର ୩୬% ଅଂଶ ଜଳିଯାଇଥିଲା। ସ୍ଥାନୀୟ କେଡି ହସ୍ପିଟାଲରେ ଉଭୟଙ୍କୁ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଧ୍ୟାନ୍ସଙ୍କ ଶରୀରର ପୋଡ଼ି ଯାଇଥିବା ଅଂଶର ଚର୍ମ ପ୍ରତିରୋପଣ ପାଇଁ ମନୀଷା ନିଜ ଚର୍ମ ଦାନ କରିଥିଲେ। ୫ ସପ୍ତାହ ଧରି କେଡି ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଗତ ସପ୍ତାହରେ ଉଭୟଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏହାସହ ଧ୍ୟାନ୍ସ ସବୁଠାରୁ କମ୍ ବୟସ୍କ ଭାବେ ଅହମଦାବାଦ ବିମାନ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ମନୀଷା ନିଜ ସ୍ୱାମୀ କପିଲ କଚ୍ଛାଡ଼ିଆ ଏବଂ ୮ ମାସର ଶିଶୁପୁତ୍ର ଧ୍ୟାନ୍ସଙ୍କ ସହ ବିଜେ ମେଡିକାଲ କଲେଜର ଏକ ଆବାସିକ ବିଲ୍ଡିଂରେ ରହୁଥିଲେ। କପିଲ ଉକ୍ତ ମେଡିକାଲ କଲେଜରେ ୟୁରୋଲୋଜିର ଜଣେ ଏମ୍‌ସିଏଚ୍ ଛାତ୍ର ହୋଇଥିବା ବେଳେ ଦୁର୍ଘଟଣା ସମୟରେ ସେ ଡ୍ୟୁଟିରେ ଥିଲେ।

## ଫୁରସତ୍


ମେଧା ରାଣା

### 'ବର୍ଡର ୨': ବରୁଣଙ୍କ ବିପକ୍ଷରେ ମେଧା

ମୁମ୍ବାଇ

ବହୁ ପ୍ରତୀକ୍ଷିତ 'ବର୍ଡର ୨' ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତ୍ରୀ ମେଧା ରାଣା ଯୋଡ଼ି ହୋଇଛନ୍ତି। ଫିଲ୍ମରେ ସେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ନଜରକୁ ଆସିବେ। ପ୍ରଡକ୍ସନ ହାଉସ୍ ଟି-ସିରିଜ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏହି ସୂଚନା ଦିଆଯାଇଛି। କ୍ୟାପ୍‌ଶନ୍‌ରେ ଲେଖା ହୋଇଛି, 'ବର୍ଡର ୨' ପରିବାରକୁ ଅଭିନେତ୍ରୀ ମେଧା ରାଣାଙ୍କୁ ସ୍ୱାଗତ। ସେ ଫିଲ୍ମରେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ନଜରକୁ ଆସିବେ। 'ଲଣ୍ଡନ ଫାଇଲ୍ସ' ୱେବ୍ ସିରିଜ୍ ମାଧ୍ୟମରେ ମେଧା ଅଭିନୟରେ ଡେବ୍ୟୁ କରିଥିଲେ। ୨୦୨୨ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ମେଧାଙ୍କର ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ସେହିପରି ୨୦୨୩ରେ ରିଲିଜ୍ ହୋଇଥିବା 'ଫ୍ରାଇଡେ ନାଇଟ୍ ପ୍ଲାନ୍' ଫିଲ୍ମରେ ମଧ୍ୟ ନିଜ ଦମ୍‌ଦାର ଅଭିନୟ ଦ୍ୱାରା ମେଧା ବହୁ ପ୍ରଶଂସା ସାଉଣ୍ଟିଥିଲେ। ୧୯୯୭ରେ ରିଲିଜ୍ ହୋଇଥିବା ସୁପରହିଟ୍ ଚଳଚ୍ଚିତ୍ର 'ବର୍ଡର'ର ସିକ୍ୱେଲ 'ବର୍ଡର ୨' ଆସନ୍ତା ବର୍ଷ ଜାନୁଆରୀ ୨୩ରେ ମୁକ୍ତିଲାଭ କରିବ। ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ସନି ଦେଓଲ, ଦିଲଜିତ୍ ଦୋସାଞ୍ଜ ଏବଂ ଅହାନ ପାଣ୍ଡେ ପ୍ରମୁଖ ରହିଛନ୍ତି। ଟି-ସିରିଜ୍‌ର ବ୍ୟାନରରେ ଏବଂ ଅନୁରାଗ ସିଂଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମର ଶୁଟିଂ ଜାରି ରହିଛି।

### ସବୁଠୁ ମହଙ୍ଗା ପନିର

#### ୩୬ ଲକ୍ଷରେ ନିଲାମ ହେଲା

ମାଡ୍ରିଡ୍

ସ୍ପେନ୍‌ରେ ଏକ ପନିର ଖଣ୍ଡ ୩୬ ହଜାର ୟୁରୋ (ପ୍ରାୟ ୩୬ ଲକ୍ଷ ଟଙ୍କା)ରେ ନିଲାମ ହୋଇଛି। ଏହାସହ ଉକ୍ତ ପନିର ଖଣ୍ଡ ବିଶ୍ୱର ସବୁଠାରୁ ମହଙ୍ଗା ଛେନା ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନ ପାଇଛି। ଜିଡବ୍ଲ୍ୟୁଆର୍ ଅନୁଯାୟୀ, ଏହି ପନିର ଖଣ୍ଡର ଓଜନ ପ୍ରାୟ ୨.୩ କେ.ଜି. ହୋଇଥିବା ବେଳେ ଏହା ଗାଈ କ୍ଷୀରରୁ ତିଆରି। ସମୁଦ୍ର ପତ୍ତନଠାରୁ ପ୍ରାୟ ୧,୫୦୦ ମିଟର ଉଚ୍ଚରେ ଅବସ୍ଥିତ ସ୍ପେନ୍‌ର ଲସ୍ ମାଜୋସ୍ ଗୁମ୍ଫାରେ ପ୍ରାୟ ୧୦ ମାସ ଧରି ଏହି ଛେନାକୁ ପରିପକ୍ୱ କରାଯାଇଥିଲା। ଅନେକ ବର୍ଷ ଧରି ଲସ୍ ମାଜୋସ୍ ଗୁମ୍ଫାକୁ ପାରମ୍ପରିକ ଭାବରେ କାବ୍ରାଲେସ୍ ଚିଜ୍‌କୁ ପରିପକ୍ୱ କରିବା ପାଇଁ ବ୍ୟବହାର କରାଯାଇ ଆସୁଛି। ଏହି ଗୁମ୍ଫାରେ ପରିପକ୍ୱ ହେବାର ପ୍ରକ୍ରିୟା ଦ୍ୱାରା ପନିରଗୁଡ଼ିକ ସବୁଜ-ନୀଳ ରଙ୍ଗର ହେବା ସହ ଏହାର ସ୍ୱାଦ ତୀକ୍ଷ୍ଣ ଏବଂ




ସାମାନ୍ୟ ଲୁଣିଆ ରହିଥାଏ, ଯାହା ଗ୍ରାହକଙ୍କୁ ଆକୃଷ୍ଟ କରିଥାଏ। ଏହି ଅନନ୍ୟ ପନିରକୁ ସ୍ପେନ୍‌ର ଆସ୍ତୁରିଆସ୍‌ଠାରେ ରେଗୁଲେଟୋରି କାଉନ୍‌ସିଲ ଡିଓପି କାବ୍ରାଲେସ୍ (ସ୍ପେନ୍) ଦ୍ୱାରା ଆୟୋଜିତ ଏକ ନିଲାମ ପ୍ରକ୍ରିୟାରେ ବିକ୍ରି କରାଯାଇଥିଲା। ଆଞ୍ଜେଲ ଡିଆଜ୍ ହେରେରୋ ଚିଜ୍ ଫ୍ୟାକ୍ଟ୍ରି ଦ୍ୱାରା ଏହି ପନିର ପ୍ରସ୍ତୁତ କରାଯାଇଥିଲା। ମେଜୋର କ୍ୱାର୍ସୋ ଡେଲ୍ ସର୍ଟାମେନ ପ୍ରତିଯୋଗିତାରେ ଏହି ପନିର ଶ୍ରେଷ୍ଠ ପନିର ଭାବେ ପୁରସ୍କାର ଜିତିଥିବାରୁ ଏହାର ନିଲାମ କରାଯାଇଥିଲା। ପ୍ରତିବର୍ଷ ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପନିରକୁ ନିଲାମ କରାଯାଇ ସର୍ବାଧିକ ନିଲାମଦାତାଙ୍କୁ ବିକ୍ରି କରାଯାଇଥାଏ।

ଚଳିତ ଥର ଏହି ନିଲାମ ପ୍ରକ୍ରିୟା ୩ ହଜାର ୟୁରୋରୁ ଆରମ୍ଭ ହୋଇଥିଲା। ନିଜର ତୀବ୍ର ସୁଗନ୍ଧ ଏବଂ ତୀକ୍ଷ୍ଣ ସ୍ୱାଦ ପାଇଁ ଏହି ପନିରକୁ ଶେଷରେ ଆସ୍ତୁରିଆସ୍ଥିତ ଏଲ୍ ଲାଗାର ଡେ କୋଲୋଟୋ ରେଷ୍ଟୁରାଣ୍ଟର ମାଲିକ ଇଭାନ ସୁଆର୍‌ଜେ ପ୍ରାୟ ୩୬ ଲକ୍ଷ ଟଙ୍କାରେ କିଣିଥିଲେ।




# ଜମି ଦେବାକୁ କହି ମନ୍ତ୍ରୀଙ୍କୁ ୨୫ ଲକ୍ଷ ଟଙ୍କା ଠକେଇ

## ଓକିଲଙ୍କ ଜରିଆରେ ଥାନାରେ ଅଭିଯୋଗ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ

ଢେଙ୍କାନାଳ,୨୮।୭(ରତନ ନାୟାର)

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜମି ଦେବାକୁ କହି ୨୫ଲକ୍ଷ ଟଙ୍କା ଠକେଇ କରାଯିବା ଘଟଣା ଢେଙ୍କାନାଳ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଗତ ୨୬ ତାରିଖରେ ମନ୍ତ୍ରୀ ପାତ୍ର ତାଙ୍କ ଓକିଲଙ୍କ ଜରିଆରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଟାଉନ ଥାନାରେ ନଂ. ୫୦୦/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଟଙ୍କା ଦେବା ବାବଦ କାଗଜପତ୍ରକୁ ପୋଲିସ ଜବତ କରି ଏ ସଂକ୍ରାନ୍ତରେ ତନାଘନା ଚଳାଇଛି।

ଅଭିଯୋଗରୁ ଜଣାପଡ଼ିଛି, ଢେଙ୍କାନାଳ ସଦର ଥାନା ବଣସିଂହ ଅଞ୍ଚଳର ନିରଞ୍ଜନ ଶତପଥୀ ୨୦୨୧ ମସିହାରେ କୃଷ୍ଣଚନ୍ଦ୍ରଙ୍କୁ ଏକ ଜମି ଦେବାକୁ କହି ତାଙ୍କଠାରୁ ଅଗ୍ରୀମ ୨୫ ଲକ୍ଷ ଟଙ୍କା ନେଇଥିଲେ। ଏହାପରେ ସେ ଜମି ଦେଲେ ନାହିଁ କି ଟଙ୍କା ମଧ୍ୟ ଫେରାଇଲେ ନାହିଁ। ଜମି ଦେବାକୁ କୃଷ୍ଣଚନ୍ଦ୍ର ବାରମ୍ବାର କହିବା ସତ୍ତ୍ୱେ ନିରଞ୍ଜନ ଜମି ଦେଇ ନ ଥିଲେ।


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଏପରି କି ନିରଞ୍ଜନ ଦେଇଥିବା ୨ଟି ଚେକ୍ ବାଉନ୍ସ ହୋଇଯାଇଥିଲା। ଫଳରେ ଚେକ୍ ବାଉନ୍ସ ନେଇ ନିରଞ୍ଜନଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ସେଥିରେ ସେ ଜାମିନରେ ଆସିଥିବା ନିରଞ୍ଜନଙ୍କ ସୂଚନାରୁ ଜଣାପଡ଼ିଛି। ଏହି ଘଟଣା ସୋମବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏ ସଂକ୍ରାନ୍ତରେ ଟାଉନ ଥାନା ପୋଲିସ ତଦନ୍ତ ଜାରି ରଖିଛି। ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି, ଅଭିଯୋଗ ପାଇଛୁ। ଥାନାରେ ମାମଲା ରୁଜୁ ହୋଇଛି। କାଗଜପତ୍ରକୁ ଯାଞ୍ଚ କରାଯାଉଛି।


# ଖର୍ଚ୍ଚ ହୋଇପାରୁନି ଆଦିବାସୀଙ୍କ ଶିକ୍ଷା, ସଂସ୍କୃତି ଗବେଷଣା ପାଣ୍ଠି

ଭୁବନେଶ୍ୱର,୨୮।୭
(ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ସହିତ ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା ପ୍ରଣୟନ କରାଯାଇଛି। ଏଥିପାଇଁ ରାଜ୍ୟ ବଜେଟ୍‌ରେ ବ୍ୟାପକ ଅର୍ଥର ବ୍ୟବସ୍ଥା କରାଯାଉଛି। ଏହାବାଦ୍ ଅନ୍ୟାନ୍ୟ ଉତ୍ସରୁ ମଧ୍ୟ ସରକାର ପାଣ୍ଠି ଯୋଗାଇ ଦେଉଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ସେମାନଙ୍କ ପାଇଁ ବିଭିନ୍ନ ଉତ୍ସରୁ ବ୍ୟବସ୍ଥା ହେଉଥିବା ଅର୍ଥର ସୁବିନିଯୋଗ ହୋଇପାରୁନାହିଁ। ଫଳରେ ସେମାନଙ୍କ ସାଂସ୍କୃତିକ ବିକାଶ ବାଧାପ୍ରାପ୍ତ ହେବା ସହିତ ଶିକ୍ଷା ଓ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ଼ ହୋଇପାରୁନାହିଁ। ପରିସ୍ଥିତି ଏପରି ହୋଇଛି ଯେ, ଯେଉଁ ଉତ୍ସରୁ ଟଙ୍କା ମଞ୍ଜୁର ହେଉଛି ତାହା ଠିକଣା ବାଟରେ ଖର୍ଚ୍ଚ ନ ହେବା ଯୋଗୁ ଏବେ ସୁଧ ଗଣିବାକୁ ସରକାର ଏକପ୍ରକାର ବାଧ୍ୟ ହେଉଛନ୍ତି। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଖବର ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ)ଙ୍କ ପତ୍ରରୁ ଜଣାଯାଇଛି।

ଓଏମ୍‌ବିଏଡିସି ସିଇଓ ରୋହିତ କୁମାର ଲେଙ୍କା ଚଳିତମାସ ୨୨ରେ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ଲେଖି ବିନିଯୋଗ ହୋଇ ନ ଥିବା ଖର୍ଚ୍ଚ ସୁଧ ସମେତ ଫେରାଇବାକୁ ଦର୍ଶାଇଛନ୍ତି। ସେ ପତ୍ରରେ ଉଲ୍ଲେଖ କରିଛନ୍ତି, ଜନଜାତିଙ୍କ ସଂସ୍କୃତି ଗବେଷଣା ଲାଗି ଓଏମ୍‌ବିଏଡିସି ପକ୍ଷରୁ ପ୍ରଦାନ କରାଯାଇଥିବା ଅର୍ଥ ମଧ୍ୟରୁ ବଳକା ଥିବା ୭ଲକ୍ଷ ୭୦ହଜାର ୬୩୧ ଟଙ୍କା ଓ ଏହାର ସୁଧ ସହିତ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ଲାଗି ପ୍ରଦାନ କରାଯାଇଥିବା ୧୦କୋଟି ୬୪ ଲକ୍ଷ ୭୦ହଜାର ୫୦୭ଟଙ୍କା ଫେରସ୍ତ କରାଯାଉ।

### ସୁଧ ସହ ୧୦.୭୫କୋଟି ମାଗିଲା 'ଓଏମ୍‌ବିଏଡିସି'


Rohita Kumar Lenka, IFS
CHIEF EXECUTIVE OFFICER

OMBADC

No.1606 /OMBADC-26/2021 (F.Y-2024-25) Dated. 22nd July 2025

To
The Principal Secretary to Govt.,
ST & SC Development, Minorities & Backward Classes Welfare Department,
Government of Odisha.

Sub: Refund of unspent funds released under compensation funds component of OMBADC for the project "Research Activities pertaining to Tribal Culture"-regarding.

Ref: This office letter No. 1153 dtd. 29.05.2025 & No. 1155 dtd. 29.05.2025.

Sir,

In inviting reference to the letters cited above on the captioned subject, this is to bring to your kind notice that it was requested by this office to refund the unutilized amount of Rs.7,70,631.00 along with interest in respect of the project "Research Activities pertaining to Tribal Culture". The said amount is yet to be refunded to OMBADC. Further, an amount of Rs.10,64,70,507.00 was also requested for refund in respect of the project "Development of Education Infrastructure for ST & SC Students of SC & ST Dept. Schools" and the said amount has also not been refunded to OMBADC.

In view of the said fact, it is once again requested to refund the unutilized balance amount of Rs.7,70,631.00 and Rs.10,64,70,507.00 along with the accrued interest and the "up-to-date interest certificate", for the year 2023-24 and 2024-25 to OMBADC in the account as provided here under. The said amount may kindly be refunded back to OMBADC on or before 31.07.2025.

Bank Name: Union Bank of India
Branch Name: Main Branch, Ashok Nagar, Bhubaneswar
A/c No.:380802050000212
IFSC: UBIN0538086

Yours faithfully
Chief Executive Officer
OMBADC

Memo No.1607 Dt. 22-07-2025
Copy forwarded to the Director, SCST Research & Training Institute / the Director ST, Odisha Tribal Development Society/ the Nodal Officer (OMBADC Project), ST & SC Development, Minorities & Backward Classes Welfare Department, Odisha for information and necessary action.

Chief Executive Officer
OMBADC

ODISHA MINERAL BEARING AREAS DEVELOPMENT CORPORATION
(A SPV of Government of Odisha), CIN-U75100OR2014NPL018478
Regd. Off: Aranya Bhawan, 1st Floor, GD-2/12, Chandrasekharpur, Bhubaneswar-23, Odisha
E-mail : ombadc@gmail.com, Phone: (0674) 2300488, Website: www.ombadc.in

ଓଏମ୍‌ବିଏଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେଇଥିବା ପତ୍ରର ନକଲ।

ରୋହିତ ପତ୍ରରେ ଦର୍ଶାଇଛନ୍ତି, ଆଦିବାସୀଙ୍କ ସଂସ୍କୃତିର ଅଧିକ ଗବେଷଣା ଓ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ଲାଗି ଓଏମ୍‌ବିଏଡିସି ପକ୍ଷରୁ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଯେଉଁ ଅର୍ଥ ପ୍ରଦାନ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରି ନାହିଁ। ତେଣୁ ସଂସ୍କୃତି ଗବେଷଣା ଲାଗି ବିନିଯୋଗ ହୋଇ ନ ଥିବା ୭ଲକ୍ଷ ୭୦ହଜାର ୬୩୧ ଏବଂ ଶିକ୍ଷା ଭିତ୍ତିଭୂମି ଲାଗି ପ୍ରଦାନ କରାଯାଇଥିବା ୧୦.୬୪କୋଟି ଟଙ୍କା ସୁଧ ସହିତ ଫେରାଅ। ଚଳିତମାସ ୩୧ ତାରିଖ ସୁଦ୍ଧା ଏହାର ଅଦ୍ୟତନ ସୁଧ ସହିତ ସମସ୍ତ ଟଙ୍କା ଫେରାଇବାକୁ ସିଇଓ ରୋହିତ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ବିଭାଗୀୟ ସଚିବ ଏବେ ଅଡ଼ୁଆରେ ପଡ଼ିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ସୁନ୍ଦରଗଡ଼, କେନ୍ଦୁଝର, ଯାଜପୁର ଭଳି ୮ଟି ଖଣିଜ ଜିଲାର ୭୬ଟି ବ୍ଲକ ଏବଂ ୭୬୨୬ ଗ୍ରାମର ବିକାଶ ଲାଗି ଓଏମ୍‌ବିଏଡିସି ପାଣ୍ଠି ଖର୍ଚ୍ଚ ହୋଇଥାଏ। ଏହି ଅର୍ଥରେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ପରିବେଶ ଓ ଗ୍ରାମ୍ୟ ଉନ୍ନୟନ ଭିତ୍ତିଭୂମି ସୁଦୃଢ଼ ଲାଗି ଅର୍ଥ ଖର୍ଚ୍ଚ କରାଯାଇଥାଏ।

# ୧୧୦୦ରୁ ଊର୍ଦ୍ଧ୍ୱ ଗୁହାରି ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୭
(ରବିନାରାୟଣ ଜେନା)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରତି ଲୋକଙ୍କ ଆଶା ଓ ଭରସା ଦିନକୁ ଦିନ ବୃଦ୍ଧି ପାଉଛି। ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ଜନଶୁଣାଣି ପୋର୍ଟାଲ ଖୋଲିବା ମାତ୍ରେ ଗୋଟିଏ ଦିନରେ ୧ହଜାର ଆବେଦନକାରୀ ତାଙ୍କର ନାମ ପଞ୍ଜୀକରଣ କରିଦେଉଛନ୍ତି। ଅବଶିଷ୍ଟଙ୍କୁ ସାକ୍ଷାତରେ ହିଁ ଅଭିଯୋଗ ଶୁଣାଣି କରାଯାଉଛି ବୋଲି ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରୁ ଜଣାଯାଇଛି। ଅଭିଯୋଗ ନେଇ ଆସିଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଶ୍ୱାସନାଭରା କଥା ଗଭୀର ଭାବେ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସିଙ୍ଗିଲ୍ ୱିଣ୍ଡୋ ଜରିଆରେ ଅସାଧ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଏଥି ନିମନ୍ତେ ବରିଷ୍ଠ ଡାକ୍ତରୀ ଟିମ୍ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହୁଛନ୍ତି। ଆଜି ୩ଜଣଙ୍କୁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯାଇଛି। ଚଳିତବର୍ଷ ଆରମ୍ଭରୁ ଅଦ୍ୟାବଧି ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୫୧ ଜଣଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇସାରିଲାଣି।


ବିଭିନ୍ନ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ବିଭିନ୍ନ ବିଭାଗର ମନ୍ତ୍ରୀ।

ସୂଚନାଯୋଗ୍ୟ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୧,୫୧୬ଟି ଅଭିଯୋଗ ମଧ୍ୟରୁ ୧୦,୫୦୨ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡ଼ା ୯୧ ପ୍ରତିଶତ। ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

# ବିଷ୍ଣୁ ସେଠୀଙ୍କ ଆଗୁଆ ଜାମିନ ଆବେଦନ ଖାରଜ

କଟକ,୨୮।୭(କାର୍ତ୍ତିକ ସାହୁ)

ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଯାଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ ଭି. ନରସିଂହ ସୋମବାର ରାୟ ପ୍ରକାଶ କରି ଆବେଦନ ଖାରଜ କରିବା ସହ ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ଫଳରେ ଏବେ ବିଷ୍ଣୁପଦଙ୍କ ଗିରଫଦାରି ଆଶଙ୍କା ବଢ଼ିଯାଇଛି।

ସୂଚନାନୁସାରେ, ଲାଞ୍ଚ କାରବାରରେ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ(ସିବିଆଇ) ବିଷ୍ଣୁପଦଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ମାମଲାକୁ ଖାରଜ କରିବା ସହ ଆଗୁଆ ଜାମିନ ପାଇବା ପାଇଁ ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁଲାଇ ୩ ତାରିଖରେ ମାମଲାର ଶୁଣାଣି କରି ହାଇକୋର୍ଟ ବିଷ୍ଣୁପଦଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ବ୍ରିଜ୍ ଆଣ୍ଡ ରୁଫ କର୍ପୋରେଶନ ଲିମିଟେଡ ସମ୍ପର୍କିତ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ କରି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲା। ବିଷ୍ଣୁପଦ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଆକାଉଣ୍ଟକୁ ସିବିଆଇ ପକ୍ଷରୁ ଅଚଳ କରି ଦିଆଯାଇଥିଲା। ଏହି ଘଟଣାରେ ବିନା କାରଣରେ ତାଙ୍କୁ ଓ ତାଙ୍କ ପରିବାରକୁ ଟଣାଯାଉଛି ବୋଲି ବିଷ୍ଣୁପଦ ହାଇକୋର୍ଟରେ ଦର୍ଶାଇବା ସହ ତାଙ୍କୁ ଜାମିନ ପ୍ରଦାନ ସହ ତାଙ୍କ ବିରୋଧରେ ହୋଇଥିବା ମାମଲାକୁ ଖାରଜ କରିବାକୁ ଆବେଦନ କରିଥିଲେ। ଅଦାଲତରେ ସିବିଆଇ କେଶ୍‌ଡାଏରୀ ଓ ତଦନ୍ତର ସ୍ଥିତି ଦାଖଲ କରିଥିଲା। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଗତ ୧୮ ତାରିଖରେ ଅଦାଲତ ରାୟକୁ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ଓ ସିବିଆଇ ପକ୍ଷରୁ ସ୍ପେଶାଲ ପିପି ସାର୍ଥକ ନାୟକ ମାମଲା ପରିଚାଳନା କରୁଥିଲେ।

# ଆଜି ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ଆସନ୍ତାକାଲି (ମଙ୍ଗଳବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ। ଏହି ସମୟରେ ପ୍ରପୀଡ଼ିତଙ୍କୁ କିଭଳି ଉଦ୍ଧାର କରାଯାଇଛି ତା'ର ମଧ୍ୟ ସମୀକ୍ଷା କରିବେ। ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ସହାୟତା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ୬ଟି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଥିମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ପ୍ରଭୃତି ରହିଛି। ଯେତେ ଦିନ ପର୍ଯ୍ୟନ୍ତ ଲୋକେ ରିଲିଫ ସେଣ୍ଟରରେ ଅଛନ୍ତି ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆସନ୍ତାକାଲି(ମଙ୍ଗଳବାର) ପାଗ ଅନୁକୂଳ ହେଲେ ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ ବୋଲି ରାଜସ୍ୱମନ୍ତ୍ରୀ ସୂଚନା ଦେଇଛନ୍ତି।

# ତୃତୀୟ ଥର ପାଇଁ ବଳଙ୍ଗା ପୀଡ଼ିତାଙ୍କ ଅସ୍ତ୍ରୋପଚାର

- ବାପା, ପିଉସୀଙ୍କୁ ପୁଣି ଜେରା କଲା ପୋଲିସ
- ଘର ଆଗରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା

ବଳଙ୍ଗା,୨୮।୭ (କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ବଳଙ୍ଗା ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କୁ ଜାଳିଦେବା ଘଟଣାର ୧୦ଦିନ ପୂରିଲାଣି। ହେଲେ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରିନାହିଁ। ପୋଲିସର ସ୍ୱତନ୍ତ୍ର ଟିମ୍ ଓ କ୍ରାଇମବ୍ରାଞ୍ଚ ଏହି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପଟେ ସୋମବାର ଦିଲ୍ଲୀ ଏମ୍ସରେ ତୃତୀୟ ଥର ପାଇଁ ପୀଡ଼ିତାଙ୍କ ଅସ୍ତ୍ରୋପଚାର କରାଯାଇଛି। ତାଙ୍କ ପାଇଁ ଆମେରିକାରୁ ୯ଲକ୍ଷ ଟଙ୍କାର ଔଷଧ ଅଣାଯାଇଥିବା କୁହାଯାଉଛି। ଅସ୍ତ୍ରୋପଚାର ପରେ ସେ ସୁସ୍ଥତା ଅନୁଭବ କଲେ ଦିଲ୍ଲୀ ଯାଇଥିବା ବଳଙ୍ଗା ପୋଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ ତୃତୀୟ ଥର ପାଇଁ ତାଙ୍କର ବୟାନ ରେକର୍ଡ କରିବ। କାରଣ ପୀଡ଼ିତା ପୂର୍ବରୁ ଭୁବନେଶ୍ୱର ଏମ୍ସ ଏବଂ ଦିଲ୍ଲୀ ଏମ୍ସରେ ଦେଇଥିବା ବୟାନରେ ତାଳମେଳ ରହୁ ନ ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ତେଣୁ ପୁଣି ଥରେ ତାଙ୍କ ପରିବାର ସଦସ୍ୟ, ମାଜିଷ୍ଟ୍ରେଟ୍ ଓ ଡାକ୍ତରଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯିବ। ତେବେ ସୋମବାର ଦିଲ୍ଲୀ ଏମ୍‌ସରେ ଥିବା ପୀଡ଼ିତାଙ୍କ ବାପା ଓ ପିଉସୀଙ୍କୁ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ପୋଲିସ ପୁନର୍ବାର ପଚରାଉଚରା କରିଛି। ମଙ୍ଗଳବାର ପୀଡ଼ିତାଙ୍କୁ ପଚରାଉଚରା କରାଯିବା ସହ ତାଙ୍କ ବୟାନ ରେକର୍ଡ କରାଯାଇପାରେ। ସମ୍ପ୍ରତି ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ନୂଆଗୋପାଳପୁରସ୍ଥିତ ପୀଡ଼ିତାଙ୍କ ଘର ସମ୍ମୁଖରେ ୨୪ ଘଣ୍ଟିଆ ପୋଲିସ ମୁତୟନ କରାଯାଇ କଡ଼ା ସୁରକ୍ଷା ଯୋଗାଇ ଦିଆଯାଉଛି। ଦୁଇଟି ଶିଫ୍ଟରେ ସକାଳ ୬ରୁ ରାତି ୧୦ଟା ଏବଂ ରାତି ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ପୋଲିସ କର୍ମଚାରୀ ଜଗିରହିବା ସହ ସନ୍ଦିଗ୍ଧଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି।


ପୀଡ଼ିତାଙ୍କ ଘର ଆଗରେ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

# ସତର୍କ ସଙ୍କେତ ତଳେ ଜଳକା, ସୁବର୍ଣ୍ଣରେଖା


ବନ୍ୟାଞ୍ଚଳ ବୁଲି ଦେଖିଲେ ଅତିରିକ୍ତ ଏସ୍‌ଆର୍‌ସି, ଜିଲାପାଳ ଓ ଏସ୍‌ପି।

- ୪ ବ୍ଲକର ୧୮ ହଜାର ଲୋକ ପ୍ରଭାବିତ
- ବନ୍ୟାଞ୍ଚଳ ପରିଦର୍ଶନ କଲେ ଅତିରିକ୍ତ ଏସ୍‌ଆର୍‌ସି, ଜିଲାପାଳ

ବାଲେଶ୍ୱର, ୨୮।୭
(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ଜଳକା ଓ ସୁବର୍ଣ୍ଣରେଖାରେ ବନ୍ୟା ଯୋଗୁ ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକରେ ପରିସ୍ଥିତି ଦୟନୀୟ ହୋଇଛି। ଏହି ୪ଟି ବ୍ଲକର ୧୬ଟି ପଞ୍ଚାୟତର ୪୫ ଗାଁ ପାଣିଘେରରେ ରହିଛି। ୧୮ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି।

ସୋମବାର ଜଳକା ଓ ସୁବର୍ଣ୍ଣରେଖାର ଜଳସ୍ତର ସତର୍କସଙ୍କେତ ତଳେ ପ୍ରବାହିତ ହେଉଥିଲେ ହେଁ ଜନସାଧାରଣଙ୍କ ଦୁର୍ଦ୍ଦଶା କମିନାହିଁ। ବସ୍ତା ବ୍ଲକ ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ୬.୫୦ମିଟର ଓ ସତର୍କ ସଙ୍କେତ ୬ମିଟର ରହିଥିବା ବେଳେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୫.୯୬ ମିଟରରେ ପ୍ରବାହିତ ହେଉଛି। ସେହିପରି ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦସଙ୍କେତ ୧୦.୩୬ ମିଟର ଓ ସତର୍କ ସଙ୍କେତ ୯.୪୫ମିଟର ଥିବା ବେଳେ ରବିବାର ରାତି ୯ଟା ସୁଦ୍ଧା ୧୧.୨୫ ମିଟରରେ ପ୍ରବାହିତ ହେଉଥିଲା। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୯.୧୫ମିଟରରେ ପ୍ରବାହିତ ହେଉଛି। ସତର୍କ ସଙ୍କେତ ତଳେ ଦୁଇ ନଦୀର ଜଳସ୍ତର ପ୍ରବାହିତ ହେଉଥିଲେ ହେଁ ବନ୍ୟା ଯୋଗୁ ୪ ବ୍ଲକର ପ୍ରଭାବିତ ଗାଁରେ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସ୍‌ଆର୍‌ସି ଡିକେ ସିଂ ନିୟମିତ ବନ୍ୟା ସ୍ଥିତିର ସମୀକ୍ଷା ସହ ବାଲେଶ୍ୱର ଜିଲାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି। ଅତିରିକ୍ତ ଏସ୍‌ଆର୍‌ସି ମନୀଷ ଅଗ୍ରୱାଲ (ଆଇଏଏସ୍), ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜପ୍ରସାଦ ୪ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ନିମନ୍ତେ ସବୁ ପ୍ରକାର ପ୍ରସ୍ତୁତି କରାଯାଇଛି। ପ୍ରଭାବିତ ବ୍ଲକଗୁଡ଼ିକରେ ୪ଜଣ ବରିଷ୍ଠ ଅଧିକାରୀଙ୍କୁ ବନ୍ୟା ସ୍ଥିତି ଅନୁଧ୍ୟାନ ପାଇଁ ନିୟୋଜିତ କରାଯାଇଛି। ୪ ବ୍ଲକରେ ୫,୧୯୨ ଜଣଙ୍କୁ ଉଦ୍ଧାର କରାଯାଇ ୧୬ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି। ସମସ୍ତଙ୍କୁ ମାଗଣା ରନ୍ଧା ଖାଦ୍ୟ ସହ ୨୫୦ କୁଇଣ୍ଟାଲ ଚୁଡ଼ା, ୨୫ କୁଇଣ୍ଟାଲ ଗୁଡ଼ ଦିଆଯାଇଛି। ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଦ୍ୱାରା ୧ଲକ୍ଷ ୩୯ହଜାର ପାଣି ବୋତଲ ପ୍ରଦାନ କରାଯାଇଛି। ଏଥିସହ ୧୨ଟି ପାଣି ଟ୍ୟାଙ୍କର ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଛି। ୫୧ଟି ଜଳ ଉତ୍ସକୁ ବିଶୁଦ୍ଧ କରାଯାଇଛି। ସ୍ୱାସ୍ଥ୍ୟ ଟିମ୍ ପକ୍ଷରୁ ଘରେ ଘରେ ଔଷଧ, ଓଆର୍‌ଏସ୍ ବଣ୍ଟନ କରାଯାଇଛି। ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଶତାଧିକ ଗୃହପାଳିତ ପ୍ରାଣୀଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ସେବା ଓ ଟୀକାକରଣ ହୋଇଛି।



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ୨୦ତମ ଗୁରୁ ଦକ୍ଷିଣା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ: ୪ଟା।

### ବାଲେଶ୍ୱର
- ସ୍ୱଚ୍ଛ ଭାରତ ଅଭିଯାନ, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ଜିଲା ରାଜସ୍ୱ ଅଧିକାରୀଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦୁଝର
- ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଏଲକଣା, ଛେନାପଦି, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ ଟା।

### ମୟୂରଭଞ୍ଜ
- ଅମର୍ଦା ଏୟାରଷ୍ଟ୍ରିପ୍ ପୁନରୁଦ୍ଧାର ନିମନ୍ତେ ସ୍ୱତନ୍ତ୍ର ବୈଠକ,ସ୍ଥାନ:ହରେକୃଷ୍ଣପୁର, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିରୋଧ କର୍ମଶାଳା,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା।

### ଗଞ୍ଜାମ
- ସିଭିଲ ଜଜ୍(ସିନିୟର ଡିଭିଜନ)କୋର୍ଟ ଉଦଘାଟନ, ସ୍ଥାନ: ପୋଡ଼ାମାରି ରୋଡ଼,ଦିଗପହଣ୍ଡି, ସିଭିଲ କୋର୍ଟ କମ୍ପ୍ଲେକ୍ସ, ସମୟ: ସକାଳ ୯ଟା ୩୦।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ଜିଲାବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ଉପକରଣ ବଣ୍ଟନ, ସ୍ଥାନ: ରଣପୁର ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ନୟାଗଡ଼ ମେଡିକାଲ କଲେଜ ସମ୍ପର୍କରେ ଆଲୋଚନା ଚକ୍ର ସ୍ଥାନ: ନୟାଗଡ଼ ପୂର୍ତ୍ତ ବିଭାଗ ବଙ୍ଗଳା, ସମୟ: ଅପରାହ୍ନ ୩ଟା।
- ପଞ୍ଚାୟତର ମାସିକ ବୈଠକ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧।

### ରାୟଗଡ଼ା
- ହଷ୍ଟେଲ ହିସାବ ରକ୍ଷକ ଏବଂ ୱାର୍ଡେନଙ୍କ ମୌଖିକ ପରୀକ୍ଷା, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ
- ଆକାଂକ୍ଷା ଜିଲା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜିଲା ପରିଷଦର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୬ଟା।

### ମାଲକାନଗିରି
- ହକି ଖେଳାଳିଙ୍କ ଚୟନ ଶିବିର, ସ୍ଥାନ: ମାଲକାନଗିରି ଜିଲା କ୍ରୀଡ଼ା କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୯ଟା ୩୦।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁରୀ ଦିନ୍ ସକାଶେ ସମ୍ବଲପୁରୀ ଏକତା ମଞ୍ଚର ବୃତାନ୍ତ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।

### ରାଉରକେଲା
- ଆଦର୍ଶ ପାଠାଗାରରେ ସଦସ୍ୟ ନିର୍ବାଚନ, ସ୍ଥାନ: ସେକ୍ଟର-୫, ସମୟ: ପୂର୍ବାହ୍ନ ୧୦ଟା।
- ଆରାଧ ପକ୍ଷରୁ ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦।

### କଳାହାଣ୍ଡି
- ଶିକ୍ଷା ଚେତନା ଅଭିଯାନ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ରକ୍ଷାବନ୍ଧନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

### ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ସୋନପୁର ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପୌର୍ଣ୍ଣମାସୀଙ୍କ ମନ୍ଦିରରେ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୪୦।

# ବିଚ୍ଛିନ୍ନାଞ୍ଚଳ ପିଲାଙ୍କୁ ମିଳୁନି ଓଡ଼ିଆ ବହି

ଭୁବନେଶ୍ୱର,୨୮।୭(ସୁଚିସ୍ମିତା ସାହୁ)

ଓଡିଶାର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଯାଉନାହିଁ। ସେଠାରେ ରହୁଥିବା ପିଲାମାନେ ବର୍ଷ ବର୍ଷ ଧରି ଓଡିଆ ପାଠପଢ଼ାରୁ ବଞ୍ଚିତ ହେବା ସହ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ସବୁବେଳେ ଓଡିଆ ଅସ୍ମିତାର କଥା କହୁଛନ୍ତି। ଓଡ଼ିଆ ଭାଷା ଓ କଳାସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡିଛନ୍ତି। ଏପରିକି ସମସ୍ତ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଓଡିଆ ଭାଷାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଝାଡ଼ଖଣ୍ଡ ଅଧୀନରେ ଥିବା ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ପରିବାର ଓ ସେମାନଙ୍କ ପିଲାମାନେ ଓଡିଆ ଅସ୍ମିତାକୁ ନେଇ ଗର୍ବ କରିବାକୁ ସୁଯୋଗ ନାହିଁ। ଓଡ଼ିଶା ସରକାର ତଥା ପ୍ରଶାସନିକ ସ୍ତରରେ ସେମାନଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ବିଶେଷକରି ଓଡ଼ିଆ ପିଲା ମାତୃଭାଷାରେ ପାଠପଢ଼ିବାକୁ ବହି ପାଉନାହାନ୍ତି। ସେମାନେ ପୁରୁଣା ପାଠ୍ୟକ୍ରମ ପଢୁଥିବାବେଳେ ୯ମ ଶ୍ରେଣୀରୁ ସ୍ନାତକ ଡିଗ୍ରୀ ପର୍ଯ୍ୟନ୍ତ ପିଲାମାନେ ବିନା ବହିରେ ଓଡିଆ ଭାଷା ପରୀକ୍ଷା ଦେଉଛନ୍ତି। ଏନେଇ ଝାଡ଼ଖଣ୍ଡର ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଅଧିବାସୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବା ସହ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

## ପଢୁଛନ୍ତି ପୁରୁଣା ପାଠ୍ୟକ୍ରମ

ସେମାନେ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଚ୍ଛିନ୍ନାଞ୍ଚଳର ପିଲାଙ୍କ ପାଖରେ ନୂଆ ଓଡ଼ିଆ ସାହିତ୍ୟ ବହି ଉପଲବ୍ଧ ହେଉ ନାହିଁ। ବର୍ତ୍ତମାନ ଓଡ଼ିଶାରେ ପ୍ରଚଳିତ ପାଠ୍ୟକ୍ରମର ଓଡ଼ିଆ ସାହିତ୍ୟ ବହି ଯଦି ଝାଡ଼ଖଣ୍ଡ ସରକାର ଗ୍ରହଣ କରନ୍ତେ, ତେବେ ଛାତ୍ରୀଛାତ୍ର ଓଡ଼ିଆ ମାତୃଭାଷା ରଖି ପଢି ପାରନ୍ତେ। ତେଣୁ ଅନୁଗ୍ରହ କରି ଓଡ଼ିଶା ସରକାର ଝାଡ଼ଖଣ୍ଡ ସରକାରଙ୍କ ସହ ବୁଝାମଣା କରି ଓଡ଼ିଶାରେ ପ୍ରଚଳିତ ନୂତନ ପାଠ୍ୟକ୍ରମର ଓଡ଼ିଆ ସାହିତ୍ୟ ବହି ଝାଡଖଣ୍ଡରେ ପ୍ରଚଳନ କରାଯାଉ। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ମାତୃଭାଷା ରଖି ପଢୁଥିବା ଛାତ୍ରୀଛାତ୍ର ନବମ ଶ୍ରେଣୀରୁ ସ୍ନାତକ ଡିଗ୍ରୀ ପର୍ଯ୍ୟନ୍ତ ଓଡ଼ିଆ ପୁସ୍ତକ ପାଇପାରୁ ନାହାନ୍ତି। ସେମାନେ ବିନା ଓଡ଼ିଆ ପୁସ୍ତକରେ ପରୀକ୍ଷା ଦେଉଛନ୍ତି। ଏହାଦ୍ୱାରା ଓଡ଼ିଆ ମାତୃଭାଷାଠାରୁ ପିଲାମାନେ ଦୂରେଇ ଯାଉଛନ୍ତି। ଓଡ଼ିଶା ସରକାର ଯେପରି ଆନ୍ଧ୍ରପ୍ରଦେଶରେ ସମ୍ପୂର୍ଣ୍ଣ ଓଡ଼ିଆ ବହି ଯୋଗାଇ ଦେଉଛନ୍ତି, ସେହିପରି ଝାଡ଼ଖଣ୍ଡରେ ମଧ୍ୟ ସମସ୍ତ ଓଡିଆ ବହି ଯୋଗାଇ ଦେଲେ ଏ ଅଞ୍ଚଳର ପିଲାମାନେ ଓଡ଼ିଆ ମାତୃଭାଷାରେ ପଢିବାରୁ ବଞ୍ଚିତ ହେବେ ନାହିଁ। ସେହିପରି ଉଚ୍ଚ ଶିକ୍ଷା ପାଇଁ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ପିଲାଙ୍କୁ ପୂର୍ବପରି ଓଏଲଓ କୋଟାରେ ପଢ଼ିବା ପାଇଁ ଓଡ଼ିଶାରେ ସୁଯୋଗ ଦେଲେ, ସେଠାକାର ପିଲାମାନେ ଉଚ୍ଚଶିକ୍ଷା ଗ୍ରହଣ କରି ପାରିବେ। ଝାଡ଼ଖଣ୍ଡରେ ଓଡ଼ିଆ ପଢିଥିବା ପିଲାଙ୍କୁ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତିରେ ପୂର୍ବରୁ ଯେପରି କୋଟା ବା ସଂରକ୍ଷଣ ବ୍ୟବସ୍ଥା ରଖାଯାଇଥିଲା, ପୁଣି ସେହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉ। ସେହିପରି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତି ଓ କଳାର ବିକାଶ ନିମନ୍ତେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ସହଯୋଗ କରନ୍ତୁ ବୋଲି ସେମାନେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହରିଡ଼ା ବାହାଡ଼ା ଅଁଳା କଷି**
**ତାକୁ ଖାଉଥାନ୍ତି ଋଷିଏ ବସି ।**

ହରିଡ଼ା, ବାହାଡ଼ା ଓ ଅଁଳାକୁ ସାଧାରଣତଃ ତ୍ରିଫଳା କୁହାଯାଇଥାଏ। ପ୍ରାଚୀନ କାଳରୁ ଏହା ମହୌଷଧି ଭାବେ ପରିଗଣିତ ହୋଇ ଆସୁଥିବାବେଳେ ଏହି ଖାଦ୍ୟ ହିଁ ଦେହକୁ ନୀରୋଗ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହସି ହସି କରି ଖାଇବ ନାହିଁ**
**ଚାଲି ଚାଲି କରି ଖାଇବ ନାହିଁ**
**କଥା କହି କହି ଖାଇବ ନାହିଁ ।**

ହସି ହସି ଖାଦ୍ୟ ଗ୍ରହଣ କଲେ ଖାଦ୍ୟ ତଣ୍ଟିକୁ ଉଠିଯିବାର ଆଶଙ୍କା ରହିଥାଏ। ଚାଲୁଥିବା ଅବସ୍ଥାରେ ଖାଦ୍ୟ ଗ୍ରହଣ କଲେ ତାହା ହଜମ ହୁଏନି। ସେହିପରି ଖାଇବା ସମୟରେ କଥା କହିବା ଅନୁଚିତ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶାରେ ଆରମ୍ଭ ହେବ 'ପଞ୍ଚାୟତ ପୁରସ୍କାର'

**ସରକାର ଖର୍ଚ୍ଚ କରିବେ ୪ କୋଟି ଟଙ୍କା: ମନ୍ତ୍ରୀ ରବି ନାଏକ**

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ତଥା ତୃଣମୂଳସ୍ତରରେ ଭିତ୍ତିଭୂମି ସୁଦୃଢ଼ ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ପୁରସ୍କାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ଅଭିପ୍ରେରିତ କରିବା ସହ ଆହୁରି ସୁଯୋଗ ସୃଷ୍ଟି କରିବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକାଶ କରିଛନ୍ତି। ସୋମବାର ମନ୍ତ୍ରୀ ରବିନାରାୟଣ ଗଣମାଧ୍ୟମକୁ କହିଛନ୍ତି ଯେ, ୯ଟି ଥିମ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ ଗୋଟି ପୁରସ୍କାର ଦିଆଯିବ। ଏଥିପାଇଁ ସରକାରଙ୍କ ତରଫରୁ ୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏ, ସ୍ୱଚ୍ଛତା- ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟ ସ୍ରୋତ ବୃଦ୍ଧି, ଅନ୍‌ଲାଇନ ଅଡିଟ୍, ଉନ୍ନତ ଜିପିଡିପି, ଇଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଆଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନକୁ ବିଚାରକୁ ନିଆଯିବ। ଚାରିଟି ବର୍ଗରେ ପୁରସ୍କାରଗୁଡ଼ିକ ରାଜ୍ୟସ୍ତର, ଜିଲାସ୍ତର, ବ୍ଲକସ୍ତର ଓ ସଂସ୍ଥାଗତ ସ୍ତରରେ ପ୍ରଦାନ କରାଯିବ।

ରାଜ୍ୟସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମପଞ୍ଚାୟତଗୁଡ଼ିକୁ ପ୍ରଥମ ସ୍ଥାନ ପୁରସ୍କାର ଲାଗି ୧୫ ଲକ୍ଷ ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୫ ଲକ୍ଷର ଅର୍ଥରାଶି ପ୍ରଦାନ କରାଯିବ। ଯୋଗ୍ୟ ବିବେଚିତ ପଞ୍ଚାୟତ ସମିତିଗୁଡ଼ିକୁ ଅନୁରୂପ ଭାବେ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ୧୦ ଲକ୍ଷ, ତୃତୀୟ ସ୍ଥାନ ୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ।

ଅନ୍ୟପକ୍ଷରେ ଯୋଗ୍ୟ ଜିଲା ପରିଷଦଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୧୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିଭଳି ୯ଟି ଥିମ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥା କ୍ରମେ ୫ ଲକ୍ଷ, ୩ ଲକ୍ଷ ଓ ୨ ଲକ୍ଷ, ସର୍ବମୋଟ ୨୭ ଗୋଟି ପୁରସ୍କାର ପ୍ରଦାନ କରାଯିବ। ଜିଲାସ୍ତରରେ ପ୍ରଥମ ସ୍ଥାନ ପାଇଁ ୩ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ସର୍ବମୋଟ ୯୦ ଗୋଟି ପୁରସ୍କାର ପ୍ରଦାନ କରାଯିବ। ବ୍ଲକସ୍ତରୀୟ ପୁରସ୍କାରରେ ପ୍ରଶଂସାପତ୍ର ପ୍ରଦାନ କରାଯିବ। ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନୱାଡ଼ି କେନ୍ଦ୍ରର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟାଙ୍ଗଜନଙ୍କ ବିକାଶ, ସୂଚନା-ଶିକ୍ଷା -ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଉଚ୍ଚଶିକ୍ଷା ବିଭାଗ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍

ଭୁବନେଶ୍ୱର,୨୮।୭(ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗକୁ ଟାର୍ଗେଟ କରିଛନ୍ତି ହ୍ୟାକର। ରବିବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାବେଳେ ସୋମବାର ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ହ୍ୟାକ୍ କରାଯାଇଛି। ହ୍ୟାକରମାନେ ଉକ୍ତ ଆକାଉଣ୍ଟରେ ଏକାଧିକ ଅଶ୍ଳୀଳ ଓ ବେଟିଂ ଭିଡିଓ ପୋଷ୍ଟ କରିଛନ୍ତି। ତେବେ ଏନେଇ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଇଛି। ବିଭିନ୍ନ ସମୟରେ ଶିକ୍ଷା ବିଭାଗ ଓ ଶିକ୍ଷାନୁଷ୍ଠାନଗୁଡିକର ୱେବ୍‌ସାଇଟ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ସାଇଟ୍ ହ୍ୟାକ୍ ହେଉଥିବାରୁ ଛାତ୍ରୀଛାତ୍ରଙ୍କ ତଥ୍ୟ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୋମବାର ସକାଳ ପ୍ରାୟ ୬ଟା ୩୦ରେ ବିଭାଗର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଅଶ୍ଳୀଳ ଭିଡିଓ ସହ ବେଟିଂ ସାଇଟ୍ ଭିଡ଼ିଓ ପୋଷ୍ଟ ହୋଇଥିଲା। ଏହାର ୫ରୁ ୧୦ ମିନିଟ୍ ମଧ୍ୟରେ ମୋଟ୍ ୪ଟି ବେଟିଂ ସାଇଟ୍ ପ୍ରୋମୋଶନ୍ ଭିଡ଼ିଓ ଅପଲୋଡ୍ ହେଲା। ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ଆକାଉଣ୍ଟକୁ ନିଜ ନିୟନ୍ତ୍ରଣକୁ ଅଣାଯାଇଥିଲା। ସମସ୍ତ ଭିଡିଓକୁ ଡିଲିଟ୍ କରିବା ସହ ଶହୀଦନଗରସ୍ଥିତ ସାଇବର ସିକ୍ୟୁରିଟି ସେଲ୍‌ରେ ଅଭିଯୋଗ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପାର୍ଲାମେଣ୍ଟରେ ଅପରେଶନ...

ଜେଟ୍ ଦାମ୍ ବହୁ କୋଟି ଟଙ୍କା ହୋଇଥିବାବେଳେ ଭାରତର ୫ରୁ ୬ଟି ଜେଟ୍ ଖସିଥିଲା। ସତ ଶୁଣିବା ପାଇଁ ଦେଶ ପାଖରେ ସାହସ ଅଛି ଏବଂ କେତେ ସଂଖ୍ୟାରେ ଲଢୁଆ ବିମାନ ଖସିଛି ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ଆମେ ଜାଣିବାକୁ ଚାହୁଁ ବୋଲି କଂଗ୍ରେସ ନେତା କହିଛନ୍ତି। ସେ ଆହୁରି କହିଛନ୍ତି, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ଏକ ସାକ୍ଷାତ୍‌କାରରେ କହିଥିଲେ ଆମେ କ୍ଷତି ସହିବା ପରେ କୌଶଳରେ ପରିବର୍ତ୍ତନ କରି ପାକିସ୍ତାନର ଆଭ୍ୟନ୍ତରୀଣ ଅଞ୍ଚଳରେ ଆକ୍ରମଣ କରିଥିଲୁ। ଇଣ୍ଡୋନେସିଆରେ ଭାରତର ପ୍ରତିରକ୍ଷା ଅଧିକାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶିବକୁମାର ଏବଂ ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାହୁଲ ଆର୍. ସିଂ ମଧ୍ୟ ସରକାରଙ୍କୁ ପଦାରେ ପକାଇଥିଲେ। କେତେକ ପ୍ରତିବନ୍ଧକ ଯୋଗୁ ସାମରିକ କାର୍ଯ୍ୟାନୁଷ୍ଠାନ ବାଧାପ୍ରାପ୍ତ ହୋଇଥିବା ଶିବକୁମାର କହିଥିବାବେଳେ ଅପରେଶନ ସିନ୍ଦୂର ବେଳେ ଭାରତକୁ ଚାଇନା ସହ ଲଢ଼ିବାକୁ ପଡୁଥିଲା ବୋଲି ରାହୁଲ ସିଂ କହିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଆଲୋଚନାରେ ଚାଇନା ନାଁ ନେଉନାହାନ୍ତି କାହିଁକି ଏବଂ ଏହି ଦେଶ ପାକିସ୍ତାନକୁ କେତେ ସହାୟତା ଦେଇଥିଲା ଜଣାଉନାହାନ୍ତି କାହିଁକି ବୋଲି ଗୋଗୋଇ ପ୍ରଶ୍ନ କରିଛନ୍ତି। ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ ଏବଂ ସମାଜବାଦୀ ପାର୍ଟିର ରାମଶଙ୍କର ରାଜଭର ପ୍ରମୁଖ ଅପରେଶନ ସିନ୍ଦୂର ଆଲୋଚନାରେ ଭାଗନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ବିତର୍କରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ତଥ୍ୟପ୍ରମାଣ ଦସ୍ତାବିଜ୍ ବଦଳରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆତଙ୍କବାଦୀଙ୍କ ମୂଳୋତ୍ପାଟନ ପାଇଁ ନୂଆ ଭାରତ ଯେକୌଣସି ସୀମା ପର୍ଯ୍ୟନ୍ତ ଯାଇପାରେ। ଅପରେଶନ ସିନ୍ଦୂରରେ ସଶସ୍ତ୍ର ବଳ ଚାହୁଁଥିବା ଲକ୍ଷ୍ୟ ହାସଲ କରିଥିବା ରାଜନାଥ କହିଛନ୍ତି। ଅସ୍ତ୍ରବିରତି କରାଇଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରି ରାଜନାଥ କହିଛନ୍ତି, ସଶସ୍ତ୍ର ବଳ ବାଞ୍ଛିତ ରାଜନୈତିକ-ସାମରିକ ଲକ୍ଷ୍ୟ ହାସଲ କରିବା ପରେ ଅପରେଶନ ସିନ୍ଦୂର ବନ୍ଦ କରାଯାଇଥିଲା। ପାକିସ୍ତାନ ସହ ସଂଘର୍ଷ ବନ୍ଦ କରିବା ପାଇଁ କୌଣସି ଚାପ ପଡ଼ି ନ ଥିଲା। ପାକିସ୍ତାନ ଯଦି ପୁନର୍ବାର ଦୁଃସାହସ କରେ ତେବେ ପୁଣି ଅପରେଶନ ସିନ୍ଦୂର ଆରମ୍ଭ ହେବ ବୋଲି ସେ କହିଛନ୍ତି।

ଭାରତ-ପାକିସ୍ତାନ ସଂଘର୍ଷ ରୋକିବାରେ ୱାଶିଂଟନ୍‌ର କୌଣସି ଭୂମିକା ନ ଥିଲା ଏବଂ ରାଷ୍ଟ୍ରପତି ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ଫୋନ୍ କଲ୍ ହୋଇ ନ ଥିଲା ବୋଲି ଆଲୋଚନାରେ ଭାଗନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ସେ କହିଛନ୍ତି, ସୀମାପାର ଆତଙ୍କବାଦ ବିରୋଧରେ ଭାରତ ୫ ସୂତ୍ରୀ ଦୃଷ୍ଟିକୋଣ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଅନ୍ୟପକ୍ଷରେ ଜୟଶଙ୍କର ୨୬/୧୧ ମୁମ୍ବାଇ ଆକ୍ରମଣ ଏବଂ ଚାଇନା ଓ ପାକିସ୍ତାନ ନୀତିକୁ ନେଇ ପୂର୍ବର କଂଗ୍ରେସ ସରକାରକୁ କଡ଼ା ସମାଲୋଚନା କରିଛନ୍ତି।

# 'ମୋ ସ୍ୱାମୀଙ୍କ ଆତ୍ମାକୁ ଶାନ୍ତି ମିଳିବ'

ବାଲେଶ୍ୱର,୨୮।୭(ବାଞ୍ଛାନିଧି ଦେ)

ଅପରେଶନ୍ 'ସିନ୍ଦୂର' ମୁଁ ଏବଂ ମୋ ଭଳି ସିନ୍ଦୂର ହରାଇଥିବା ସମସ୍ତ ମହିଳାଙ୍କ ପାଇଁ ଥିଲା ଏକପ୍ରକାର ନ୍ୟାୟ। ଅପରେଶନ୍ 'ସିନ୍ଦୂର' ପରେ ଭାବିଥିଲି ଆଉ କେହି ଆତଙ୍କବାଦୀ ଧରାପଡ଼ିବେନି। କିନ୍ତୁ ସରକାର ଓ ଭାରତୀୟ ସେନା ଭିତରେ ଭିତରେ ଯେଉଁ ଅପରେଶନ୍ ଚଳାଇଥିଲେ ତାହା ସଫଳ ହୋଇଛି। ଘଟଣାର ୩ମାସ ପରେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ହାସିମ ମୂଷା ଓ ଅନ୍ୟ ୨ ଆତଙ୍କୀ ନିପାତ ହେବା ଘଟଣାରେ ମୁଁ ଖୁସି। ଶ୍ରାବଣ ମାସ ସୋମବାରରେ ଅପରେଶନ 'ମହାଦେବ' ତାଣ୍ଡବଲୀଳା ଦେଖାଇଛନ୍ତି। ୩ ଆତଙ୍କବାଦୀ ନିପାତ ହୋଇଛନ୍ତି। ସରକାର ଓ ଭାରତୀୟ ସେନାଙ୍କୁ କୃତଜ୍ଞତା ଜଣାଉଛି। ମୋ ସ୍ୱାମୀଙ୍କ ଆତ୍ମାକୁ ଆଜି ନିଶ୍ଚୟ ଶାନ୍ତି ମିଳିବ ବୋଲି ଆତଙ୍କୀ ହମ୍‌ଲାରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ସୋମବାର କୋହଭରା କଣ୍ଠରେ 'ଧରିତ୍ରୀ'କୁ ପ୍ରତିକ୍ରିୟା ଦେଇଛନ୍ତି।


ପ୍ରିୟଦର୍ଶିନୀ ଶତପଥୀ

ପ୍ରକାଶ ଯେ, ବାଲେଶ୍ୱର ସଦର ବ୍ଲକ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ (୪୧) ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ। ଗତ ଏପ୍ରିଲ ୧୯ରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜକୁ ନେଇ ଜମ୍ମୁକଶ୍ମୀର ବୁଲିବାକୁ ଯାଇଥିଲେ। ୨୨ ତାରିଖରେ ପହଲଗାମ୍‌ର ବୈସରନରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ତାଙ୍କୁ ଗୁଳିମାଡ଼ କରିଥିଲେ।

### ପହଲଗାମ୍ ଆତଙ୍କବାଦୀଙ୍କୁ...

ହୋଇଛି। ଅନ୍ୟ ୨ ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପହଲଗାମ୍ ଆକ୍ରମଣର ଷଡ଼ଯନ୍ତ୍ରକାରୀ ସୁଲେଇମାନ୍ ବୋଲି ବିଶ୍ୱାସ କରାଯାଉଛି। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଏମ୍୪ କାର୍ବାଇନ୍ ରାଇଫଲ, ୨ଟି ଏକେ ରାଇଫଲ୍ ଓ ଅନ୍ୟାନ୍ୟ ଅସ୍ତ୍ର ଜବତ ହୋଇଛି। ୨୪ ରାଷ୍ଟ୍ରୀୟ ରାଇଫଲ ଏବଂ ୪ ପାରା ୟୁନିଟ୍‌ର ଯବାନମାନେ ୩ ଜଣିଆ ଆତଙ୍କବାଦୀ ଗ୍ରୁପ୍‌କୁ ଠାବ କରିବା ପରେ ଗୁଳି ଚଳାଇଥିଲେ। ଅପରେଶନ ଜାରି ରହିଥିବା କଶ୍ମୀର ଜୋନ୍ ପୋଲିସ ଆଇଜି ଭି. ବିର୍ଡ଼ି କହିଛନ୍ତି।

ଅନ୍ୟ ଏକ ଘଟଣାରେ ସୁରକ୍ଷା ବଳ କୁପୱାଡ଼ା ଜିଲାରୁ ଆତଙ୍କବାଦୀଙ୍କ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ଏଥିସହିତ ତାଙ୍କ ନିକଟରୁ ବହୁ ପରିମାଣର ଅସ୍ତ୍ର ଓ ଗୁଳିଗୋଳା ଜବତ ହୋଇଥିବା ପୋଲିସ କହିଛି। ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ କ୍ରାଲପୋରାର ଚୋକିବାଲ ଅଞ୍ଚଳ ଅନ୍ତର୍ଗତ ମର୍‌ସାରି ଗ୍ରାମରେ ତଲାସି ଅଭିଯାନ ଚଳାଇଥିବାବେଳେ ୱାଲି ମହମ୍ମଦ ମୀର୍‌ଙ୍କୁ ଗିରଫ କରାଯାଇଛି। ସେ ନିର୍ଦ୍ଦିଷ୍ଟ ଆତଙ୍କବାଦୀ ସଂଗଠନର ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ଆତଙ୍କବାଦୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ପହଞ୍ଚାଇବାରେ ସମ୍ପୃକ୍ତ ଥିଲେ।

### ଦିବ୍ୟା ଚେସ୍...

ମଧ୍ୟରେ ଖେଳାଯାଇଥିବା ଦୁଇଟି କ୍ଲାସିକାଲ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିଲା। ଟାଇବ୍ରେକର୍ସର ପ୍ରଥମ ସେଟ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପ୍ରଥମ ୧୫ ମିନିଟ୍ ବିଶିଷ୍ଟ ଟାଇବ୍ରେକରରେ ଦିବ୍ୟା ପ୍ରତିପକ୍ଷ ହମ୍ପିଙ୍କ ଉପରେ ପ୍ରବଳ ଚାପ ପକାଇଥିଲେ। ହେଲେ ହମ୍ପି ଜବରଦସ୍ତ ଡିଫେନ୍ସ କରି ମ୍ୟାଚ୍‌କୁ ସହଜରେ ଡ୍ର' କରିଥିଲେ। ରିଟର୍ନ ଗେମ୍‌ରେ ହମ୍ପି କାଟଲାନ ଓପନିଂ ବ୍ୟବହାର କରିଥିଲେ। କିନ୍ତୁ ଦିବ୍ୟା ଏଥିଲାଗି ପ୍ରସ୍ତୁତ ଥିଲେ। କ୍ୱିନ ଓ ରୁକ ମାଧ୍ୟମରେ ହମ୍ପି ମୁକାବିଲାକୁ ଡ୍ର' କରିବା ଉଦ୍ଦେଶ୍ୟରେ ଥିଲେ। ୪୦ତମ ମୁଭ୍‌ରେ ହମ୍ପି ଧୈର୍ଯ୍ୟ ହରାଇଥିଲେ। ପନ୍‌କୁ ସାକ୍ରିଫାଇଜ୍ କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଏହା ଦେଶମୁଖଙ୍କ ଦିନ ଥିଲା। ସେ ହମ୍ପିଙ୍କ ସମସ୍ତ ଚାଲ୍‌ର ସଫଳ ମୁକାବିଲା କରି ବିଜୟ ମୁକୁଟ ପିନ୍ଧିଥିଲେ। ପୂର୍ବରୁ ଗୋଟିଏ ହେଲେ ନର୍ମ ହାସଲ କରି ନ ଥିଲେ ମଧ୍ୟ ସେ ହାସଲ କରିଥିଲେ ସମ୍ମାନଜନକ ଗ୍ରାଣ୍ଡମାଷ୍ଟର ଟାଇଟଲ। ମ୍ୟାଚ୍ ଜିତିବା ପରେ ଦିବ୍ୟା ଭେନ୍ୟୁରେ ଉପସ୍ଥିତ ଥିବା ତାଙ୍କ ମା'ଙ୍କୁ ଧରି କାନ୍ଦି ପକାଇଥିଲେ। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କ ସମେତ ଦେଶର ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି।

### 'ଶୋଲେ' ଫିଲ୍ମର...

ସମ୍ଭାଳି ରଖିଛନ୍ତି। ପ୍ରକାଶ ଯେ, ୧୯୭୫ରେ ରିଲିଜ୍ ହୋଇଥିବା 'ଶୋଲେ' ଫିଲ୍ମ ସୁପରହିଟ ସାବ୍ୟସ୍ତ ହୋଇଥିଲା। ଫିଲ୍ମରେ ଅମିତାଭଙ୍କ ସହ ଅଭିନେତା ଧର୍ମେନ୍ଦ୍ର ଏବଂ ଅଭିନେତ୍ରୀ ହେମାମାଳିନୀ ମୁଖ୍ୟ ଭୂମିକାରେ ରହିଥିଲେ। ରମେଶ ସିପ୍ପୀ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ। ଆସନ୍ତା ଅଗଷ୍ଟ ୧୫ରେ ଏହି ଫିଲ୍ମ ନିଜର ୫୦ ବର୍ଷ ପୂରଣ କରିବ। ଫିଲ୍ମରେ ଅମିତାଭ ଜୟ ଏବଂ ଧର୍ମେନ୍ଦ୍ର ବୀରୁ ଭୂମିକାରେ ଅଭିନୟ କରିଥିଲେ। ଉଭୟଙ୍କର 'ଜୟ ଏବଂ ବୀରୁ' ଯୋଡ଼ି ଆଜିବି ଦର୍ଶକଙ୍କ ମନରେ ଉଜ୍ଜୀବିତ ହୋଇରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମାଧିପ ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟିହେବ। ଚନ୍ଦ୍ରମଙ୍ଗଳ ଯୋଗରୁ ପାରିବାରିକ କ୍ଷେତ୍ରରେ ମତାନ୍ତର ଓ ବିତର୍କର ବିଳୟ ଘଟିପାରେ। ଆର୍ଥିକ ସ୍ଥିତି, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା ଏବଂ ଆନୁଷ୍ଠାନିକ କାମ ପାଇଁ ବିଶେଷ ଅସୁବିଧା ହେବନାହିଁ। କୃତି ଓ କୃତିତ୍ୱ ହେତୁ ସାମାଜିକ ସ୍ତରରେ ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିବେ।

**ବୃଷ** ମୁଖଭାବରେ ଗୁରୁଶୁକ୍ର ଆପଣଙ୍କୁ ବାଗ୍ମୀ ଭାବରେ ପ୍ରଶଂସିତ କରାଇପାରନ୍ତି। ବୈଷୟିକ ଅଭିବୃଦ୍ଧିଜନିତ ସୁଖସମୃଦ୍ଧିରେ ହର୍ଷୋତ୍‌ଫୁଲ୍ଲ ରହିବେ। ପ୍ରକାଶନ, ପ୍ରଶାସନ, ଆଇନ, କ୍ରୀଡ଼ା ଓ ସାହିତ୍ୟ କ୍ଷେତ୍ର ମଧ୍ୟ ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ ,ସେମାନେ କହିବେ ବହୁତ କିନ୍ତୁ କାମ କଲା ବେଳକୁ କିଏ ପାଖ ମାଡ଼ିବେ ନାହିଁ।

**ମିଥୁନ** ବୁଧାଦିତ୍ୟ ଯୋଗ ଆପଣଙ୍କୁ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ଭାବରେ ଆଦରଣୀୟ କରାଇବ। ଆର୍ଥିକ ଉନ୍ନତି ସାଙ୍ଗକୁ ବନ୍ଧୁବର୍ଗଙ୍କ ଆଦର ସମ୍ମାନରେ ନିଜକୁ ଭାଗ୍ୟବାନ୍ ମନେକରିବେ। ଅପ୍ରିୟସତ୍ୟ କହି କଳହକୁ ନିମନ୍ତ୍ରଣ କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା, ସନ୍ତାନହେତୁକ ମାନସିକ ଦ୍ୱନ୍ଦ୍ୱ ଦୁଶ୍ଚିନ୍ତାର କାରଣ ନ ହୋଇପାରେ।

**କର୍କଟ** ଆଜି ସପ୍ତମ ଭାବାଧିପତି ଭାଗ୍ୟସ୍ଥାନରେ ରହି ପ୍ରତିଦ୍ୱନ୍ଦ୍ୱିତାରେ କଡ଼ା ଟକ୍କର ସୃଷ୍ଟିକରିବେ। ରବି ଓ ବୁଧ ସଂଯୋଗ ହେତୁ ବନ୍ଧୁଙ୍କ ନିକଟରୁ ଅର୍ଥ ପାଇବେ ସତ , କିନ୍ତୁ ମାନସିକ ଶାନ୍ତି ହରାଇବେ। କେତୁଙ୍କ ପ୍ରଭାବରୁ କେତେକ କ୍ଷେତ୍ରରେ ଠିକ୍ ସିଦ୍ଧାନ୍ତ ନେଇ ପାରିବେନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** କେତୁଙ୍କ ପ୍ରଭାବରୁ ଦିନଟି ସଂଘର୍ଷ ଓ ବ୍ୟୟାଧିକ୍ୟଜନିତ କାରଣରୁ ମନ ଭଲ ରହି ନ ପାରେ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ଦୂରଯାତ୍ରା କରିବାକୁ ବାଧ୍ୟ ହେବେ। ରହୁଥିବା ପରିବେଶରେ କୌଣସି ବ୍ୟତିକ୍ରମରୁ ଆପଣଙ୍କ କାମ ଅଟକି ରହିଯାଇପାରେ। ଉପସ୍ଥିତି ବୁଦ୍ଧି ଖଟାଇ କାର୍ଯ୍ୟସାଧନ କରିପାରିବେ।

**କନ୍ୟା** ଆଜିର ଗ୍ରହ ସ୍ଥିତି ଆପଣଙ୍କ ସକାଶେ ଅନୁକୂଳ ରହିବ। ଦୀର୍ଘଦିନର ପ୍ରଚେଷ୍ଟାର ପରିଣାମ ସ୍ୱରୂପ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିପାରନ୍ତି। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟରେ ପ୍ରତିବନ୍ଧକ ଓ ଯାତ୍ରା ଜନିତ ଦୁଶ୍ଚିନ୍ତା ବଢ଼ିପାରେ। କଠିନ ଶ୍ରମ ଓ ବିଶେଷ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ତୁଳା** ଭାଗ୍ୟ ସ୍ଥାନରେ ଗୁରୁଶୁକ୍ର ଥିବାରୁ ନୂଆ ନୂଆ କାମ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇବା ସକାଶେ ବେଶି କଷ୍ଟ କରିବାକୁ ପଡ଼ିବନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** ଶନିଙ୍କ ଯୋଗୁ ପରିସ୍ଥିତିକୁ ଅନୁଧ୍ୟାନକରି ପୂର୍ବ ସ୍ଥିରୀକୃତ ନିଜର ମତ ଓ କାମକୁ ବଦଳାଇପାରନ୍ତି। ନବମଭାବରେ ଶୁକ୍ର ଓ ବୃହସ୍ପତି କର୍ମକ୍ଷେତ୍ରରେ ଆଶା ପୂରଣରେ ସାହାଯ୍ୟ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା ଓ ବନ୍ଧୁସମ୍ପର୍କ ମନ୍ଦ ହେବନାହିଁ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହେବ।

**ଧନୁ** କେନ୍ଦ୍ରସ୍ଥ ଶୁଭଗ୍ରହଜନିତ ଅର୍ଥନୈତିକ ସ୍ଥିତି, ବନ୍ଧୁ ସମ୍ପର୍କ, ଚେଷ୍ଟା କରୁଥିବା କାମ କ୍ଷେତ୍ରରେ ଶୁଭଫଳ ପାଇବେ। ବିବାଦୀୟ କ୍ଷେତ୍ରରେ ଅନ୍ୟମାନଙ୍କର ସମର୍ଥନ ହାସଲରେ ଅସୁବିଧା ହେବନାହିଁ। ସୁସ୍ଥତା ଫେରିପାଇବା ସାଙ୍ଗକୁ ଶିକ୍ଷା କ୍ଷେତ୍ରରେ ଶୁଭଫଳ ମିଳିବ। ଶନିଙ୍କ ପ୍ରଭାବରୁ ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା ମାନସିକ ଅସ୍ଥିରତା ବୃଦ୍ଧି କରିପାରେ।

**ମକର** ଶୁଭଗ୍ରହ ଦୃଷ୍ଟିରୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଦୂର ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ରପ୍ତାନି ବାଣିଜ୍ୟ, ହୋଟେଲ, ରେସ୍ତୋଁରା ବ୍ୟବସାୟ ଚନ୍ଦ୍ର ଓ ଶନିଙ୍କ ପ୍ରଭାବରୁ ଭଲ ରହିବ। କେତେକ ଅଟକି ରହିଥିବା କାମକୁ ଆଜି ହିଁ ପୂର୍ଣ୍ଣାଙ୍ଗ କରିବାକୁ ତତ୍ପର ହେବେ। କାର୍ଯ୍ୟଦକ୍ଷତା ଲାଗି ପଡ଼ୋଶୀ ଭୂରି ଭୂରି ପ୍ରଶଂସା କରିପାରନ୍ତି।

**କୁମ୍ଭ** ଦ୍ୱିତୀୟସ୍ଥ ଶନିଙ୍କ ଯୋଗୁ ଆପଣଙ୍କ ସାମ୍ନାରେ କିଏ କିଛି କହିବାକୁ ସାହସ କରିପାରିବେ ନାହିଁ। ପରିସ୍ଥିତିବଶତଃ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ସକାଳ ସମୟରେ ଦୀର୍ଘଦିନରୁ ପ୍ରତୀକ୍ଷା କରିଥିବା କୌଣସି ଶୁଭ ଖବର ପାଇପାରନ୍ତି। ସଭାସମିତିରେ, ଆନୁଷ୍ଠାନିକ କ୍ଷେତ୍ର, ବନ୍ଧୁ ଗହଣରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ରାଶ୍ୟାଧିପଙ୍କ କୃପାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଅଟକିଥିବା କାମ ଆଜି ଅପରାହ୍ନେ ସମ୍ପନ୍ନ ହେବ। ଅଯଥା ତର୍କ ଓ ବିବାଦରୁ ବନ୍ଧୁଙ୍କ ସହ ମନାନ୍ତର ସୃଷ୍ଟି ହୋଇପାରେ। ଅବଶ୍ୟ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବା ସାଙ୍ଗକୁ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଜୁଲାଇ ୨୯ ତାରିଖ, ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ, ଶ୍ରାବଣ ଶୁକ୍ଳ ୫ମୀ ମଙ୍ଗଳବାର। ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୮।୩୯ ଗତେ, ଘ.୧୦।୩୫ ମଧ୍ୟେ, ଘ.୦୧।୧୦ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୩।୦୭ ଗତେ, ଘ.୦୪।୪୪ ମଧ୍ୟେ ରାହୁକାଳ।

# ୪୩ ଦିନରେ ୫୭୪ ପୃଷ୍ଠାର ଚାର୍ଜଶିଟ ଦାଖଲ

**ଗୋପାଳପୁର ବେଳାଭୂମି ଗଣବଳାତ୍କାର ମାମଲା**

**୧୦ ଜଣଙ୍କ ମଧ୍ୟରୁ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଲା କ୍ରାଇମବ୍ରାଞ୍ଚ**

ବ୍ରହ୍ମପୁର,୨୮।୭(ସୁବାସ ଚନ୍ଦ୍ର ପାଢ଼ୀ)


ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାରେ ସୋମବାର କ୍ରାଇମବ୍ରାଞ୍ଚ ବ୍ରହ୍ମପୁରରେ ୨ଟି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଘଟଣା ଘଟିବାର ୪୩ ଦିନ ମଧ୍ୟରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କ ନାମରେ ୫୭୪ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ୫ ଅଭିଯୁକ୍ତଙ୍କ ନାମରେ ଓ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ନିକଟରେ ୪ ନାବାଳକଙ୍କ ନାମରେ ଚାର୍ଜଶିଟ୍ ଦାଖଲ ହୋଇଛି। ଜଣେ ସାବାଳକଙ୍କୁ ଚାର୍ଜଶିଟ୍‌ରୁ ବାଦ ଦିଆଯାଇଛି। ତେବେ ପୋଲିସ ତାଙ୍କୁ କେଉଁ ଆଧାରରେ ଗିରଫ କରିଥିଲା ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗଣ ବଳାତ୍କାର ମାମଲାରେ ପୋଲିସ ମୋଟ ୧୦ ଜଣଙ୍କୁ ଧରିଥିଲା। ସେଥିମଧ୍ୟରୁ ୬ ଜଣ ସାବାଳକ ରହିଥିବା ବେଳେ ୪ଜଣ ନାବାଳକ। ଏହି ସମ୍ବେଦଶୀଳ ମାମଲାରେ ପୋଲିସ ନାବାଳକଙ୍କୁ ସାବାଳକ ଭାବେ ଗ୍ରହଣ କରିବାକୁ କୋର୍ଟରେ ଆବେଦନ କରିଥିଲା। ପରବର୍ତ୍ତୀ ସମୟରେ ସରକାର ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରି କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ଗତ ଜୁନ ୧୭ ତାରିଖରେ ମାମଲାର ତଦନ୍ତ କରିବା ସହିତ ସିନ୍ ରିକ୍ରିଏସନ କରି ବିଭିନ୍ନ ଦିଗରୁ ତଥ୍ୟ ପ୍ରମାଣ ସଂଗ୍ରହ କରି ୫ ଜଣ ସାବାଳକଙ୍କୁ ଅଭିଯୁକ୍ତ ଦର୍ଶାଇ ଚାର୍ଜଶିଟ ଦାଖଲ କରିଛି। ବର୍ତ୍ତମାନ ୬ ଅଭିଯୁକ୍ତ ଜେଲ୍‌ରେ ଥିବାବେଳେ ୪ ନାବାଳକ ବାଳ ସୁଧାର ଗୃହରେ ରହିଛନ୍ତି। ସୂଚନାଯୋଗ୍ୟ, ବେଳାଭୂମିରେ ଜୁନ ୧୫ ତାରିଖ ସନ୍ଧ୍ୟାରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର ହୋଇଥିଲା। ଏହି ଘଟଣାରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ, ହିଞ୍ଜିଳି ଥାନା ଅନ୍ତର୍ଗତ ବୁରୁପଡ଼ାର ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ, ସିକିରିର ଓମ୍ ପ୍ରଧାନ, ପାଟପୁର ଥାନା ଅନ୍ତର୍ଗତ ବେଲଗାଁର କୁନାଲ ପ୍ରଧାନଙ୍କୁ କାବୁ କରିଥିଲା। ପରବର୍ତ୍ତୀ ସମୟରେ ୪ ନାବାଳକଙ୍କୁ ମଧ୍ୟ କାବୁ କରିଥିଲା। ୧୭ ତାରିଖରେ ରାଜ୍ୟ ସରକାର ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ଆଇଜି ଏସ. ସାଇନିଙ୍କ ନେତୃତ୍ୱରେ ଏକ ଟିମ୍ ଗୋପାଳପୁରରେ ରହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା। ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ମାରାଥନ ଜେରା ସହିତ ଜେଲରେ ସେମାନଙ୍କ ଟିଆଇ ପରେଡ ମଧ୍ୟ କରାଯାଇଥିଲା। ପୀଡିତାଙ୍କ ବୟାନ, ମାମଲାର ତଦନ୍ତ ରିପୋର୍ଟ ଓ ସାଇଣ୍ଟିଫିକ ପ୍ରମାଣକୁ ଆଧାର କରି କ୍ରାଇମବ୍ରାଞ୍ଚ ୫ ଅଭିଯୁକ୍ତ ଓ ୪ ଜଣ ନାବାଳକଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଛି।

# ନିର୍ଯାତନା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା

**ସୁଇସାଇଡାଲ୍ ନୋଟରେ ଏରିଆ ମ୍ୟାନେଜରଙ୍କୁ ଦାୟୀ କଲେ**

ସରି ସମସ୍ତଙ୍କୁ, ମୋର ଏମିତି କରିବାର ହଁ ନ ଥିଲା। କିନ୍ତୁ କ'ଣ କରିବି ମୁଁ ଆଉ ସହି ପାରୁନି। ସବୁ କିଛି ହରେଇ ସାରିଛି ଆଉ କିଛି ବାକି ନାହିଁ ମୋ ପାଖରେ। ଅଫିସ୍‌ରେ ମୋତେ ବହୁତ ହାରାସ୍‌ମେଣ୍ଟ କରିଛନ୍ତି। ଏମିତିକି ମୋ ଏରିଆ ମ୍ୟାନେଜର ସ୍ମୃତି ରଞ୍ଜନ ଜେନା ବହୁତ ଟର୍ଚର(ମେଣ୍ଟାଲି ଆଉ ଫିଜିକାଲି) କରିଛି। ସରି ମୁଁ ସବୁଦିନ ପାଇଁ ଯାଉଛି। ଏମିତି ଏକ ହାତଲେଖା ଚିଠି ଲେଖି ଆତ୍ମହତ୍ୟା କରିଛନ୍ତି ଖୁସି ପାତ୍ର (୨୧)।



ଜବତ ସୁସାଇଡାଲ୍ ନୋଟ୍।

ମଙ୍ଗୁଳି–ଜଗତପୁର, ୨୮।୭ (ମାନସ ସାମଲ)



ଖୁସି ପାତ୍ର

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ୭ନଂ. ୱାର୍ଡ ମୁଣ୍ଡମାଳ ଗ୍ରାମ ମଠସାହିରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଚୌଦ୍ୱାର ପୋଲିସ ଜବତ କରିଛି। ମୃତା ହେଲେ ଖୁସି ପାତ୍ର। ସୋମବାର ସକାଳେ ଖବର ପାଇ ଜୋନ୍ ୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଥିଲା। ଫାଇନାନ୍ସ କମ୍ପାନୀ ମ୍ୟାନେଜର ମାନସିକ ଏବଂ ଶାରୀରିକ ନିର୍ଯାତନା ଦେବାରୁ ଝିଅ ସହ୍ୟ କରି ନ ପାରି ଆତ୍ମହତ୍ୟା କରିଛି ବୋଲି ମାଉସୀ ପଦ୍ମ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍ ଦଫା.୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା(୪୫୩/୨୦୨୫) ରୁଜୁ କରିଛି। ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡାଲ୍ ନୋଟ, ଓଢ଼ଣି ଓ ମୋବାଇଲ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

ପ୍ରାପ୍ତ ସୂଚନା ମୁତାବକ, ଖୁସିଙ୍କ ବାପା ସୁରଟରେ ଏକ କମ୍ପାନୀରେ କାମ କରୁଥିବାରୁ ସେ ପିଲାଟି ବେଳୁ ମା'ଙ୍କ ସହ ଚୌଦ୍ୱାରରେ ରହୁଥିଲେ। ପ୍ରାୟ ଏକ ବର୍ଷ ହେବ ଖୁସି ଏକ ପ୍ରାଇଭେଟ୍ ଫାଇନାନ୍ସ କମ୍ପାନୀରେ ଚାକିରି କରିବାରୁ ଭୁବନେଶ୍ୱରରେ ଘର ଭଡ଼ା ନେଇ ରହୁଥିଲେ। ଖୁସିଙ୍କ ମା' ଚୌଦ୍ୱାରରେ ମାସେ ଦୁଇ ମାସ ଏକା ରହିବା ପରେ ଭଲ ନ ଲାଗିବାରୁ ସେ ମଧ୍ୟ ସ୍ୱାମୀଙ୍କ ପାଖକୁ ସୁରଟ ଚାଲି ଯାଇଥିଲେ। ଖୁସି ପ୍ରତି ସପ୍ତାହର ରବିବାର ଘରକୁ ଆସି ଘର ଦେଖା ଚାହାଁ କରି ପୁଣି ସୋମବାର ଭୁବନେଶ୍ୱର ଚାଲି ଯାଇଥାନ୍ତି। ସେ ରବିବାର ସନ୍ଧ୍ୟାରେ ଚୌଦ୍ୱାରସ୍ଥିତ ଘରକୁ ଆସିଥିଲେ। ରାତିରେ ପଡ଼ୋଶୀଙ୍କ ଘରେ ରାତ୍ରି ଭୋଜନ କରି ରୁମ୍‌କୁ ରାତି ଦଶଟାରେ ଚାଲି ଆସିଥିଲେ। ଖୁସିଙ୍କ ମା' ରାତି ପ୍ରାୟ ୧୧ ଟାରେ ଝିଅ ସହ ଫୋନ୍‌ରେ କଥା ହୋଇଥିଲେ। ସୋମବାର ସକାଳ ପ୍ରାୟ ୬ଟାରେ ଝିଅ ଡ୍ୟୁଟି ଗଲାକି ନାହିଁ ବୁଝିବା ପାଇଁ ମା' ପୁଣିଥରେ ଫୋନ୍ କରିଥିଲେ। କିନ୍ତୁ ଝିଅ ଫୋନ ଉଠାଇ ନ ଥିଲେ। ପଡ଼ୋଶୀଙ୍କୁ ଖବର ଦେବାରୁ ସେମାନେ ଘରକୁ ଆସି ଦେଖନ୍ତି ଦାଣ୍ଡ କବାଟ ବନ୍ଦ ରହିଛି। ପଛ ପଟ କବାଟ ଯାଇ ଖୋଲି ଦେଖିବାବେଳକୁ ଖୁସି ଫ୍ୟାନରେ ନିଜ ଓଢ଼ଣିରେ ଝୁଲିଥିବା ଦେଖିବାକୁ ପାଇଥିଲେ। ଏନେଇ ଜୋନ୍ ୧ ଏସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡୁଛି। ଝିଅଟି ଏକ ସୁଇସାଇଡାଲ ନୋଟରେ ଫାଇନାନ୍ସ କମ୍ପାନୀ ମ୍ୟାନେଜର ନିର୍ଯାତନା ଦେଉଥିବା ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଆଧାର କରି ଉକ୍ତ ଯୁବକଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସ୍ୱାଇଁ କହିଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟା ଘଟଣା: ଫେରାର ସ୍ୱାମୀ ଗିରଫ

ବାସୁଦେବପୁର,୨୮।୭ (କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଟଙ୍କା ପାଇଁ ଗୁରୁବାରୀ ଜେନା ନାମ୍ନୀ ମହିଳାଙ୍କୁ ହତ୍ୟା କରି ଫେରାର ଥିବା ତାଙ୍କ ସ୍ୱାମୀ ଗୋପୀନାଥ ଜେନା(୪୮)ଙ୍କୁ ସୋମବାର ପୋଲିସ ଗିରଫ କରିଛି। ପ୍ରକାଶ ଯେ, ଗୋପୀନାଥ କୌଣସି ଧାରୁଆ ଅସ୍ତ୍ରରେ ଗୁରୁବାରୀଙ୍କୁ ହାଣି ହତ୍ୟା କରି ଫେରାର ହୋଇଯାଇଥିଲେ। ରବିବାର ସକାଳେ ଘର ଭିତରୁ ଗୁରୁବାରୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିଲା। ଏନେଇ ତାଙ୍କ ଝିଅ କୁନିଲତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୩/୨୫) ରୁଜୁ କରିଥିଲା। ଥାନାଧିକାରୀ ସାବିତ୍ରୀ ପଣ୍ଡା ଘଟଣାର ତଦନ୍ତ ଚଳାଇଥିଲେ। ସୋମବାର ସକାଳେ ସେ ବାସୁଦେବପୁର ବଜାରରେ ଚଢ଼ାଉ କରି ଅଭିଯୁକ୍ତ ଗୋପୀନାଥଙ୍କୁ ଧରିବା ପରେ ଥାନାକୁ ନେଇ ପଚରାଉଚରା କରାଯାଉଛି।

# ଘରେ ପଶି ସବୁଜବାହିନୀ କର୍ମଚାରୀଙ୍କୁ ଆକ୍ରମଣ

ଉଦଳା,୨୮।୭ (ସନ୍ତୋଷ କୁମାର ବାଛିନୀ)

**ଜେଲ ଫେରନ୍ତା ଶିକାରୀଙ୍କ ଆତଙ୍କରାଜ**


- ପେଚକସ ମୁନରେ ଭୁସିଦେଲେ
- ନାବାଳିକାଙ୍କୁ ଦୁର୍ବ୍ୟବହାର

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପୋଡ଼ାଡ଼ିହା ଡାହିସାହି ଗ୍ରାମରେ ଜେଲ ଫେରନ୍ତା ଶିକାରୀଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଘରେ ପଶି ଜଣେ ସବୁଜବାହିନୀ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ନାବାଳିକା ଝିଅକୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଗୁରୁତର ସବୁଜବାହିନୀ କର୍ମଚାରୀ ଭରତ ଶତ୍ରୁସାଲ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏ ସଂକ୍ରାନ୍ତରେ କପ୍ତିପଦା ପୋଲିସ ଏକ ମାମଲା (ନଂ.୧୭୩/୨୫)ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଭରତ ପୋଡ଼ାଡିହା ବନାଞ୍ଚଳ ଅଧୀନରେ ସବୁଜ ବାହିନୀ କର୍ମଚାରୀ ଭାବେ କାର୍ଯ୍ୟରତ। ୨୦୨୪ ଅକ୍ଟୋବରରେ ଶିମିଳିପାଳରେ ଶିକାର କରୁଥିବା ୪ରୁ ଅଧିକ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଥିଲା। ଏଥିମଧ୍ୟରେ ପୋଡ଼ାଡିହା ଅଞ୍ଚଳର ୩ ଜଣ ଶିକାରୀ ରହିଥିଲେ। ଗିରଫ ପରେ ଅଭିଯୁକ୍ତ ଶିକାରୀମାନେ କୋର୍ଟଚାଲାଣ ହୋଇଥିଲେ। ଶିକାରୀମାନଙ୍କୁ ଗିରଫ କରିଥିବା ବନ ବିଭାଗ ଟିମ୍‌ରେ ଭରତ ସାମିଲ ଥିଲେ। ମାସକ ପୂର୍ବେ ପୋଡ଼ାଡିହା ଅଞ୍ଚଳର ୩ ଶିକାରୀ ଗଣ୍ଡ ସିଂ, ଗୁଡ୍ଡୁ ସିଂ ଏବଂ ଲାକ ସିଂ ଜାମିନରେ ଆସିବା ପରେ ସବୁଜବାହିନୀ କର୍ମଚାରୀ ଭରତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରବିବାର ରାତି ୮ଟା ୩୦ ସମୟରେ ସେମାନେ ଭରତଙ୍କ ଘରେ ପହଞ୍ଚି ତାଙ୍କ ୧୫ ବର୍ଷର ଝିଅଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ଭରତ ବିରୋଧ କରିବାରୁ ଶିକାରୀଙ୍କ ମଧ୍ୟରୁ ଜଣେ ଏକ ପେଚକସ ତାଙ୍କ ପେଟରେ ଭୁସି ଦେଇଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଆକ୍ରମଣକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଗୁରୁତର ଭରତଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଉଦଳା ମେଡିକାଲ ଓ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦା ସ୍ଥାନାନ୍ତର କରାଯାଇଛି।

# ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୫ ଗିରଫ





ଜବତ ମୋଟରସାଇକେଲ୍, ମୋବାଇଲ୍ ଫୋନ୍, ଟଙ୍କା ଓ ଅଳଙ୍କାର।

କେନ୍ଦୁଝର,୨୮।୭ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

- ୮ ସୁନା ଚେନ୍, ୧୪ ବାଇକ୍, ୨୧ ମୋବାଇଲ ଜବତ
- ପୂର୍ବରୁ ୧୫ ଜଣ କୋର୍ଟଚାଲାଣ ହୋଇଛନ୍ତି

କେନ୍ଦୁଝର ପୋଲିସ ସୋମବାର ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲାର ଚିନ୍ମୟ ପ୍ରଧାନ, ବିଜୟ ପ୍ରଧାନ, ଗଞ୍ଜାମ ଜିଲାର ଏମ୍. ଆଶୁ, ଏମ୍ ଅନିଲ ଓ ସୁନୀଲ ଦାସ। ସେମାନଙ୍କ ନିକଟରୁ ଚୋରି ସୁନାଚେନ, ବାଇକ୍ ଓ ମୋବାଇଲ ଜବତ ହୋଇଛି। ଘଟଣାରେ ପୂର୍ବରୁ ୧୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ଏସ୍‌ପି ନୀତିନ କୁଶଲକର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସୋମବାର ପୂର୍ବାହ୍ନରେ ପୋଲିସ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଶନ କରିଥିବା ବେଳେ ଏହା ଦେଖିବା ପାଇଁ ସହରରେ ପ୍ରବଳ ଭିଡ଼ ହୋଇଥିଲା।

ସୂଚନା ଅନୁଯାୟୀ, ଜୁଲାଇ ୧୬ ସନ୍ଧ୍ୟାରେ କେନ୍ଦୁଝର ସହରରେ ୮ ଟି ସ୍ଥାନରେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଥିଲା। ଘଟଣା ସହରରେ ଆଲୋଡନ ଓ ଭୟର ବାତାବରଣ ସୃଷ୍ଟି କରିଥିଲା। ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବା ବେଳେ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଘଟଣାକୁ ନେଇ ଏସ୍‌ପି ନୀତିନ କୁଶଲକର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଟିମ୍‌ରେ ଜଣେ ଅତିରିକ୍ତ ଏସ୍‌ପି, ଡିଏସ୍‌ପିଙ୍କ ସହ ଟାଉନ ଥାନା, ବଡ଼ବିଲ, ଚମ୍ପୁଆ ଥାନା ଆଇଆଇସି, ଜିଲା ସାଇବର ପୋଲିସ ଓ ଯାଜପୁର ପୋଲିସର ସହାୟତା ସହ ବିଭିନ୍ନ ଥାନାର ସବଇନ୍ସପେକ୍ଟର ଓ ସହକାରୀ ସବ୍ ଇନ୍ସପେକ୍ଟର ପ୍ରଭୃତି ରହିଥିଲେ। ଟିମ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗତ ୨୧ ତାରିଖରେ ଦୁଇଜଣ, ଗତ ୨୪ରେ ୧୩ ଜଣଙ୍କୁ ଗିରଫ କରିଥିଲା। ସୋମବାର ଆଉ ପାଞ୍ଚ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ଯାଜପୁରର ଦସମାନିଆ, ମୁଣ୍ଡମାଳ ଓ ପୂର୍ବାକୋଟ ଅଞ୍ଚଳର ହୋଇଥିବା ବେଳେ ଯୋଜନା ମୁତାବକ ଲୁଟ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୮ଟି ସୁନା ଚେନ୍, ୧୪ ବାଇକ୍, ୨୧ଟି ମୋବାଇଲ ଓ ନଗଦ ୧୧ ହଜାର ଟଙ୍କା ଜବତ କରାଯାଇଛି। ଗ୍ୟାଙ୍ଗ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ , ବିହାର , ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ପ୍ରାୟ ୧୦୦୦ ପାଖାପାଖି ଛିନ୍‌ତାଇ ଅପରାଧରେ ଲିପ୍ତ ଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଟାଉନ ଥାନାରେ ୮ ମାମଲା(ନଂ.୪୯୧/୨୫, ୪୯୨/୨୫, ୫୧୫/୨୫, ୫୧୬/୨୫, ୫୧୭/୨୫, ୫୧୮/୨୫, ୫୧୯/୨୫, ୫୨୦/୨୫) ରୁଜୁ ହୋଇଛି। ସୋମବାର ଅପରାହ୍ନରେ ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ପୋଲିସ ଅଭିଯୁକ୍ତଙ୍କୁ ନେଇ ସହରର ଡିଏନ୍ ହାଇସ୍କୁଲ ଅଞ୍ଚଳ, ମାଇନିଂ ରୋଡ୍ ଓ ସରକାରୀ ମହିଳା ହାଇସ୍କୁଲ ନିକଟରେ ସିନ୍ ରିକ୍ରିଏଶନ କରିଥିଲା। ଏହିସମୟରେ ଭିଡ଼ ପରିଲକ୍ଷିତ ହୋଇଥିଲା।

# ପୂର୍ବତନ ଆଇଟିଆଇ ଅଧ୍ୟକ୍ଷଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ,୨୮।୭ (ରାକେଶ କୁମାର ରାଉତ)

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସୋମବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ରାଜେଶ ଦାସ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ସରକାରୀ ଆଇଟିଆଇର ପୂର୍ବତନ ଅଧ୍ୟକ୍ଷ ସରୋଜ କାନ୍ତ ରୟ। ସେ ଏବେ ଢେଙ୍କାନାଳ ସରକାରୀ ପଲିଟେକନିକରେ କାର୍ଯ୍ୟରତ ଅଛନ୍ତି। ପ୍ରମାଣ ଅଭାବରୁ ବିଚାରପତି ସରୋଜଙ୍କ ସ୍ତ୍ରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି. ଭି. ରାମଦାସ ମାମଲା ପରିଚାଳନା କରୁଥିଲେ।

**ପୁଣି ବରପଦା ଇଞ୍ଜିନିୟରିଂ କଲେଜରେ ଅଶାନ୍ତି**

# ଡିପ୍ଲୋମା ଅଧ୍ୟକ୍ଷଙ୍କୁ ଆକ୍ରମଣ



ଆହତ ଅଧ୍ୟକ୍ଷ ଗଙ୍ଗାଧର ଧଳଙ୍କୁ ଡାକ୍ତରଖାନା ନିଆଯାଉଛି।

ଭଦ୍ରକ,୨୮।୭ (ସନାତନ ରାଉତ)

ଦୀର୍ଘଦିନ ଧରି ବିବାଦରେ ଛନ୍ଦି ହୋଇଥିବା ଭଦ୍ରକର ବରପଦା ଇଞ୍ଜିନିୟରିଂ କଲେଜରେ କିଛିଦିନର ବ୍ୟବଧାନ ପରେ ପୁଣି ଥରେ ଅଶାନ୍ତି ସୃଷ୍ଟି ହୋଇଛି। କିଛିଦିନ ତଳେ କଲେଜରୁ ନିଲମ୍ବିତ ହୋଇଥିବା କର୍ମଚାରୀମାନେ ଡିପ୍ଲୋମା ଅଧ୍ୟକ୍ଷ ଗଙ୍ଗାଧର ଧଳଙ୍କୁ ସୋମବାର ଆକ୍ରମଣ କରିଛନ୍ତି। ଆକ୍ରମଣରେ ଆହତ ଅଧ୍ୟକ୍ଷ ଧଳଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅପରାହ୍ନରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ୧୨ଟା ବେଳେ କେତେଜଣ ନିଲମ୍ବିତ କର୍ମଚାରୀ ଓ ତାଙ୍କ ସହଯୋଗୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭିତରକୁ ପଶି କାହିଁକି ସେମାନଙ୍କୁ ନିଲମ୍ବନ କରିଛନ୍ତି କହି ହଟ୍ଟଗୋଳ କରିଥିଲେ। ଏଥିସହ ତାଙ୍କୁ ଟାଣି ଆଣି ତଳେ ପକାଇ ବିଧା, ଗୋଇଠା ମାରିଛନ୍ତି। ଅନ୍ୟ କର୍ମଚାରୀମାନେ ଅଧ୍ୟକ୍ଷଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ଛାତି ଓ ଗୋଡ଼ରେ ଯନ୍ତ୍ରଣା ହେଉଥିବା ସେ କହିଛନ୍ତି। ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ କଲେଜରେ ପହଞ୍ଚି ଘଟଣାର ତଦନ୍ତ କରିଛି। ଟାଉନ ପୋଲିସ ଡାକ୍ତରଖାନାରେ ପହଞ୍ଚି ଅଧ୍ୟକ୍ଷ ଧଳଙ୍କୁ ଘଟଣା ବିଷୟରେ ପଚରାଉଚରା କରିଛି। ଖବର ଲେଖାହେବା ସୁଦ୍ଧା ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନ ଥିବା ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାଶ କହିଛନ୍ତି।

# ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ସଂରକ୍ଷଣ ଦିବସ

ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)



ବାଘ ଦୁନିଆର ସବୁଠାରୁ ପରିଚିତ ପ୍ରାଣୀ। ଏମାନଙ୍କ ସଂରକ୍ଷଣ ଜୈବ ବିବିଧତା ତଥା ପରିବେଶର ସନ୍ତୁଳନ ବଜାୟ ରଖିବାରେ ସହାୟକ ହୋଇଥାଏ। ତେଣୁ ବାଘ ବଂଶବୃଦ୍ଧି ସହ ଏମାନଙ୍କ ସଂରକ୍ଷଣ ନିତାନ୍ତ ଆବଶ୍ୟକ। ଏନେଇ ଲୋକଙ୍କ ମନରେ ସଚେତନତା ତଥା ଜାଗ୍ରତ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୯କୁ 'ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ' ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ଥିମ୍ ରହିଛି 'ବାଘମାନଙ୍କ ପାଇଁ ଗର୍ଜନ'। ଦେଶ ତଥା ବିଶ୍ୱରେ ଦିନକୁ ଦିନ ବାଘଙ୍କ ସଂଖ୍ୟା କମିବାରେ ଲାଗିଛି। ଅବୈଧ ଶିକାର ଏହାର ଏକ ପ୍ରମୁଖ କାରଣ ସାଜିଥିବାବେଳେ ଆଧୁନିକତା ନାମରେ ଜଙ୍ଗଲ ନଷ୍ଟ ଏବଂ ଜଳବାୟୁ ପରିବର୍ତ୍ତନ ଭଳି କେତେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଓଡ଼ିଶାର ଶିମିଳିପାଳରେ ପୂର୍ବାପେକ୍ଷା ବାଘ ସଂଖ୍ୟା ବଢ଼ିଥିବାରୁ ଏହାକୁ ନେଇ ବନ୍ୟପ୍ରାଣୀ ପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ୨୦୩୬ସୁଦ୍ଧା ଶିମିଳିପାଳରେ ବାଘ ସଂଖ୍ୟା ୧୦୦କୁ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଚେଷ୍ଟା ଜାରି ରହିଛି। ଏହା ଭାରତର ବ୍ୟାଘ୍ର ସଂରକ୍ଷଣ ରୋଡ୍‌ମ୍ୟାପ୍‌ରେ ଶିମିଳିପାଳର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ବନ ବିଭାଗର ଆଶା ଉଜ୍ଜୀବିତ ହୋଇଛି।

ଏନେଇ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା କହିଛନ୍ତି, ଶିମିଳିପାଳରେ ବାଘଙ୍କ ସଂଖ୍ୟା ଆଶାନୁରୂପ ବୃଦ୍ଧି ପାଇଛି। ମହାରାଷ୍ଟ୍ରରୁ ଆସିଥିବା 'ଜିନତ୍' ଓ 'ଯମୁନା' ମଧ୍ୟ ସୁସ୍ଥ ଅଛନ୍ତି। ସେହିପରି ବାଘଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ପାଇଁ ନୂତନ ସ୍ଥାନ ଲାଗି ଡେବ୍ରିଗଡଠାରେ ଟାଇଗର ରିଜର୍ଭ କରିବା ନେଇ ଯୋଜନା କରାଯାଉଛି। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। କମିଟିରେ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ ଡ. ଅନୁପ କୁମାର ନାୟକ ଅଧ୍ୟକ୍ଷ ରହିଛନ୍ତି। ସେହିପରି ୱାଇଲ୍ଡ ଲାଇଫ୍ ଇନ୍ଷ୍ଟିଟ୍ୟୁଶନ୍ ଅଫ୍ ଇଣ୍ଡିଆ ଡେରାଡୁନ୍‌ର ସଦସ୍ୟ ଡ. ବିଭାସ ପାଣ୍ଡବ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଅତିଥି ଅଧ୍ୟାପକ ଡ. ହେମା କୁମାର ନାୟକ ସଦସ୍ୟ ରହିଛନ୍ତି। ଏହି କମିଟି ଟାଇଗର ରିଜର୍ଭ ପାଇଁ ବଫର ଜୋନ୍‌ଗୁଡିକର ସୀମା ନିର୍ଣ୍ଣୟ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ନିରୀକ୍ଷଣ କରିବେ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।

# ମହାବଳ ବାଘ: ୨୦୩୦ ସୁଦ୍ଧା ୧୦୦ ଟପିବ

ବାରିପଦା,୨୮।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାବଳ ବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ଉପଯୁକ୍ତ ବାସସ୍ଥାନ ଭାବେ ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି(ଏନ୍‌ଟିସିଏ)ପକ୍ଷରୁ ସବୁଜ ସଙ୍କେତ ପ୍ରଦାନ କରାଯାଇଛି। ଏଠାରେ ମହାବଳ ବାଘ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ୨୦୩୦ ସୁଦ୍ଧା ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ୧୦୦ ଟପିବ ବୋଲି ଆଶା କରାଯାଇଛି। ବର୍ତ୍ତମାନ ଶିମିଳିପାଳରେ ମହାବଳ ବାଘ ୪୦ ଥିବାବେଳେ ଦୁଇ ଅତିଥି ଯମୁନା ଓ ଜିନ୍ନତକୁ ମିଶାଇ ଏମାନଙ୍କ ସଂଖ୍ୟା ୪୨ରେ ପହଞ୍ଚିଛି। ଏଥିମଧ୍ୟରେ ୩୪ଟି ମହାବଳ ଓ ୮ଟି ଶାବକ ରହିଛନ୍ତି। ବାଘ ଗଣନା ପରିସଂଖ୍ୟାନ ଅନୁଯାୟୀ, ପ୍ରତି ୪ବର୍ଷରେ ବାଘ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଉଛି। ଏହାକୁ ଲକ୍ଷ୍ୟରେ ରଖି ୨୦୨୬ ଗଣନାରେ ଏହା ୬୦ ପାର୍ ହେବା ଆଶା ରହିଛି। ଶିକାରୀଙ୍କ କବଳରୁ ରକ୍ଷା କରିବା ଏବଂ ମହାବଳର ଗତିବିଧି ଉପରେ ନଜର ରଖିବା ପାଇଁ ବିଭାଗ ପକ୍ଷରୁ ଟ୍ରାପ୍ ଓ ଏଆଇ କ୍ୟାମେରା ଖଞ୍ଜାଯାଇଛି। ବନ କର୍ମଚାରୀଙ୍କ ସହ ଡାକ୍ତରୀଟିମ୍ ପାଟ୍ରୋଲିଂରେ ଯାଇ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରୁଛନ୍ତି। ଏପରି ସ୍ଥଳେ ମହାରାଷ୍ଟ୍ର ତଡବା ଅନ୍ଧାରୀ ଜଙ୍ଗଲରୁ ଅଣାଯାଇଥିବା ମହାବଳ ବାଘୁଣୀ ଜିନ୍ନତ ସେପ୍ଟେମ୍ବର ଶେଷ ସୁଦ୍ଧା ମା' ହେବାକୁ ଯାଉଛି। କଳାବାଘ ଜେନେଟିକ୍‌ରେ ପରିବର୍ତ୍ତନ ଆଣିବା ଯୋଜନା ସଫଳ ହେଲେ ଆଗାମୀ ଦିନରେ ଶିମିଳିପାଳକୁ ମହାବଳ ବାଘୁଣୀ ଆଣିବାର ଯୋଜନା ଜାରି ରହିବ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ଏନେଇ ପୂର୍ବତନ ବନ୍ୟପାଣୀ ତତ୍ତ୍ୱାବଧାରକ ତଥା ଓଡ଼ିଶା ରାଜ୍ୟ ବନ ଉନ୍ନୟନ ୨ନଂ. ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ବାଘ ପାଇଁ ନିର୍ଭୟ ନିଶ୍ଚଳ ବାସସ୍ଥଳୀ, ସହଜ ଖାଦ୍ୟ ସଂଗ୍ରହ, ଶିକାରୀମୁକ୍ତ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ ବାଘ ସଂଖ୍ୟା ବୃଦ୍ଧିରେ ଦ୍ରୁତ ଅଗ୍ରଗତି ସମ୍ଭବ ହୋଇପାରିବ ବୋଲି ମତ ରଖିଛନ୍ତି।

# ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ଏଫ୍‌ଏମ୍ କଲେଜ ଛାତ୍ର ଜ୍ୟୋତିପ୍ରକାଶ

କଟକ,୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)



ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଆତ୍ମାହୁତି ସମୟରେ ରକ୍ଷା କରିବାକୁ ଯାଇ ଆହତ ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ସୋମବାର ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଜ୍ୟୋତିଙ୍କ ପରୀକ୍ଷା ନିରୀକ୍ଷା କରାଯିବା ସହ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଅପରାହ୍ନ ସମୟରେ ଡିସ୍‌ଚାର୍ଜ କରାଯାଇଛି। ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ସୂଚନାନୁଯାୟୀ, ଜ୍ୟୋତିପ୍ରକାଶ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରିଛନ୍ତି। ଏହାସହ ଆସନ୍ତା ୧୫ଦିନ ପରେ ସେ ମେଡିକାଲ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ଏବଂ ତାଙ୍କୁ ସମସ୍ତ ଔଷଧ ଓ ଖାଦ୍ୟପେୟ ସମ୍ପର୍କରେ କୁହାଯାଇଥିବା ନାୟକ କହିଛନ୍ତି। ଅନ୍ୟପଟେ ଜ୍ୟୋତି ଏସ୍‌ସିବିରୁ ଡିସ୍‌ଚାର୍ଜ ହେବା ପରେ କହିଛନ୍ତି, ବାଲେଶ୍ୱର ଘଟଣା ସମ୍ପର୍କରେ କିଛି କହିବାକୁ ଚାହୁଁନି, କିନ୍ତୁ ଏସ୍‌ସିବିରେ ସମସ୍ତ ଚିକିତ୍ସା ମିଳିଛି ଏବଂ ସମସ୍ତେ ସହଯୋଗ କରିଛନ୍ତି।



ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ

-ଜାଗ୍ରତ୍‌ଗୌରୀ ପଞ୍ଚମୀ



# ପୁରୁଷ ହେଲେ ମହିଳା

ଦେଶର ବିଭିନ୍ନ ରାଜ୍ୟରେ କଲ୍ୟାଣକାରୀ ଯୋଜନାଗୁଡ଼ିକରେ ହିତାଧିକାରୀ ହେବା ପାଇଁ ଜୀବିତ ବ୍ୟକ୍ତି ମୃତ ହେବା, ବିଧବା ମହିଳା ସଧବା ହେବା ବା ସଧବା ବିଧବା ହେବା କିମ୍ବା ପୁରୁଷ ନିଜକୁ ମହିଳା ଦର୍ଶାଇବା ଭଳି କୌତୂହଳର ଠକେଇ ବାରମ୍ବାର ସାମ୍ନାକୁ ଆସୁଛି। ଉଦାହରଣ ସ୍ୱରୂପ, ନିକଟରେ ମହାରାଷ୍ଟ୍ରରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଲଡ୍‌କୀ ବହିନ୍ ଯୋଜନାରେ ୧୪, ୦୦୦ରୁ ଊର୍ଦ୍ଧ୍ୱ ପୁରୁଷ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। କେବଳ ଏତିକି ନୁହେଁ ଏମାନଙ୍କ ସମେତ ମୋଟ ୨୬ ଲକ୍ଷ ୩୪ ହଜାର ଅଯୋଗ୍ୟ ହିତାଧିକାରୀଙ୍କର ପ୍ରାପ୍ୟ ଜୁନ୍ ୨୦୨୫ରୁ ସାମୟିକ ଭାବେ ବନ୍ଦ କରାଯାଇଥିବା ମହାରାଷ୍ଟ୍ର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି। ଲଡ୍‌କୀ ବହିନ୍ ଯୋଜନା ବିଶେଷକରି ଆର୍ଥିକ କ୍ଷେତ୍ରରେ ଦୁର୍ବଳ ୨୧ରୁ ୬୫ ବର୍ଷର ମହିଳାଙ୍କୁ ମାସିକ ୧,୫୦୦ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ଉଲ୍ଲେଖନୀୟ ଯେ,୧୭ ଅଗଷ୍ଟ ୨୦୨୪ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଶିବସେନା(ଶିନ୍ଦେ)ର ନେତା ଏକନାଥ ଶିନ୍ଦେ ଲଡ୍‌କୀ ବହିନ୍ ଯୋଜନା ଆରମ୍ଭ କରିଥିଲେ ଏବଂ ଏହା ପାଇଁ ବଜେଟରେ ୪୬,୦୦୦ କୋଟି ଟଙ୍କା ବରାଦ ହୋଇଥିଲା। ୨୦୨୪ ନଭେମ୍ବର ବିଧାନସଭା ନିର୍ବାଚନକୁ ଲକ୍ଷ୍ୟକରି ପୂର୍ବରୁ ମଧ୍ୟପ୍ରଦେଶରେ ଲାଗୁ କରାଯାଇଥିବା ଲାଡ୍‌ଲୀ ବହେନ ଯୋଜନାକୁ ଅନୁସରଣ କରି ଏହା କରାଯାଇଥିଲା। ଭାଜପା, ଶିବସେନା(ଶିନ୍ଦେ) ଓ ଏନ୍‌ସିପି (ଅଜିତ୍ ପାୱାର)ମେଣ୍ଟ ମହାଯୁତି କ୍ଷମତାକୁ ଫେରି ଏକନାଥ ଶିନ୍ଦେଙ୍କ ପରିବର୍ତ୍ତେ ଦେବେନ୍ଦ୍ର ଫଡ୍‌ନବିସ ମୁଖ୍ୟମନ୍ତ୍ରୀ ଭାବେ ୫ ଡିସେମ୍ବର ୨୦୨୪ରେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ୨ କୋଟି ୨୫ଲକ୍ଷ ହିତାଧିକାରୀ ଥିବା ଲଡ୍‌କୀ ବହିନ୍ ଯୋଜନାକୁ ବର୍ଷେ ନ ପୂରୁଣୁ ଏବେ ସେଥିରେ ୧୪,୦୦୦ ପୁରୁଷ ସାମିଲ ହୋଇ ଟଙ୍କା ନେଇଯାଇଛନ୍ତି, ଯାହା ପ୍ରଶାସନିକ ଦୁର୍ବଳତାକୁ ସୂଚିତ କରିଛି। ସେହିଭଳି ଓଡ଼ିଶାରେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ଲାଗୁ କରାଯାଇଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ବର୍ଷକୁ ୧୦, ୦୦୦ ଟଙ୍କା ହିସାବରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବା ଲାଗି ଯୋଜନା କରାଯାଇ ଟଙ୍କା ବଣ୍ଟାଚାଲିଛି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଏହି ଯୋଜନାରେ ୧୫୭ ପୁରୁଷ ଆବେଦନ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଥିଲା । ଏହା ବ୍ୟତୀତ ଚଳିତ ବର୍ଷ ପ୍ରାରମ୍ଭରେ ଖାଦ୍ୟ ସୁରକ୍ଷା ଯୋଜନାରେ ବାଲେଶ୍ୱର ବାଲିଆପାଳ ବ୍ଲକ୍‌ରେ ଶିକ୍ଷକ, ଇଞ୍ଜିନିୟର, ଅଧ୍ୟାପକ, ପୋଲିସ, ଜିଏସ୍‌ଟି ଅଧିକାରୀ, ଡାଟା ଏଣ୍ଟ୍ରି ଅପରେଟର, ପିଅନ ସମେତ ମୋଟ ୧୬୫ ସରକାରୀ ଚାକିରିଆ ରାଶନ କାର୍ଡ ହାତେଇଥିବା ରାଜ୍ୟ ଖାଉଟି ବିଭାଗ ସୂତ୍ରରୁ ଜଣାପଡ଼ିଥିଲା। ଦୁଇ ରାଜ୍ୟର ଏହିସବୁ ଉଦାହରଣକୁ ଦେଖିଲେ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ହିତାଧିକାରୀ ଚୟନରେ ଘୋର ତ୍ରୁଟି ବା ଜାଣିଶୁଣି ବଦମାସି କରୁଛନ୍ତି। ଫଳରେ ମହିଳାଙ୍କ ଅର୍ଥକୁ ପୁରୁଷ ନେଇଯାଉଛନ୍ତି କିମ୍ବା ନେବାକୁ ଚେଷ୍ଟା କରୁଛନ୍ତି। ଅପରପଟେ ଗରିବଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ କିମ୍ବା ଗହମକୁ ବାଡ଼ ଫସଲ ଖାଇଲା ଭଳି ସରକାରୀ ଚାକିରିଆ, ଧନୀମାନେ ଖାଇଯାଉଛନ୍ତି। ବିଶେଷକରି ଅମଲାତାନ୍ତ୍ରିକ ବିଫଳତା ଓ ଦୁର୍ନୀତି ଯୋଗୁ ମହିଳା ସଶକ୍ତୀକରଣ ଓ ଗରିବ ଦୂରୀକରଣ ଭଳି ଅନେକ ଯୋଜନାରେ ସଫଳତା ମିଳିବା କଷ୍ଟକର ହୋଇଯାଉଛି। ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଦଣ୍ଡ ଦେବା କିମ୍ବା ସେମାନଙ୍କଠାରୁ ଅର୍ଥ ଫେରାଇଆଣିଲେ ସମସ୍ୟା ସମାଧାନ ହୋଇପାରିବ ନାହିଁ। ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଜଡ଼ିତ ପ୍ରଶାସନିକ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ବୃହତ୍ତର ପର୍ଯ୍ୟାୟରେ ତୃଣମୂଳ ସ୍ତରରେ ହିତାଧିକାରୀଙ୍କ ସ୍ଥିତି ପ୍ରଶାସନିକ କ୍ଷେତ୍ରରେ ଯାଞ୍ଚ ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି।

ହିତାଧିକାରୀ ହେବା ପାଇଁ ଜଣେ ବ୍ୟକ୍ତିଙ୍କ ଆବେଦନ ପତ୍ର ପଞ୍ଚାୟତ ସ୍ତରରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କ ପାଖକୁ ଆସୁଛି। ସେଥିରେ ପଞ୍ଚାୟତ ସଚିବ, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀଙ୍କ ସମ୍ପୃକ୍ତି ଓ ବଡ଼ବାବୁଙ୍କ ଦସ୍ତଖତ ରହୁଛି। ବିଡିଓଙ୍କର ମଧ୍ୟ ଦସ୍ତଖତ ରହୁଛି। ତା'ପରେ ତାକୁ ଉପ ଜିଲାପାଳ ସ୍ୱୀକୃତି ଦେବା ପରେ ତାହା ଜିଲାପାଳଙ୍କ ବାଟ ଦେଇ ରାଜ୍ୟ ସରକାରଙ୍କ ସ୍ତରରେ ହିତାଧିକାରୀ ହେବା ଲାଗି ଆବେଦନ କରିଥିବା ବ୍ୟକ୍ତିଙ୍କ ଆବେଦନ ପତ୍ର ଓ ସେଥିରେ ସଂଯୋଗ ହୋଇଥିବା ଦଲିଲ ଯାଞ୍ଚ କରାଯାଏ। ଏହା ପରେ ସରକାର ବିଭିନ୍ନ ବିଭାଗ ମାଧ୍ୟମ ଦେଇ ଆସିଥିବା ଆବେଦନଗୁଡ଼ିକୁ ମଞ୍ଜୁରୀ ଦିଅନ୍ତି ଓ ସେହି ଯୋଜନା ପାଇଁ ବଜେଟରେ କରାଯାଇଥିବା ବ୍ୟୟ ବରାଦରୁ ହିତାଧିକାରୀଙ୍କ ପାଖକୁ ସାହାଯ୍ୟ ପଠାଯାଇଥାଏ। ଅର୍ଥାତ୍ ହିତାଧିକାରୀଙ୍କ ଆବେଦନକୁ ବିଭିନ୍ନ ସ୍ତରରେ ଯାଞ୍ଚ କରାଯାଉଥିବା ସତ୍ତ୍ୱେ ମହାରାଷ୍ଟ୍ରଠାରୁ ଆରମ୍ଭ କରି ଓଡ଼ିଶା ପର୍ଯ୍ୟନ୍ତ ସବୁଆଡ଼େ ପ୍ରବଳ ମାତ୍ରାରେ ତ୍ରୁଟି ଦେଖାଯାଉଛି। ଏହା ପ୍ରମାଣ କରୁଛି ଯେ, କଶ୍ମୀରରୁ କନ୍ୟାକୁମାରୀ, ଗୁଜରାଟରୁ ମିଜୋରାମ ଭାରତ ନା ଯେ କେବଳ ମହାନ, ତାହା ଦୁର୍ନୀତି ମାଧ୍ୟମରେ ସଂଗଠିତ। ଏଭଳି ଦୁର୍ନୀତିର ପ୍ରତିକାର ପାଇଁ ସରକାର ନୂଆ ଆଇନ ଆଣିପାରନ୍ତେ, ଯେଉଁଥିରେ ଅସତ୍ୟ ଉପରେ ଆଧାରିତ ତଥ୍ୟ ଦେଉଥିବା ଏବଂ ହିତାଧିକାରୀ ହେବା ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ରହନ୍ତା। ଯଥା ଲିଙ୍ଗ ବଦଳାଇ କାଗଜରେ ଦସ୍ତଖତ କରି ଜଣେ ପୁରୁଷ ଯଦି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରୁ ଅର୍ଥ ଲାଭ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ସେହି ବ୍ୟକ୍ତିଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ସହିତ ବାସଗୃହ କୋରକ କରିବାର ଆଇନ ପ୍ରଣୀତ ହୋଇପାରନ୍ତା। ଏଥିସହିତ ତୃଣମୂଳ ସ୍ତରରେ ପ୍ରଥମ ସରକାରୀ କର୍ମଚାରୀ ଏଭଳି ତ୍ରୁଟିପୂର୍ଣ୍ଣ ଆବେଦନକୁ ସ୍ୱୀକାର କରି ଦ୍ୱିତୀୟ ସ୍ତରକୁ ପଠାଉଛନ୍ତି , ସେଭଳି ଜାଗାରେ ପ୍ରଥମ ସ୍ତରର ସରକାରୀ ଅଧିକାରୀଙ୍କ ଉପରେ ସେହିଭଳି ଫୌଜଦାରି ମକଦ୍ଦମା ରୁଜୁ କରିବା ସହ ଲକ୍ଷେ ଟଙ୍କା ଜରିମାନା କରାଯାଇପାରନ୍ତା, ତାହା ହେଲେ ଲଡ୍‌କୀ ବହିନ୍‌ରୁ ସୁଭଦ୍ରା ପର୍ଯ୍ୟନ୍ତ କୌଣସି ପୁରୁଷ ଆବେଦନ କରିବା ପୂର୍ବରୁ ଅନେକ ଥର ଚିନ୍ତା କରିବାକୁ ଭାବିବେ।

# ଜାତିସଂଘରେ ଭାରତ, ପାକିସ୍ତାନ



ଜ୍ୟୋତିପ୍ରକାଶ କର

ଆଧୁନିକ ଯୁଗର ଭୟଙ୍କର ପରିସ୍ଥିତିକୁ ସମଗ୍ର ମାନବ ସମାଜ ପ୍ରତ୍ୟକ୍ଷ କରିଛି ଦୁଇଟି ବିଶ୍ୱଯୁଦ୍ଧ। ପ୍ରଥମ ବିଶ୍ୱଯୁଦ୍ଧ ମିତ୍ରଶକ୍ତି (ଆଲାଏଡ୍ ପାୱାର) ଓ କେନ୍ଦ୍ର ଶକ୍ତି (ସେଣ୍ଟ୍ରାଲ୍ ପାୱାର) ମଧ୍ୟରେ ହୋଇଥିଲା। ମିତ୍ରଶକ୍ତି ଯେଉଁଥିରେ ମୁଖ୍ୟତଃ ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ୍, ରୁଷିଆ, ଜାପାନ୍ ରହିଥିଲେ ଓ ପରେ ଇଟାଲୀ, ୟୁନାଇଟେଡ୍ ଷ୍ଟେଟ୍ସ ଯୋଗ ଦେଇଥିଲେ। କେନ୍ଦ୍ରଶକ୍ତି ଯେଉଁଥିରେ ଜର୍ମାନୀ, ଅଷ୍ଟ୍ରିଆ-ହଙ୍ଗେରୀ, ତୁର୍କୀ, ଗ୍ରୀସ୍, ଲେବାନନ୍, ୟେମେନ୍, ଇଜିପ୍ଟ, ଇରାକ୍, ସିରିଆ ପ୍ରଭୃତି ରହିଥିଲେ ଓ ମିତ୍ରଶକ୍ତିର ବିଜୟ ହୋଇଥିଲା ଏବଂ ୨୮ ଜୁନ୍ ୧୯୧୯ରେ ୩୨ଟି ଦେଶର ଦସ୍ତଖତରେ ଏକ ଶାନ୍ତି ଚୁକ୍ତିନାମା ଫ୍ରାନ୍ସର ଭର୍ସାଲିଜ୍ ପ୍ରାସାଦର ମିରରସ୍ ହଲ୍‌ରେ ସ୍ୱାକ୍ଷରିତ ହୋଇ ପରିସମାପ୍ତି ଘଟିଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଲୋମହର୍ଷଣକାରୀ ଭୟାବହତା ଏବେ ବି ସମାଜର ସ୍ଥିତିକୁ ଦୋହଲାଇଦିଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ମୁଖ୍ୟତଃ ଅକ୍ଷଶକ୍ତି (ଆକ୍ସିସ୍ ପାୱାର୍) ଓ ମିତ୍ରଶକ୍ତି (ଆଲାଏଡ୍ ପାୱାର) ମଧ୍ୟରେ ହୋଇଥିଲା। ଅକ୍ଷଶକ୍ତି, ଜର୍ମାନୀର ଆଡ୍‌ଲଫ୍ ହିଟ୍‌ଲରଙ୍କ ନେତୃତ୍ୱରେ ଇଟାଲୀ, ଜାପାନ, ହଙ୍ଗେରୀ, ରୋମାନିଆ, ବୁଲ୍‌ଗେରିଆ ଓ ସ୍ଲୋଭାକିଆ ପ୍ରଭୃତି ରହିଥିଲେ। ମିତ୍ରଶକ୍ତିରେ ଗ୍ରେଟ୍ ବ୍ରିଟେନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ; ଯେଉଁଥିରେ ଫ୍ରାନ୍ସ, ସୋଭିଏତ୍ ୟୁନିୟନ୍, ୟୁନାଇଟେଡ୍ ଷ୍ଟେଟ୍ସ ଓ ଚାଇନା ପ୍ରମୁଖ ରହିଥିଲେ। ୮ ମେ ୧୯୪୫ରେ ଜର୍ମାନୀର ନିଃସର୍ତ୍ତ ଆତ୍ମସମର୍ପଣ, ୬ ଓ ୯ ଅଗଷ୍ଟରେ ୟୁନାଇଟେଡ୍ ଷ୍ଟେଟ୍ସ ଜାପାନର ହିରୋସୀମା ଓ ନାଗାସାକି ଉପରେ ପରମାଣୁ ବୋମା ନିକ୍ଷେପଣ ପରେ ୧୫ ଅଗଷ୍ଟ ୧୯୪୫ରେ ଜାପାନ୍ ନିଃସର୍ତ୍ତ ଆତ୍ମସମର୍ପଣ କରି ୨ ସେପ୍ଟେମ୍ବର ୧୯୪୫ରେ ଆତ୍ମସମର୍ପଣର ଦସ୍ତାବିଜ୍‌ରେ ସ୍ୱାକ୍ଷର ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଥିଲା।

ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା କରି ଏହାର ଭୟାବହତା ଓ ବିଧ୍ୱଂସତାର ସୁଦୂର ପରିଣାମକୁ ଚିନ୍ତା କରି ବିଶ୍ୱ ଶାନ୍ତି ବିଷୟରେ ପ୍ରାୟ ୫୦ଟି ଦେଶର ପ୍ରତିନିଧିମାନେ କାଲିଫର୍ନିଆରେ ମିଳିତ ବୈଠକରେ ଆନ୍ତର୍ଜାତିକ ସଂଗଠନ ବିଷୟରେ ଆଲୋଚନା କଲେ, ଯାହା ୨୫ ଏପ୍ରିଲ୍‌ରୁ ୨୬ ଜୁନ୍ ୧୯୪୫ ମସିହା ପର୍ଯ୍ୟନ୍ତ ଚାଲିଲା। ପରବର୍ତ୍ତୀ ୨ ମାସରେ ଠିଆ ପ୍ରସ୍ତୁତ କରି ମିଳିତ ରାଷ୍ଟ୍ରର ଲିଖିତ ସମ୍ବିଧାନରେ ସ୍ୱାକ୍ଷର କଲେ, ଯାହା ଏକ ନୂତନ ଆନ୍ତର୍ଜାତିକ ସଂଗଠନ 'ଜାତିସଂଘ'ର ରୂପ ନେଲା। ଆଶା କରାଗଲା ଏହି ସଂସ୍ଥା ଅନ୍ୟ ଏକ ବିଶ୍ୱଯୁଦ୍ଧକୁ ପ୍ରତିହତ କରିପାରିବ। ଆମେରିକା, ସୋଭିଏତ୍ ୟୁନିୟନ୍, ଫ୍ରାନ୍ସ, ବ୍ରିଟେନ୍, ଚାଇନା ଓ ଅନ୍ୟାନ୍ୟ ପ୍ରଭାବଶାଳୀ ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ସନନ୍ଦ ଅନୁମୋଦିତ ହୋଇ କାଲିଫର୍ନିଆ ବୈଠକର ୪ ମାସ ପରେ ୨୪ ଅକ୍ଟୋବର ୧୯୪୫ରେ ଔପଚାରିକ ଭାବରେ ମିଳିତ ଜାତିସଂଘ ଆରମ୍ଭ ହେଲା। ବାସ୍ତବରେ ଚାଇନା ପ୍ରଭାବଶାଳୀ ନ ଥିଲା, ତା' ଅପେକ୍ଷା ଜାପାନ ବେଶ୍ ପ୍ରଭାବଶାଳୀ ଥିଲା ; କିନ୍ତୁ ହୀରୋସିମା ଓ ନାଗାସାକି ଉପରେ ପଡ଼ିଥିବା ପରମାଣୁ ବୋମାର ଭୟାବହତା ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସିଆ ମହାଦେଶରେ ଚାଇନାକୁ ମନୋନୀତ କରାଗଲା। ଏମାନେ ଏକୁ ଆରେକ ବଳିଆର ଓ ପରସ୍ପରର ଶତ୍ରୁ ହେଲେ ବି ଏହି ୫ଟି ଦେଶକୁ ଭିଟୋ (ପ୍ରସ୍ତାବିତ ବିଷୟରେ ନିଷେଧ ଅଧିକାର) ଭଳି ସ୍ୱତନ୍ତ୍ର ଶକ୍ତି ଦିଆଯାଇ ସମ୍ବିଧାନ ଅନୁମୋଦିତ ହେଲା। ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତାରେ ପ୍ରସ୍ତାବ ଅନୁମୋଦିତ ହେଲେ ମଧ୍ୟ ଏହି ପି-୫ (ପର୍ମାନେଣ୍ଟ-୫) ଦେଶ ମଧ୍ୟରୁ କେହି ଜଣେ ବି ଭିଟୋ ଶକ୍ତି ବଳରେ ପ୍ରତିକୂଳ ମତପୋଷଣ କରି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇ ପାରିବ। ଉଦାହରଣ ସ୍ୱରୂପ ଭିଟୋ କ୍ଷମତା ବଳରେ ଚାଇନା ଚାରିଥର ପାକିସ୍ତାନର ଆତଙ୍କବାଦୀ ସଂଗଠନ ଜୈସ୍-ଇ-ମହମ୍ମଦର ପ୍ରତିଷ୍ଠାତା ମସୁଦ୍ ଅଜହରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ପ୍ରସ୍ତାବକୁ ରଦ୍ଦ କରିପାରିଛି।



ଭବିଷ୍ୟତରେ ଜାତିସଂଘର ସଭ୍ୟ ଥିବା ଦେଶଗୁଡ଼ିକ କାଳେ ଏହି ୫ ଜଣଙ୍କୁ ନ ମାନିବେ, ତେଣୁ ଆଉ ୧୦ ଜଣଙ୍କୁ ଅସ୍ଥାୟୀ ସଦସ୍ୟ ଭାବେ ୨ ବର୍ଷର ଅବଧି ପାଇଁ ମନୋନୀତ କରିବାକୁ ସ୍ଥିର କଲେ, ଯଦ୍ୱାରା ସେମାନେ ମିଳିତ ଭାବେ ସମ୍ପର୍କରେ ରହି ପାରସ୍ପରିକ ଚିନ୍ତାଧାରାକୁ ଆଦାନପ୍ରଦାନ କରିପାରିବେ। ଆଫ୍ରିକା ମହାଦେଶରୁ ୩ ଜଣ, ଏସିଆ-ପାସିଫିକ୍‌ରୁ ୨ ଜଣ, ଲାଟିନ୍ ଆମେରିକାରୁ ଜଣେ, କାରବିୟାନ୍‌ରୁ ଜଣେ, ପଶ୍ଚିମ ୟୁରୋପ୍‌ରୁ ୨ ଜଣ ଓ ପୂର୍ବ ୟୁରୋପ୍‌ରୁ ଜଣେ ଏପରି ମୋଟ ୧୦ ଜଣ ଅସ୍ଥାୟୀ ସଦସ୍ୟ ନିର୍ବାଚିତ ହୁଅନ୍ତି।

୧୯୪୫ରେ ନୋବେଲ୍ କମିଟି ମଧ୍ୟ ବିଶ୍ୱର ଏକ ମିଳିତ ପ୍ରତିଷ୍ଠାନ ଗଠନ ବିଷୟରେ ଚିନ୍ତା କରିଥିଲା ଏବଂ ଶାନ୍ତି ପାଇଁ କର୍ଡେଲ୍ ହଲ୍‌ଙ୍କୁ ପୁରସ୍କୃତ କରାଗଲା, ଯିଏକି ମିଳିତ ଜାତିସଂଘର ପିତା ଭାବରେ ପରିଚିତ ହେଲେ। ଏହାର ପୂର୍ବ ନାମ ଲିଗ୍ ଅଫ୍ ନେଶନ୍ସ ଥିଲା। ଆମେରିକାର ପ୍ରେସିଡେଣ୍ଟ ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍‌ଟ ପ୍ରଥମେ ଏହି 'ୟୁନାଇଟେଡ୍ ନେଶନ୍ସ' ନାମକୁ ଔପଚାରିକ ଭାବେ ଅଭିହିତ କଲେ। ଜାତିସଂଘରେ ବିଭିନ୍ନ ଆନ୍ତର୍ଜାତିକ ପ୍ରସଙ୍ଗ ଆଲୋଚନା ପାଇଁ ପ୍ରମୁଖ ସଂସ୍ଥାଗୁଡ଼ିକ ହେଲା ସାଧାରଣ ପରିଷଦ, ସୁରକ୍ଷା ପରିଷଦ, ଆର୍ଥିକ ଓ ସାମାଜିକ ପରିଷଦ, ଆନ୍ତର୍ଜାତିକ ବିଚାରାଳୟ, ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଙ୍ଗଠନ, ମାନବାଧିକାର, ଜଙ୍ଗଲ-ଜଳବାୟୁ ଓ ମହାକାଶ ସମ୍ବନ୍ଧୀୟ ଅନେକ ଆଲୋଚ୍ୟ ପ୍ରସଙ୍ଗକୁ ନେଇ ଫୋରମ୍ ମାନ ଗଢ଼ାଯାଇଅଛି।

ସ୍ୱାଧୀନତା ପ୍ରାପ୍ତିର ୨ ବର୍ଷ ପୂର୍ବରୁ ଅର୍ଥାତ୍ ୩୦ ଅକ୍ଟୋବର ୧୯୪୫ରେ ଭାରତ ଜାତିସଂଘରେ ଯୋଗ ଦେଇଛି ଏବଂ ଭାରତ ମଧ୍ୟ ସେହି ୫୦ଟି ଦେଶ ଭିତରେ ଥିଲା, ଯେଉଁମାନେ ୨୬ ଜୁନ୍ ୧୯୪୫ରେ ସନନ୍ଦକୁ ଅନୁମୋଦନ କରି ସ୍ୱାକ୍ଷର କରିଥିଲେ। ପାକିସ୍ତାନ ମଧ୍ୟ ସ୍ୱାଧୀନତା ପ୍ରାପ୍ତିର ୧ ମାସ ପରେ, ୩୦ ସେପ୍ଟେମ୍ବର ୧୯୪୭ରେ ଜାତିସଂଘର ସଦସ୍ୟତା ଲାଭ କଲା। ଭାରତ ୧୯୫୦-୫୧ ରୁ ୨୦୨୧-୨୨ ଭିତରେ ୮ଥର ଅସ୍ଥାୟୀ ସଦସ୍ୟର ମାନ୍ୟତା ଲାଭ କରି ନିର୍ବାଚିତ ହୋଇ ୪ର୍ଥ ସ୍ଥାନରେ ରହିଛି। ପାକିସ୍ତାନ ମଧ୍ୟ ଭାରତ ପଛେ ପଛେ ୧୯୪୭ରୁ ୧୯୫୬ ଯାଏଁ 'ଡୋମିନିୟନ୍‌ଅଫ୍‌ପାକିସ୍ତାନ' ଏବଂ ୧୯୫୬ ପରଠାରୁ 'ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ପାକିସ୍ତାନ' ଭାବରେ ରହିଛି। ବର୍ତ୍ତମାନ ୨୦୨୫-୨୬ରେ ୮ମ ଥର ପାଇଁ ନିର୍ବାଚିତ ହୋଇ ଏସିଆ ମହାଦେଶର ଅବଧି ପୂରିଥିବା ଜାପାନର ସ୍ଥାନକୁ ପୂରଣ କରିଛି। ୧୯୩ ସଦସ୍ୟଙ୍କ ମଧ୍ୟରୁ ୧୨୪ଟି ମତ ଆବଶ୍ୟକ ଥିବାବେଳେ ୧୮୨ଟି ଦେଶ ପାକିସ୍ତାନ ସପକ୍ଷରେ ମତଦାନ ଦେଇଥିବାରୁ ଜାତିସଂଘରେ ପାକିସ୍ତାନର ପୂର୍ବତନ ସ୍ଥାୟୀ ପ୍ରତିନିଧି ମୁନିର୍ ଆକ୍ରମ୍‌ଙ୍କର ଆସ୍ଫାଳନ ଥିଲା ଯେ, ଆମେ ଗର୍ବର ସହିତ ଏ ଆସନ ଅଧିକାର କରିଛୁ। ପାକିସ୍ତାନ ଅସ୍ଥାୟୀ ସଦସ୍ୟ ଭାବରେ ଜାତିସଂଘର ଆତଙ୍କବାଦ ପ୍ରତିରୋଧ କମିଟିରେ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛି। ନିଜକୁ ସୁହାଇଲା ଭଳି ଆପଣା ହିତରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ସହ ଧାରା-୩୭୦ ଉଚ୍ଛେଦ ପ୍ରସଙ୍ଗ ବାରମ୍ବାର ଉଠାଇ ବିଶ୍ୱ ନେତାଙ୍କ ଦୃଷ୍ଟିଆକର୍ଷଣ କରିବ। ପାକିସ୍ତାନ ଜୁଲାଇ ୨୦୨୫ରୁ ଗୋଟିଏ ମାସ ପାଇଁ ଜାତିସଂଘ ନିରାପତ୍ତା ପରିଷଦର ସଭାପତି ପଦରେ ରହିଛି। ଏତଦ୍‌ବ୍ୟତୀତ ଜାତିସଂଘରେ ୨୦୨୫ ପାଇଁ ତାଲିବାନ୍ ସ୍ୱୀକୃତି କମିଟିର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇଛି। ଦୁଃଖର କଥା, ଯେଉଁ ଦେଶ ଆତଙ୍କବାଦୀଙ୍କୁ ପାଳିପୋଷି ତା'ର କଳେବର ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି, ସେହି ଦେଶ ଆତଙ୍କବାଦ ବିରୋଧୀ କମିଟିର ଉପାଧ୍ୟକ୍ଷ। ଏହା ଚୋର ହାତରେ ଚାବିକାଠି ସମର୍ପି ଦେବା ସଦୃଶ।

ଅପରପକ୍ଷରେ ଭାରତ ସବୁବେଳେ କିପରି ଜାତିସଂଘରେ ସଂସ୍କାର ଆସିବ, ସ୍ଥାୟୀ ସଦସ୍ୟତା ସଂଖ୍ୟା ବୃଦ୍ଧି ପାଇବ, କିପରି ଆତଙ୍କବାଦ ସମୂଳେ ଉତ୍ପାଟନ ହେବ, ଜଳବାୟୁ ପରିବର୍ତ୍ତନରେ ବିଶ୍ୱର ଉଷ୍ମତା ବୃଦ୍ଧି, ବିଶ୍ୱରେ ଶାନ୍ତି ଓ ସଂହତି ପ୍ରତିଷ୍ଠା ପାଇଁ ଜାତିସଂଘର ନିରପେକ୍ଷ ଭୂମିକାକୁ ଗୁରୁତ୍ୱ ଦେବା ଭଳି ସକାରାତ୍ମକ ଓ ଗଠନମୂଳକ ପ୍ରସଙ୍ଗକୁ ଉତ୍ଥାପନ କରି ଚର୍ଚ୍ଚା କରିଥାଏ। ବୈଶ୍ୱିକ ମଞ୍ଚରେ ହୀନ ସ୍ୱାର୍ଥକୁ ଦୂରେଇ ଦେଇ ମାନବ ସମାଜର ସମୂହ ଉନ୍ନତି କଳ୍ପେ ସର୍ବଦା ଚିନ୍ତା କରିଆସିଛି ଭାରତ। ବିଶ୍ୱ ସ୍ୱାର୍ଥକୁ ନେଇ ସତତ ଅଙ୍ଗୀକାରବଦ୍ଧ ଓ ଅନ୍ୟାୟ ବିରୁଦ୍ଧ ଶୂନ୍ୟ ସହିଷ୍ଣୁତା ନୀତିକୁ ପ୍ରାଧାନ୍ୟ ଦିଏ। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ଏହି ବୈଶ୍ୱିକ ସଂଗଠନ ଉପରେ ବିଶ୍ୱସନୀୟତା ବଜାୟ ରଖନ୍ତୁ।

ମୋ:୯୪୩୮୫୩୨୪୫୭

# ସମନ୍ୱୟର ଅଭାବ



ଯଦୁମଣି ପାଣିଗ୍ରାହୀ

ଆଜିକାଲି ପାରିବାରିକ ଜୀବନଠାରୁ ଆରମ୍ଭ କରି ସାମାଜିକ ଜୀବନ ଯାଏ ସବୁଠି ପରସ୍ପର ମଧ୍ୟରେ ସମନ୍ୱୟର ଅଭାବ ରହୁଥିବା ପରିଲକ୍ଷିତ ହେଉଛି। ପରିଣାମ ସ୍ୱରୂପ ସର୍ବତ୍ର ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେବା ସହ ନାନା ପ୍ରକାର ବିଭ୍ରାଟ ମଧ୍ୟ ସୃଷ୍ଟି ହେଉଛି। ପରିବାର ଭିତରେ କାହା ସହିତ କାହାର ସମନ୍ୱୟ ରହୁନାହିଁ। ଯାହା ଫଳରେ ଅଧିକାଂଶ ପରିବାର ଭିତରେ ଆଜି ଅଶାନ୍ତି ଓ ବିଶୃଙ୍ଖଳା। କାହା ମନ କାହାକୁ ପାଉନି। ପାରସ୍ପରିକ ମାନ ମନାନ୍ତର ଘଟି ପାରିବାରିକ ଜୀବନ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି। ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସମନ୍ୱୟ କି ସହମତି ନାହିଁ। ଯେଉଁଥିଲାଗି ଆଜି ସ୍ୱାମୀ ସ୍ତ୍ରୀଙ୍କ କଳି ଘରର ଚାରିକାନ୍ଥ ଡେଇଁ ଥାନା କୋର୍ଟ କଚେରି ଯାଏ ଗଲାଣି। ସେ ପ୍ରେମ ବିବାହ ହେଉ କି ପ୍ରସ୍ତାବ ପଡ଼ି ହେଉ ଆଜିକାଲି ହେଉଥିବା ଅଧିକାଂଶ ବାହାଘର ପ୍ରାୟତଃ ଅସଫଳ ହେଉଥିବା ଦେଖାଯାଉଛି। ବାହାଘରର କିଛି ମାସ କି ବର୍ଷ ଭିତରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ମାନ ମନାନ୍ତର ଘଟି କଥା ଛାଡ଼ପତ୍ର ଯାଏ ଯାଉଛି। ପରସ୍ପରକୁ ଭଲଭାବେ ବୁଝିବା ଓ ଗ୍ରହଣ କରିନେବାରେ ସମ୍ପର୍କ ଯେ ଦୃଢ଼ ହୋଇଥାଏ ଏକଥା ବୁଝିବାକୁ ସେମାନେ ନାରାଜ। ସମନ୍ୱୟ ଅଭାବରୁ ଆଜି ପଡ଼ୋଶୀ ଓ ବନ୍ଧୁବାନ୍ଧବଙ୍କ ମଧ୍ୟରେ ରହିଥିବା ମଧୁର ସମ୍ପର୍କରେ ତିକ୍ତତା ସୃଷ୍ଟି ହେଉଛି। ଅତି ଛୋଟ ଛୋଟ କଥା ଉଗ୍ରରୂପ ଧାରଣ କରୁଛି। ଅନେକ ସମୟରେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଉଛି। ସେହିପରି ଅନେକ ପରିବାର ଭିତରେ ବାପ-ପୁଅ, ଭାଇ-ଭାଇ ଓ ଶାଶୁ- ବୋହୂଙ୍କ ଭିତରେ ସମନ୍ୱୟ ନ ରହିବା କାରଣରୁ ପରିବାର ଭିତରେ ନାନାଦି ବିଭ୍ରାଟ ଓ ବିଶୃଙ୍ଖଳା ଦେଖାଦେଉଛି। ଏହା ପାରିବାରିକ ଜୀବନକୁ କଳୁଷିତ କରିଦେଉଛି। ଗାଁ ଲୋକଙ୍କ ଭିତରେ ପୂର୍ବରୁ ଯେପରି ପାରସ୍ପରିକ ମଧୁର ସମ୍ପର୍କ ଓ ଏକତା ମନୋଭାବ ରହୁଥିଲା ଆଜି ତାହା ଆଉ ଦେଖିବାକୁ ମିଳୁନି। ଗାଁ ଭିତରେ କାହାରି ମନ କାହାକୁ ପାଉନି। ଦିନେ ଅନେକ ବଡ଼ ବଡ଼ ବାଦବିବାଦକୁ ଯେଉଁ ଗାଁର ଭଦ୍ରଲୋକ ବସି ଆପୋସ ସମାଧାନ କରି ଦେଉଥିଲେ ଏବେ ସେହି ଗାଁର ଛୋଟିଆ କଳି ଝଗଡ଼ାର ସମାଧାନ ଲାଗି ଥାନା କିମ୍ବା କଚେରିକୁ ଯିବାକୁ ପଡୁଛି। ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ ଦିନେ ଗାଁର ଭୋଜିଭାତ ଠୁଁ ଆରମ୍ଭ କରି ପୁଣି ଉତ୍ସବ ଅନୁଷ୍ଠାନ ଯାଏ ସବୁକିଛି ସୁରୁଖୁରୁରେ ସମାହିତ ହେଉଥିଲା। ଏବେ କିନ୍ତୁ ଏସବୁ ପାଳନକୁ ନେଇ ବାଦବିବାଦ ଓ ଗଣ୍ଡଗୋଳ ସୃଷ୍ଟି ହେଉଛି। କେବଳ ପାରସ୍ପରିକ ସମନ୍ୱୟର ଅଭାବ ଏହାର ଏକମାତ୍ର କାରଣ ବୋଲି କୁହାଯାଇପାରେ। ଆଜିକାଲି ବିଭିନ୍ନ ସଂଘ ସମିତି, ସାହିତ୍ୟ-ସାଂସ୍କୃତିକ ଅନୁଷ୍ଠାନ, ଧର୍ମାନୁଷ୍ଠାନ ଅଥବା କ୍ରୀଡ଼ାନୁଷ୍ଠାନଗୁଡିକ ଭିତରେ ବେଶି ବିଶୃଙ୍ଖଳା ଓ ବାଦବିବାଦ ଦେଖାଦେଉଛି। ସମନ୍ୱୟର ଅଭାବ ଯୋଗୁ ସେମାନଙ୍କ ଭିତରେ ମାନ ମନାନ୍ତର ଓ ମତାନ୍ତର ଘଟୁଥିବା ପରିଲକ୍ଷିତ ହେଉଛି। ଯାହା ଫଳରେ ଏସବୁ ବସ୍ତୁତଃ ଯେଉଁ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଛି ସେସବୁ ଲକ୍ଷ୍ୟପଥରୁ ଦୂରେଇ ଯାଉଛି।



ବର୍ତ୍ତମାନ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକର ପରିବେଶ ଅଧିକ ମାତ୍ରାରେ ବିଶୃଙ୍ଖଳିତ ହୋଇପଡୁଥିବା ଦେଖିବାକୁ ମିଳୁଛି। ଶିକ୍ଷକ-ଶିକ୍ଷକଙ୍କ ମନୋମାଳିନ୍ୟ ରହୁଥିବା ବେଳେ ଶିକ୍ଷକ-ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଲ ସମ୍ପର୍କ ରହୁନାହିଁ। ପ୍ରଧାନଶିକ୍ଷକଙ୍କ ସହିତ ଅନ୍ୟ ସହକାରୀ ଶିକ୍ଷକଙ୍କର ସମନ୍ୱୟ ରହୁ ନ ଥିବାରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୈକ୍ଷିକ କାର୍ଯ୍ୟକ୍ରମ ଫଳପ୍ରସୂ ହୋଇପାରୁନି। ଫଳରେ ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରୁନାହାନ୍ତି। ସେହିପରି ବିଦ୍ୟାଳୟର ପରିଚାଳନା କମିଟି ଓ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବିଦ୍ୟାଳୟରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବେଳେ ଅନ୍ୟାନ୍ୟ ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। କେବଳ ଶିକ୍ଷାନୁଷ୍ଠାନ ନୁହେଁ ବରଂ ବ୍ଲକ, ଥାନା ଓ ତହସିଲ ଆଦି ସରକାରୀ ଦପ୍ତରଗୁଡ଼ିକରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ଭିତରେ ସମନ୍ୱୟର ଅଭାବ ଯୋଗୁ ସାଧାରଣ ଲୋକଙ୍କୁ ସୁଫଳ ମିଳିପାରୁନି। ଏହିସବୁ ଦପ୍ତରର ମୁଖିଆଙ୍କ କଥା ବା ନିର୍ଦ୍ଦେଶକୁ ଅନ୍ୟମାନେ ଠିକ୍ ଢଙ୍ଗରେ ପାଳନ କରୁ ନ ଥିବା କାରଣରୁ ଦପ୍ତର ଭିତରେ ପରିଚାଳନାଗତ ତ୍ରୁଟି ଦେଖିବାକୁ ମିଳୁଛି।

କେବଳ ସେତିକି ନୁହେଁ ପ୍ରଶାସନ ଓ ପୋଲିସ ମଧ୍ୟରେ ସମନ୍ୱୟ ଅଭାବରୁ ବିଭିନ୍ନ ସଭାସମିତି, ଉତ୍ସବ ଅନୁଷ୍ଠାନ ଓ ସଚେତନତା କାର୍ଯ୍ୟକ୍ରମ ପାଳନ ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ଚରମ ବିଫଳତା ନଜରକୁ ଆସୁଛି। ଠିକ୍ ସେମିତି ତୃଣମୂଳଠାରୁ ଆରମ୍ଭ କରି ଉପରସ୍ତର ଯାଏ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ/କର୍ମଚାରୀଙ୍କ ଭିତରେ ସମନ୍ୱୟ ରକ୍ଷା ହୋଇ ନ ପାରିବା କାରଣରୁ ଅନେକ ସମୟରେ ବିଶୃଙ୍ଖଳା ଓ ବାଦବିବାଦ ସୃଷ୍ଟି ହେଉଛି। ସରକାର ପ୍ରଣୟନ କରିଥିବା ଅନେକ ଜନହିତକର ଯୋଜନାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ପ୍ରଶାସନ ହାତରେ ରହିଛି। ହେଲେ ସରକାର ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ହିତାଧିକାରୀମାନେ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜନୈତିକ ଦଳଗୁଡ଼ିକର ନେତାମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଅନେକ ସମୟରେ ମତ ମତାନ୍ତର ସୃଷ୍ଟି ହୋଇଥାଏ। ସେହିପରି ଦଳର ମୁଖିଆଙ୍କ ସହିତ ଅନ୍ୟ ନେତାଙ୍କ ସମନ୍ୱୟ ରକ୍ଷା ହୋଇ ନ ପାରିବା ଯୋଗୁ ମନ ଫଟାଫଟି ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ସମନ୍ୱୟ ଅଭାବରୁ ଶାସନରେ ଥିବା ଦଳୀୟ ନେତାଙ୍କ ଭିତରେ ବି ଅନେକ ସମୟରେ ମାନ ମନାନ୍ତର ଓ ବାଦ ବିବାଦ ଦେଖାଦେଇଥାଏ। କେତେବେଳେ ଦଳ ମୁଖିଆଙ୍କ ହସ୍ତକ୍ଷେପ ପରେ ଏହା ପ୍ରଶମିତ ହୋଇଥାଏ ତ ଆଉ କେତେବେଳେ ଏହା ଆୟତ୍ତ ବାହାରକୁ ଚାଲି ଯାଇଥାଏ। ଅନ୍ୟପକ୍ଷେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବା କାରଣରୁ ଅନେକ ସମୟରେ ବିବଦମାନ ପରିସ୍ଥିତ ଉପୁଜିଥାଏ। ଅନେକ ପ୍ରସଙ୍ଗ/ଅପ୍ରସଙ୍ଗକୁ ନେଇ ବିଧାନସଭା ଭିତରେ ଓ ବାହାରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଆକ୍ଷେପ-ପ୍ରତି ଆକ୍ଷେପ, ଆବଶ୍ୟକ ସ୍ଥଳେ ମାଡ଼ଗୋଳ ଭଳି ସ୍ଥିତି ଉପୁଜିଥାଏ। ତେଣୁ ସବୁଠି ଓ ସବୁକ୍ଷେତ୍ରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଇ ପାରିଲେ ସାଧାରଣ ଲୋକେ ଏହାର ସୁଫଳ ଭୋଗ କରିବେ ଏଥିରେ ସନ୍ଦେହ ନାହିଁ।

ଶଙ୍ଖିଡ଼ା, ତିହିଡ଼ି, ଭଦ୍ରକ
ମୋ:୯୯୩୭୫୬୫୫୨୭

## ଏଇ ଭାରତରେ

ସକାଳ ହେଲେ ଚା' ନ ହେଲେ ନ ଚଳେ। ରାସ୍ତାକଡ଼ ଚା' ଦୋକାନ ଖୋଲିଗଲେ ସବୁଠି ଭିଡ଼ ଲାଗେ। ଚା' ଦୋକାନୀ ଲୋକଙ୍କୁ ଚା' ଦେଇଚାଲନ୍ତି। କିନ୍ତୁ ପଶ୍ଚିମବଙ୍ଗ ସାମପୁରରେ ଭିନ୍ନ ଧରଣର ଚା' ଦୋକାନ ଅଛି, ଯେଉଁଠି କୌଣସି କର୍ମଚାରୀ ନାହାନ୍ତି । ଏହାର ମାଲିକ ଅଶୋକ ଚକ୍ରବର୍ତ୍ତୀ ନାମକୁମାତ୍ର। ସ୍ଥାନୀୟ ଲୋକମାନେ ପ୍ରତିଦିନ ଏହି ଦୋକାନକୁ ଆସନ୍ତି ଓ ସେମାନେ ନିଜେ ସବୁ କାମ କରି ଚା' ପିଇ ଚାଲିଯାଆନ୍ତି। ଏହି ଦୋକାନ ୧୦୦ ବର୍ଷର ପୁରୁଣା । ଲୋକଙ୍କ ବିଶ୍ୱାସକୁ ନେଇ ଏହା ଚାଲିଛି। ଅଶୋକଙ୍କ ଚା' ଦୋକାନ ସକାଳେ ଖୋଲେ ଓ ସନ୍ଧ୍ୟା ୭ଟା ଯାଏ ଚାଲେ। ଯେଉଁମାନେ ସେଠାକୁ ଚା' ପିଇବାକୁ ଆସନ୍ତି, ସେମାନେ ପ୍ରାୟତଃ ଅଧିକାଂଶ ଅବସରପ୍ରାପ୍ତ ବ୍ୟକ୍ତି । ସେମାନେ ନିଜେ ଚା' କରି ପିଇବା ସହ ସେଠାକୁ ଆସୁଥିବା ଅନ୍ୟମାନଙ୍କୁ ମଧ୍ୟ ଚା' ଦିଅନ୍ତି ଓ ଟଙ୍କା ରଖନ୍ତି। ସେମାନେ ଦୋକାନର ବାସନ ମଧ୍ୟ ସଫା କରନ୍ତି। ବଡ଼ କଥା ହେଉଛି ଏହି ଦୋକାନରେ କେବେ ବି ବାକି ରହିବା କିମ୍ବା ବାକି ଦେବା ଦେଖିବାକୁ ମିଳିନାହିଁ ।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜୁଲାଇ ୧୯୭୬

- ରାଜଘାଟ ସମାଧିସ୍ଥଳୀର ବିଭିନ୍ନ ଖର୍ଚ୍ଚ ତୁଲାଇବା ବାବଦରେ କେନ୍ଦ୍ର ସରକାର ରାଜଘାଟ ସମାଧି କମିଟିକୁ ୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ହାଇକୋର୍ଟଗୁଡ଼ିକ ମଧ୍ୟରେ ମୋକଦ୍ଦମା ବଦଳି ପାଇଁ ସୁପ୍ରିମ୍‌କୋର୍ଟକୁ କ୍ଷମତା ଦେବା ନିମନ୍ତେ ସମ୍ବିଧାନରେ ବ୍ୟବସ୍ଥା ରଖିବା ଲାଗି ସ୍ୱରଣ ସିଂହ କମିଟିର ସୁପାରିଶ।
- ଆନ୍ତର୍ଜାତିକ ଅର୍ଥନୈତିକ ମାନ୍ଦାବସ୍ଥା ଭିତରେ ପ୍ରଥମ ଥର ପାଇଁ ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ କାର୍ଯ୍ୟରୁ ବରଖାସ୍ତ କରାଯାଇଥିବା ଅନ୍ତର୍ଜାତିକ ଶ୍ରମିକ ସଂସ୍ଥାର ଏକ ସର୍ଭେରୁ ଜଣାପଡ଼ିଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | | |
| | 2 | | 4 | | | 9 | 8 | 7 |
| | 9 | | 8 | | | 3 | | |
| 6 | | | | | | | 7 | |
| | | 1 | 3 | 9 | | | | |
| | | | | 5 | | | | |
| 8 | | | | 2 | 3 | | 9 | |
| | | | | | 8 | | | 5 |
| 2 | 7 | | 9 | | | | 1 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 7 | 4 | 5 | 2 | 1 | 6 | 8 |
| 5 | 2 | 6 | 9 | 8 | 1 | 3 | 7 | 4 |
| 1 | 8 | 4 | 3 | 7 | 6 | 5 | 2 | 9 |
| 8 | 7 | 9 | 2 | 1 | 4 | 6 | 5 | 3 |
| 6 | 3 | 2 | 8 | 9 | 5 | 7 | 4 | 1 |
| 4 | 5 | 1 | 7 | 6 | 3 | 8 | 9 | 2 |
| 9 | 4 | 8 | 5 | 3 | 7 | 2 | 1 | 6 |
| 7 | 6 | 3 | 1 | 2 | 9 | 4 | 8 | 5 |
| 2 | 1 | 5 | 6 | 4 | 8 | 9 | 3 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସମ୍ବଲପୁର ଅନୁଭୂତି

ମହାଶୟ,

ଏକ ନିର୍ବନ୍ଧ ଉତ୍ସବ (ଆଜିକାର ରିଂ ସେରିମନି)ରେ ଯୋଗଦେବାକୁ ସମ୍ବଲପୁର ଯାଇଥିଲି। ସମ୍ବଲପୁରର ପୂର୍ବନାମ ହୀରାଖଣ୍ଡ, ସମ୍ବଲପୁରୀ ବସ୍ତ୍ର, ମା' ଘଣ୍ଟେଶ୍ୱରୀ, ହୀରାକୁଦ ବନ୍ଧ, ମା' ସମଲେଶ୍ୱରୀଙ୍କ ନିମନ୍ତେ ପ୍ରସିଦ୍ଧ ଏହି ଜିଲାର ବିଜୁ ଏକ୍ସପ୍ରେସ, ହାଇୱେ ନିକଟସ୍ଥ ଏକ ରିସର୍ଟରେ ଅବସ୍ଥାନ କଲା ବେଳେ ଦେଖିଲି ରାସ୍ତା ଦୁଇପାର୍ଶ୍ୱରେ ଅନେକ ଅନୁଷ୍ଠାନ କାର୍ଯ୍ୟାଳୟ ଥିଲେ ମଧ୍ୟ କାଦୁଅରେ ଲଟପଟ ହୋଇଥିଲା। ମା' ଘଣ୍ଟେଶ୍ୱରୀଙ୍କ ମନ୍ଦିରକୁ ଯାଉଥିବା ଚିପିଲିମାର ସଂକୀର୍ଣ୍ଣ ଲୁହାସେତୁରେ ଯିବା ବେଳେ ପାର୍ଶ୍ୱ ନଈର ପ୍ରଚୁର କଟକୀ ଦଳରେ ପରିପୂର୍ଣ୍ଣ। ଦର୍ଶନୀୟ ସ୍ଥାନ ଏବଂ ଏଚ୍‌ଡିପିସିର ପ୍ରକଳ୍ପ ଥାଇ ମଧ୍ୟ ଦଳ ସଫା ନ ହେବା ଦୁଃଖ ଲାଗିଲା। ପ୍ରଖ୍ୟାତ ହୀରାକୁଦ ବନ୍ଧ ଦେଖିବାକୁ ଗଲୁ। ଏକ ପାର୍ଶ୍ୱରେ ଜବାହର ମୀନାର ଉପରେ ଚଢି ହୀରାକୁଦ ବନ୍ଧ ଓ ଜଳ ବିଦ୍ୟୁତ କେନ୍ଦ୍ର ଆଦି ଦେଖି ଖୁସି ହେଲି। ହେଲେ ମୋର ମନେହେଲା ସାଂପ୍ରତିକ ସମୟରେ ଦୁଷ୍ଟ ବୁଦ୍ଧି ଆଗନ୍ତୁକ ମଣିଷମାନଙ୍କ ନିମନ୍ତେ କୌଣସି ସୁରକ୍ଷା କର୍ମୀ କିମ୍ବା ଆରକ୍ଷୀ ମୁତୟନ ନାହାନ୍ତି। ଯଦି ମୋର ମନ୍ତବ୍ୟ ସତ୍ୟ ହୋଇଥାଏ, ତାହା ହେଲେ ସେ ନେଇ ବ୍ୟବସ୍ଥା କରାଯିବା ଉଚିତ ନୁହେଁକି ?

-ଶ୍ରୀରାମଚନ୍ଦ୍ର ଦାଶ, ସମାଜସେବୀ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସହସ୍ର ଅଭାବ ମୋର ଶତ ଅପରାଧ
ଅପମାନ ସଂଖ୍ୟାହୀନ କୋଟି ଅପବାଦ
ତବ ଆଲିଙ୍ଗନ ତଳେ ଶୁଭ୍ର ପୂତ ଏ ଅଞ୍ଚଳେ
ପୋଛିଦିଅ ଜୀବନର ସବୁ ପରମାଦ
ନିଭୃତକ୍ଷଣେ ବିଶ୍ୱର ଅସୀମ ଅବସାଦ ।
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



ମା' ଧାନ କ୍ଷେତ୍ରପାଳ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ଠାକୁରମୁଣ୍ଡା,୨୮।୭ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଶାଳଚୁଆ ଗ୍ରାମପଞ୍ଚାୟତ କୋରଡ଼ାପାଳ ଗ୍ରାମର ମା' ଧାନ କ୍ଷେତ୍ରପାଳ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଗତ ୨୩ ତାରିଖରେ ରାଜ୍ୟସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲେ। ପୁରସ୍କୃତ ହୋଇଥିବା ଏହି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀସ୍ଥ ୩ ଜଣ ସଦସ୍ୟା ସନ୍ଧ୍ୟାରାଣୀ ମହାନ୍ତ, ସୁମିତ୍ରା ମହାନ୍ତ, ମିନତୀ ମହାନ୍ତଙ୍କୁ ସୋମବାର ଠାକୁରମୁଣ୍ଡା ବ୍ଲକ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ ଅଧ୍ୟକ୍ଷା

## ରାଜ୍ୟସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ସରୋଜିନୀ ମୁଣ୍ଡା, ବିଡିଓ ସପନେଶ୍ୱର ବେହେରା ଓ ମିଶନ ଶକ୍ତିର କର୍ମଚାରୀମାନେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସ୍ୱୟଂ ସହାୟିକା ଗୋଷ୍ଠୀର ୩ ଜଣ ସଦସ୍ୟା ବ୍ଲକସ୍ତରରେ ଆୟୋଜିତ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା ଓ ଜିଲାସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ୧୦ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ।

# ବାଇକ୍ ଡିକିରୁ ୩୫ ହଜାର ଲୁଟ

ଗୋପବନ୍ଧୁ ନଗର,୨୮।୭(ଶାନ୍ତନୁ କୁମାର ମଟ୍ଟୁଆଳ)– ଖୁଣ୍ଟା ଥାନାଠାରୁ ୫୦୦ ମିଟର ଦୂର ବଜାର ମଧ୍ୟରେ ଏକ ବାଇକ୍ ଡିକିରୁ ଦିନ ଦ୍ୱିପହରରେ ୩୫ ହଜାର ଟଙ୍କା ଲୁଟ କରି ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ। ସୂଚନା ଅନୁଯାୟୀ, ଗୋପବନ୍ଧୁ ନଗର ବ୍ଲକ ପଶୁଦା ପଞ୍ଚାୟତ ସାନବେଲାକୁଟୀ ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ ବିଭାଗ କର୍ମଚାରୀ ସର୍ବେଶ୍ୱର ପୁଥାଳ ସୋମବାର ଖୁଣ୍ଟା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ୩୫ ହଜାର ଟଙ୍କା ଉଠାଇ ବଜାର ମଧ୍ୟକୁ ସଉଦା କରିବାକୁ ଯାଇଥିଲେ। ତେବେ ସଉଦା କିଣି ସାରି ଡିକି ଭିତରେ ରଖିଥିବା ଟଙ୍କା ବ୍ୟାଗଟିକୁ ଆଣିବା ପାଇଁ ଯାଇଥିବା ବେଳେ କେହି ଲକ୍ ଫିଟାଇ ବ୍ୟାଗ ସହ ଟଙ୍କା ନେଇ ପଳାଇ ଯାଇଥିବା ଜାଣିବାକୁ ପାଇଥିଲେ। ପୁଥାଳ ଘଟଣା ସମ୍ପର୍କରେ ଖୁଣ୍ଟା ଥାନାରେ ଜଣାଇବା ପରେ ପୋଲିସ ଛାନଭିନ ଚଳାଇଥିଲେ ମଧ୍ୟ ଟେର ପାଇବାରେ ସକ୍ଷମ ହୋଇ ପାରିନାହିଁ।

# ଘରେ ଗାଡ଼ି, ଟୋଲଗେଟ୍‌ରୁ କଟିଲା ଚାଲାଣ

## ଜିଲାପାଳଙ୍କୁ ଅଭିଯୋଗ

ପାଟଣା,୨୮।୭(ବୀର କିଶୋର ଦାଶ)

ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୀର୍ଘଦିନ ଧରି ଘରେ ଗାଡ଼ି ଛିଡ଼ା ହୋଇଛି। ମାତ୍ର ଟୋଲଗେଟ୍‌ରେ ଏକ କାର୍‌ର ଇ–ଚାଲାଣ ହୋଇଛି। ଏ ନେଇ ଗାଡ଼ି ମାଲିକ ପ୍ରତିମା ମିଶ୍ରଙ୍କ ଭାଇ ସନ୍ତୋଷ ପତି ସୋମବାର ଜନ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁରୁମୁଙ୍ଗା ଅଞ୍ଚଳରେ।

ଅଭିଯୋଗ ମୁତାବକ, ସନ୍ତୋଷଙ୍କ ଭଉଣୀଙ୍କ କାର୍ (ଓଆର ୦୯ ଏମ ୩୪୩୪) ଅଲ୍ଟୋ ଏଲଏକ୍ସଆଇ ବ୍ରେକ୍ ଡାଉନ କାରଣରୁ ପାଟଣା ବ୍ଲକ୍ ଡୁରୁମୁଙ୍ଗାଠାରେ ସନ୍ତୋଷଙ୍କ ଘରେ ଦୀର୍ଘଦିନ ଧରି ଛିଡ଼ା ହୋଇଛି। ମାତ୍ର ଗାଡ଼ିର ଫିଟ୍‌ନେସ୍, ଇନ୍ସୁରାନ୍ସ ବାବଦରେ ୭ ହଜାର ଟଙ୍କା ଇ–ଚାଲାଣ କଟିଥିବା ମେସେଜ୍ ଆସିଥିଲା। ଏପ୍ରିଲ ୨୨ ଅପରାହ୍ନ ୩.୨୫ ସମୟରେ ଖଣ୍ଡଘର ଟୋଲ୍‌ଗେଟ୍ ଦେଇ ଯାଇଥିବା ଚାଲାଣରେ ଦର୍ଶାଯାଇଛି। ଇ–ଚାଲାଣ ସନ୍ତୋଷଙ୍କ ମୋବାଇଲ ନମ୍ବରକୁ ଆସିଥିବା ବେଳେ ଗାଡ଼ି ଫଟୋ ନ ଥିଲା। ସନ୍ତୋଷ ଟୋଲଗେଟ୍‌କୁ ଯାଇ ଅଭିଯୋଗ କରିଥିଲେ। ସେଠାକାର ସିସିଟିଭି ଯାଞ୍ଚ ପରେ ସେହି ସମୟରେ ଓଆର ୦୯ ଏମ୍ ୩୪୩୮ ନମ୍ବର ବିଶିଷ୍ଟ ଏକ ବସ୍ ଅତିକ୍ରମ କରିଥିଲା। ଟୋଲଗେଟ୍ କର୍ମଚାରୀ ଶେଷ ନମ୍ବରକୁ ୮ ବଦଳରେ ୪ ମାରିଥିବାରୁ କାର୍ ମାଲିକଙ୍କ ପାଖକୁ ଚାଲାଣ ଆସିଥିଲା। ଉକ୍ତ ଇ–ଚାଲାଣ ଟୋଲ କର୍ତ୍ତୃପକ୍ଷଙ୍କ ଭୁଲ୍ ବଶତଃ ହୋଇଥିବାରୁ ଚାଲାଣ ଟୋଲ୍ କର୍ତ୍ତୃପକ୍ଷ ଭରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଟୋଲ୍ କର୍ମଚାରୀ ପରବର୍ତ୍ତୀ ସମୟରେ ଚାଲାଣ ଭରି ନ ଥିଲେ। ଏ ନେଇ କର୍ମଚାରୀଙ୍କୁ ପଚାରିବାରୁ ଦୁର୍ବ୍ୟବହାର କରିଥିଲେ। ନିରାଶ ହୋଇ ସୋମବାର ସାହାରପଡ଼ା ବ୍ଲକ୍‌ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସନ୍ତୋଷ ଜଣାଇଥିଲେ। ଟୋଲ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଟୋଲପ୍ଲାଜାରେ କ୍ଷତିଗ୍ରସ୍ତଙ୍କ ଧାରଣା

## ରାଜପଥ ସମ୍ପ୍ରସାରଣରେ ଜମି ହରାଇ ଅର୍ଥ ପାଇନାହାନ୍ତି

ଢେଙ୍କିକୋଟ,୨୮।୭(ନୀଳମଣି ମଣ୍ଡଳ)




ଧାରଣାରତ କ୍ଷତିଗ୍ରସ୍ତ ପରିବାର ଲୋକେ।

କେନ୍ଦୁଝର ଜିଲାର ଲାଇଫ ଲାଇନ କୁହାଯାଉଥିବା ଜାତୀୟ ରାଜପଥ ୨୦ ସମ୍ପ୍ରସାରଣରେ ଜମି ହରାଇଥିବା ଲୋକେ ଅର୍ଥ ପାଇନାହାନ୍ତି। ଏନେଇ ସମସ୍ତଙ୍କୁ ଅଭିଯୋଗ କରି ନିରାଶ ହୋଇଥିବା କହିଛନ୍ତି। ଶେଷରେ ସୋମବାର କ୍ଷତିଗ୍ରସ୍ତ ଲୋକେ ପ୍ରଶାସନକ ଜଣା ଢେଙ୍କିକୋଟ୍ ନିକଟ ଟୋଲପ୍ଲାଜା ନିକଟରେ ଧାରଣା ଦେଇଥିଲେ।

ଅଭିଯୋଗ ମୁତାବକ, ରାଜପଥ ରାଜପଥର ଢେଙ୍କିକୋଟ ନିକଟରେ ଏକ ଟୋଲ ପ୍ଲାଜା ନିମନ୍ତେ ଜମି ଅଧିଗ୍ରହଣ କରାଯାଇଥିଲା। ସେଥିରେ ମହେଶ୍ୱର ବାରିକ ଏକ ଏକର ୧୮ ଡିସିମିଲ, ସୁନେଇ ନାୟକଙ୍କ ୧୩ ଡିସିମିଲ ଜମି ହରାଇଛନ୍ତି। ୨୦୧୬ ରେ ଜମି ଅଧିଗ୍ରହଣ କରାଯାଇ ଟୋଲପ୍ଲାଜା କାର୍ଯ୍ୟ କରାଯାଇଥିଲା। ହେଲେ ଜମି ହରାଇଥିବା ୨ ହିତାଧିକାରୀ ଅଦ୍ୟାବଧି ୯ ବର୍ଷ ହେଲା ସହାୟତା ପାଇନାହାନ୍ତି। ଏନ୍‌ଏଚ୍‌ଆଇଠାରୁ ଆରମ୍ଭ କରି କେନ୍ଦୁଝର ଜିଲାପାଳ, ଉପ ଜିଲାପାଳଙ୍କୁ ଜଣାଇବା ସହ କୋର୍ଟର ଆଶ୍ରୟ ନେଇଥିଲେ। ହାଇକୋର୍ଟରେ ମଧ୍ୟ କେସ (ନଂ. ୨୨୬୮୨/୨୦୨୨) ଅନୁଯାୟୀ ଜମି ହରାଇଥିବା ବ୍ୟକ୍ତିଙ୍କ ସପକ୍ଷରେ କୋର୍ଟ ୨୦ଅକ୍ଟୋବର ୨୦୨୨ରେ ଏନ୍‌ଏଚ୍‌ଆଇ ଅର୍ଥ ରାଶି ଦେବା ପାଇଁ ସୁପାରିଶ କରିଥିଲେ। ଏନ୍‌ଏଚ୍‌ଆଇ ପ୍ରୋଜେକ୍ଟ ଡାଇରେକ୍ଟର ମହେଶ ଗାମୀ ଅବଗତ ହୋଇଥିଲେ ହେଁ ଅର୍ଥରାଶି ପ୍ରଦାନ ସମ୍ପର୍କରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ତେଣୁ ଜିଲାପାଳ, ହ୍ୟୁମାନ ରାଇଟ କମିଶନ, ଏନ୍‌ଏଚ୍‌ଆଇ ପିଡି ଜେନେରାଲ ମ୍ୟାନେଜର, ଘଟଗାଁ ଥାନା ଆଇଆଇସିଙ୍କୁ ଲିଖିତ ଜଣାଇ ଢେଙ୍କିକୋଟ ଟୋଲପ୍ଲାଜା ଗେଟ ନଂ–୫ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

# କାର୍ଯ୍ୟରେ ଯୋଗଦେଲେ ଭାରପ୍ରାପ୍ତ କୁଳପତି

ବାରିପଦା,୨୮।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ବିଧୁଭୂଷଣ ମିଶ୍ର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର ମିଶ୍ରଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସର୍ବପ୍ରଥମେ କୁଳପତି ପ୍ରଫେସର ମିଶ୍ର ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ, କୁଳସଚିବ ସୁଶ୍ରୀ ସୁମିତା ସିଂ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ଓ ଅନ୍ୟ କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଦେଇ କୁଳପତି ପ୍ରଫେସର ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ସଭାପତି ପ୍ରଫେସର ଏମ୍. ହିମବିନ୍ଦୁ ଓ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ମଧ୍ୟ ପୁଷ୍ପଗୁଚ୍ଛ ଦେଇ ପ୍ରଫେସର ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ପରେ କୁଳପତି କ୍ୟାମ୍ପସ ପରିଭ୍ରମଣ କରିବା ସହ ଅଧ୍ୟାପିକା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସହ ଭାବ ବିନିମୟ କରି ନିଜ ବକ୍ତବ୍ୟରେ ଗତ ୧୦ ବର୍ଷ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ଅଭୁତପୂର୍ବ ଉନ୍ନତି ସାଧନ କରିଛି ବୋଲି କହିବା ସହ ଆଗାମୀ ଦିନରେ ଏହି ଉନ୍ନତିର ଧାରାକୁ ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

**GOVERNMENT OF ODISHA** No.C-751

**OFFICE OF THE ADDITIONAL CHIEF ENGINEER, P.H. CIRCLE, NAYABAZAR, CUTTACK-753004**

Ph. : 0671-2440841, E-mail : sephctc@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

Invitation For Bids (IFB) No.ACEPHCTC-03/2025-26 Dtd.24.07.2025

| Sl. No. | Name of the work | Estimated cost (Approx) |
|---|---|---|
| 1. | Augmentation of distribution system including laying of clear main from CWR to different OGRs & introduction of Zonal system, Hindol under State Plan Basudha 2024-25 | Rs.731.79 lakh |

1. Date & time of availability of bid document in the portal : 11.00 Hrs. of dt.01.08.2025 to 17.30 Hrs. of dt.18.08.2025
2. Last date/time of receipt of bids in the portal : 18.08.2025 upto 17.30 Hrs.
3. Date & time of opening of bids : 19.08.2025 at 12.30 Hrs.
4. Name and address of the Officer Inviting Bid : The Additional Chief Engineer, P.H. Circle, Nayabazar, Cuttack - 753004, Odisha, Ph. (0671)2440841, email : sephctc@gmail.com

Further details can be seen from the website www.tendersorissa.gov.in

Sd./- Addl. Chief Engineer, P.H. Circle, Cuttack

OIPR-13029/11/0011/2526

**ଚକ୍ରଧରପୁର ମଣ୍ଡଳରେ ପାର୍ସଲ ଏସ୍‌ଏଲ୍‌ଆର୍ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ–ନିଲାମ ବିଜ୍ଞପ୍ତି**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ମଣ୍ଡଳରେ ପାର୍ସଲ ଏସ୍‌ଏଲ୍‌ଆର୍ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ–ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ବନ୍ଦ ସମୟ |
|---|---|---|---|---|
| ପାର୍ସଲ ଏସ୍‌ଏଲ୍‌ଆର୍ | ପାର୍ସଲ–ଏସ୍‌ଏଲ୍‌ଆର୍–ଏୟୁକି | ୦୨.୦୮.୨୦୨୫ | ୧୧.୩୦ ଘଟିକା | ୧୭.୨୦ ଘଟିକା |

ଆଗ୍ରହୀ ପକ୍ଷମାନେ ଏହାକୁ ଧ୍ୟାନରେ ରଖନ୍ତୁ ଏବଂ ସାଇଟ୍ ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖନ୍ତୁ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-448) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ

ହର୍ଷର ସହିତ ଆମେ ସେବାରତ

**NCC GROUP HEADQUARTERS, CUTTACK**

1. Applications are invited from retd. offrs. of the Armed Forces for the post of Manager for CSD of NCC Gp. HQs, Cuttack.
2. **Qualifications & Terms of Employment.**
(a) Rk - Retd. Lt. Col. / Col.
(b) Age - Max 60 yrs.
(c) Min. 5 yrs experience in handling Type 'F' Cat | CSD.
(d) Knowledge of IT & Accts.
(e) Experience in HR mgt.
(f) Residing within 30 kms around Cuttack.
(g) Well versed with labour laws and policies/guidelines on CSD & QD Fund.
(h) Consolidated monthly pay of Rupees Sixty Thousand only (Rs 60,000/-) (Negotiable)
(j) Not emp. in any Govt/ Semi Govt/Pvt Org.
(k) 11 months on contractual basis (Max four tenures can be given)
3. Interested retd. offrs. to send their resume along with copy of PPO, Discharge Book & self certificate (No recordable discp award in career) to the address below:-
OIC CSD
NCC Gp HQs, Cuttack
SO-15, Cantonment Road
Near Senior Police Officers' Mess
Cuttack-753001
**e mail : gphqcuttack@nccorissa.org**
**Mob :7893123452**
4. Last date for submission of applications is **25 Aug. 2025**.

**SUBSIDIARY INTELLIGENCE BUREAU**

(Ministry of Home Affairs)

Government of India

Unit-5, Biudyut Marg, Bhubaneswar

**AUCTION NOTICE**

Sealed quotations are invited from interested bidders for the public auction of the following vehicle of Subsidiary Intelligence Bureau, Ministry of Home Affairs, Govt. of India, Bidyut Marg (Near Special Circuit House), Unit-V, Bhubaneswar-751001.

| Model/Type of Vehicle | Year of Manufacturing | Total Kms. run |
|---|---|---|
| Tata Sumo | 08/2016 | 1,44,170 |

Interested parties may inspect during office hours from **1000 hrs to 1300 hrs & 1500 hrs to 1700 hrs** on any working day on or before **12/08/2025** and submit the sealed quotations by **15:30 hrs on 12/08/2025** along with a Demand Draft (NOT A/c Payee) of **Rs. 10000/-** (Rupees ten thousand only) as Earnest Money Deposit (EMD) in favour of **"DDO, SIB Bhubaneswar"** payable at SBI Bhubaneswar Main Branch. Quotations shall be submitted either by hand or by 'dak' in sealed covers superscribed as "Quotation for office vehicle to be auctioned" and addressed to Assistant Director/E, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2396440. Quotations will be opened in presence of members of the Auction Committee and bidders present on **12/08/2025 at 1600 hrs**. Quotation of the highest bidder will be accepted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of auctioned vehicle, failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehicle. The Head of the Office reserves the right to cancel any bid without assigning any reason thereof.

**Sd./- Assistant Director/E**

**OFFICE OF THE EXECUTIVE ENGINEER ROAD CONSTRUCTION DEPARTMENT ROAD DIVISION, DUMKA**

CORRIGENDUM

TENDER REFERENCE No.- RCD/DUMKA/975

PR 354584 Road(25-26):D and PR 355582 Road (25-26)_D

NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.

Job No. CRF-JHR-2025-26-73

CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 08.09.2025 at 10.30 A.M in place of 26.08.2025 Up to 12.00 Noon. |
| 5 | Date of Publication of Tender on website | 12.08.2025 at 10.30 A.M in place of 28.07.2025 |
| 6 | Pre Bid Meeting | 18.08.2025 at 10.30 A.M in place of 04.08.2025 at 11.00 A.M |

Other terms and conditions shall remain unchanged.

Executive Engineer, Road Construction Department, Road Division, Dumka

PR 358355 Road(25-26)D

No.gg-18

**Government of Odisha**
**Department of Social Security & Empowerment of Persons with Disabilities**

ଯୁକ୍ତ ଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏବଂ ଉଚ୍ଚଶିକ୍ଷା ଅଧ୍ୟୟନରତ ଦୃଷ୍ଟିବାଧିତ ଛାତ୍ର/ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ବିଭାଗ ତରଫରୁ ନିଃଶୁଳ୍କ ଲ୍ୟାପଟପ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି।

ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିମ୍ନଲିଖିତ ବିଭାଗୀୟ ୱେବ୍‌ସାଇଟ୍ https://ssepd.odisha.gov.in/ ରେ ଆବେଦନ କରିପାରିବେ।

Sd./- Director, SS&EPD Department

OIPR-46001/11/0058/2526

See Career Appointment on every Wednesday & Saturday

केन्द्रीय विद्यालय कामाख्यानगर
मुंडीदेउली, कामाख्यानगर,
वार्ड नंबर 9, डाकघर - कामाख्यानगर,
जिला - ढेंकानाल,
ओडिशा - 759018
ई-मेल - kvkamakhyanagar@gmail.com
वेबसाइट - https://kamakshyanagar.kvs.ac.in

केन्द्रीय विद्यालय संगठन

**KENDRIYA VIDYALAYA KAMAKHYANAGAR**
Mundideuli, Kamakhyanagar,
Ward No. 9, P.O -Kamakhyanagar,
Distt. Dhenkanal, Odisha - 759018
E-mail:-kvkamakhyanagar@gmail.com
Website- https://kamakshyanagar.kvs.ac.in

**WALK-IN-INTERVIEW**

Date-26/07/2025

A Walk-in-Interview will be conducted in the Vidyalaya premises of **KENDRIYA VIDYALAYA KAMAKHYANAGAR** on **2nd August 2025** to prepare a panel to engage teachers on part-time contractual basis for the academic session **2025-26** as and when required basis. Interested candidates fulfilling the qualification for the posts given below may appear for interview along with their original Mark Sheets / Certificates (for verification only), Bio-data, a recent passport size photograph and a set of self-attested photocopies of all testimonials/mark sheets. For more details i.e. Bio-data/Registration form, Qualifications, Term and conditions etc. click on the link :- https://shorturl.at/yjwWR

OR scan the QR

Post required : 1) Primary Teachers, 2) Music Coach
Date : 02/08/2025, Saturday
(Registration time : 9:00 A.M. - 10 A.M.)

Sd./- प्राचार्य / PRINCIPAL

यूनियन बैंक ऑफ इंडिया | Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍–୭୫୬୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ –୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଡୁବୁରୀ–୨ ଶାଖା** / ଋଣଗ୍ରହୀତାମାନେ: ୧) ମେସର୍ସ ବର୍ଣ୍ଣି ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି, ୨) ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି / ଜାମିନ୍‌ଦାରମାନେ: ୧) ଶ୍ରୀ ହେମନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ୨) ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ସମସ୍ତଙ୍କ ଠିକଣା– ସା: ନିମାପଲ୍ଲି, ପୋ: ପିଙ୍ଗଳ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍–୭୫୫୦୨୬ | ୨୪.୦୪.୨୦୨୫ ସୁଦ୍ଧା ଟ.୧୦,୫୨,୭୦୬.୫୪ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୦୫.୨୦୨୫ / ୨୩.୦୭.୨୦୨୫ | ଶ୍ରୀ ହେମନ୍ତ କୁମାର ମୁଦୁଲି ଏବଂ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୫୩, ପ୍ଲଟ୍ ନଂ.: ୯୭, କ୍ଷେତ୍ର: ଏକର୧.୨୯ ଡିସିମିଲି, କିସମ: ଘରବାରି, ମୌଜା: ଗୋଲଗାଁ, ଏସ୍‌ଆର୍‌ଓ: ସୁକିନ୍ଦା, ଥାନା: କଳିଙ୍ଗନଗର (ଥାନା ନଂ. ୧୭୪), ଏହାର ଚାରିପାର୍ଶ୍ୱରେ– ଉତ୍ତର: ହେମନ୍ତ ମୁଦୁଲି, ଦକ୍ଷିଣ: ରାସ୍ତା, ପୂର୍ବ: ଅଇଁଠୁ ମୁଦୁଲି, ପଶ୍ଚିମ: ଶରତ ଚନ୍ଦ୍ର ମୁଦୁଲି |
| **ଭଦ୍ରକ–୩ ଶାଖା** / ଋଣଗ୍ରହୀତା: ମେସର୍ସ ଓମ୍ ସାଇ ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତ, ସା/ପୋ: ଜଳଙ୍ଗା, ଭାୟା: ମାଧବନଗର, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍–୭୫୬୮୧୧/ କୋ–ଓବ୍ଲିଗାଣ୍ଟମାନେ: ୧) ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତ, ୨) ଶ୍ରୀ ଶୁଭାଶିଷ ରାଉତ, ପିତା: କମଳାକାନ୍ତ ରାଉତ, ଉଭୟଙ୍କ ଠିକଣା– ୟୁ.ପି ସ୍କୁଲ ନିକଟ, କୁଆଁସ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍–୭୫୬୧୦୦, ୩) ଶ୍ରୀମତୀ ଭକ୍ତିସୁଧା ରାଉତ, ସ୍ୱାମୀ: ଦେବାଶିଷ ରାଉତ, ୟୁ.ପି ସ୍କୁଲ ସମ୍ମୁଖ, କୁଆଁସ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍–୭୫୬୧୦୦ | ୨୦.୦୫.୨୦୨୫ ସୁଦ୍ଧା ଟ.୨୦,୩୧,୯୭୧.୧୧ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୫.୨୦୨୫ / ୨୫.୦୭.୨୦୨୫ | ଶ୍ରୀ ଶୁଭାଶିଷ ରାଉତ, ପିତା: କମଳାକାନ୍ତ ରାଉତ, ଶ୍ରୀମତୀ ଭକ୍ତିସୁଧା ରାଉତ, ସ୍ୱାମୀ: ଦେବାଶିଷ ରାଉତ ଏବଂ ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୧୦୬/୧୯୩, ପ୍ଲଟ୍ ନଂ.: ୬୯୬, କ୍ଷେତ୍ର: ଏକର୧.୨୦ ଡିସିମିଲି, ମୌଜା: ଜଳଙ୍ଗା, ଥାନା: ଭଦ୍ରକ ଏବଂ ନଂ. ୧୧୯, ତହସିଲ: ଭଦ୍ରକ ଏବଂ ନଂ. ୧୧୯, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ– ଉତ୍ତର: ଗୋଚର, ଦକ୍ଷିଣ: ଅନାବାଦୀ ଜମି, ପୂର୍ବ: ଭାବନା ମହାରାଣା, ପଶ୍ଚିମ: ନାଳ ଏବଂ ଅନାବାଦୀ ଜମି |

ତାରିଖ: ୨୮.୦୭.୨୦୨୫
ସ୍ଥାନ: ବାଲେଶ୍ୱର

ସ୍ୱା/–କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, गुमला।**
mail-rdsdgumla123@gmail.com

**अति अल्पकालीन ई–निविदा आमंत्रण सूचना**

ई– निविदा सूचना संख्या – RDD/SD/GUMLA/08/2025-26

1. कार्य की विस्तृत विवरणी:

| ग्रुप०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | Comprehensive renovation including toilet, floor, window, kitchen, door, roof, dilapidated classroom fan etc and Electrification work in Hostel of ST Residential School, Dokapath, Block-Chainpur. Dist- Gumla | 1,99,63,300.00 | 3,99,300.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि –05.08.2025
3. ई–निविदा प्राप्ति की तिथि एवं समय – दिनांक 05.08.2025 से दिनांक 20.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, गुमला।
5. ई–निविदा खोलने की तिथि एवं समय – 22.08.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गुमला।
7. ई–निविदा प्रकोष्ठ का दूरभाष सं० – 06524223013 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, गुमला।

PR 358384 (Rural Development) 25-26 (D)

**Information & Public Relations Department.**
**Government of Jharkhand, Suchana Bhawan, Ranchi.**
**Annexure – I**

**Request For Proposal (RFP)**

Request for Proposal (RFP) are invited for selection of eligible reputed qualified firms/companies with sound Technical and Financial capabilities for **Selection of Event Management Agency to organize Jharkhand Tribal Festival in various states.**

1. The following table provides a quick overview of the key activities and some important information about this RFP:

| Sl. No. | Particulars | Details |
|---|---|---|
| 1.1 | RFP Reference No. | 1064 |
| 1.2 | RFP issuing Authority | Information & Public RelationDepartment (IPRD). Government of Jharkhand, Suchana Bhawan, Ranchi. |
| 1.3 | Name of the Project | Request for Proposal (RFP) are invited for **Selection of Event Management Agency to organise Jharkhand Tribal Festival in various states on turnkey basis.** |
| 1.4 | Bid submission end date and time | 02-08-2025; 03:30 PM |
| 1.05 | Date of opening of Technical Bids / RFP | 04-08-2025; 03:30 PM |
| 1.06 | Date of Presentation | On the date of opening of the technical bid. |
| 1.07 | Validation of RFP | Proposal must remain valid for 90 days after the submission Date. |
| 1.08 | EMD | INR 5,00,000/- (Five Lakh Only). To be paid online as per instructions on https://jharkhandtenders.gov.in/nicgep/app. EMD fee will be received through online mode only. Bidders can use internet banking facility. Refund will only be issued to the originated bank account used for the online payment of EMD Fee for the bidders which are not selected. Relaxation will be granted as per the Jharkhand Govt. norms. |
| 1.13 | Address of Communication | Director, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |
| 1.14 | Details of Appellate Authority | Special Secretary, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |

The Terms & Conditions and detailed copy of the RFP document should be downloaded from our website http://prdjharkhand.in/ iprd/and https://jharkhandtenders.gov.in

Sd/-
Director
Information & Public Relations Department
Government of Jharkhand

PR 358420 IPRD (25-26)D

## ବାର୍ହା ଆକ୍ରମଣରେ ଯୁବକ ଗୁରୁତର

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଡୁମୁରିଆ ଗାଁ ଖଜୁରୀ ଡିହାସାହିରେ ସୋମବାର ସକାଳେ ବାର୍ହା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛି। ଗୁରୁତର ଜଣଙ୍କ ହେଲେ ସାହିର ଅଜିତ କୁମାର ମହାନ୍ତ(୪୦)। ତାଙ୍କୁ ପାଟଣା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ଘର ନିକଟ ବାଡ଼ିକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ବାର୍ହା ତାଙ୍କ ଜଙ୍ଘ ପଛ ପାର୍ଶ୍ୱକୁ କାମୁଡ଼ି ଦେଇଥିଲା। ଚିତ୍କାର ଶୁଣି ଗାଁ ଲୋକେ ପହଞ୍ଚି ବାର୍ହା ଘଉଡ଼ାଇ ତାଙ୍କୁ ଉଦ୍ଧାର କରିଥିଲେ।



କେନ୍ଦୁଝର

# ୪୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ଅସୁରକ୍ଷିତ

କେନ୍ଦୁଝର,୨୮।୭(ଦୀପକ ମିଶ୍ର)

■ଭଙ୍ଗାଘରେ ହେଉଛି ଶିକ୍ଷାଦାନ

■୨୦୭ ବିଦ୍ୟାଳୟରେ ଶ୍ରେଣୀଗୃହ ସମସ୍ୟା

କେନ୍ଦୁଝର ଜିଲାରେ ଅନେକ ବିଦ୍ୟାଳୟ ଅସୁରକ୍ଷିତ ଅବସ୍ଥାରେ ରହିଛି। ପ୍ରାୟ ବିଦ୍ୟାଳୟ ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି। ଅନେକ ଦୁର୍ବଳ ହୋଇ ପାଣି ଗଳିବା ସହ କାନ୍ଥ ଫାଟିଗଲାଣି। ଫଳରେ ପିଲା ବିପଦସଙ୍କୁଳ ଶ୍ରେଣୀଗୃହରେ ପାଠ ପଢୁଥିବା ଦେଖାଯାଇଛି। ଏପରିକି ଅନେକ ସ୍କୁଲରେ ପିଲାଙ୍କ ତୁଳନାରେ ଶ୍ରେଣୀଗୃହ ନାହିଁ। ଫଳରେ ଅସନ୍ତୋଷ ବୃଦ୍ଧି ପାଉଛି। ବାରମ୍ବାର ଅଭିଯୋଗ ପରେ ଶ୍ରେଣୀଗୃହ ଭାଙ୍ଗିବା ପାଇଁ ଶିକ୍ଷା ବିଭାଗ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଜିଲାରେ ମୋଟ ୪୨ଟି ପ୍ରାଥମିକ ବିଦ୍ୟାଳୟ ଭଗ୍ନ ଅବସ୍ଥାରେ ରହିଛି। ଏଥିରେ ଆନନ୍ଦପୁର ବ୍ଲକ୍‌ରେ ୬, ବାଂଶପାଳରେ ଗୋଟିଏ, ଚମ୍ପୁଆରେ ୪, ଘଟଗାଁରେ ୫, ହାଟଡ଼ିହୀରେ ୨, ହରିଚନ୍ଦନପୁରରେ ୮, ପାଟଣାରେ ୨, ସଦରରେ ୩, ସାହରପଡ଼ାରେ ୨, ତେଲକୋଇରେ ୭ ପ୍ରାଥମିକ ବିଦ୍ୟାଳୟ ଭଗ୍ନ ଅବସ୍ଥାରେ ରହିଛି। ଏଥିରୁ ଅନେକ ସ୍କୁଲ କୋଠାଘର ଭୁଶୁଡ଼ିବା ଅବସ୍ଥାକୁ ଆସିଗଲାଣି। ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଥିବା ଗୃହଗୁଡ଼ିକରେ ବ୍ୟବହାରଯୋଗ୍ୟ ନ ଥିବା ବୋର୍ଡ ଲାଗୁନାହିଁ। ଅନେକ କୋଠାରେ ଛାତରୁ ପାଣି ଗଳିବା ସହ ସିମେଣ୍ଟ ଖସୁଛି। କାନ୍ଥ ଫାଟି ଗରଗର ହୋଇଗଲାଣି। କେଉଁ ସମୟରେ ଭୁଶୁଡ଼ିପଡ଼ିବ କହିହେବ ନାହିଁ। ଗତ ଜୁନ୍‌ରେ ଦେଓବନ୍ଧ ବିଦ୍ୟାଳୟର ଭଙ୍ଗା ଶ୍ରେଣୀଗୃହରୁ ସିମେଣ୍ଟ ଖଣ୍ଡ ଖସି ଜଣେ ଛାତ୍ର ଆହତ ହୋଇଥିଲେ। ଘଟଣା ପରେ ଶିକ୍ଷା ବିଭାଗ ତତ୍ପରତା ଦେଖାଇ ବିଦ୍ୟାଳୟରେ ଥିବା ଅସୁରକ୍ଷିତ ଶ୍ରେଣୀଗୃହ ଚିହ୍ନଟ କରୁଛି।

ଅନ୍ୟପକ୍ଷେ ଚମ୍ପୁଆ ବ୍ଲକ୍ ଜାମୁଦଲକ ପଞ୍ଚାୟତ ଅନ୍ତର୍ଗତ ସାତହଳିଆ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୭ ଛାତ୍ରୀଛାତ୍ର ପଢୁଥିବାବେଳେ ଭଲ ଶ୍ରେଣୀଗୃହ ନ ଥିବା ଜଣାପଡ଼ିଛି। ଘଷିପୁରା ଚଉମୁହିଁ କଲୋନି ପ୍ରାଥମିକ ବିଦ୍ୟାଳୟରେ ୧୦୧ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଗୋଟିଏ ମାତ୍ର ଭଲ ଗୃହ ରହିଛି। ବରାଙ୍ଗରେ ୧୧୫ ଛାତ୍ରୀଛାତ୍ରଙ୍କ ପାଇଁ ଗୋଟିଏ ଶ୍ରେଣୀଗୃହ ରହିଛି। ସଦର ବ୍ଲକ୍ କବିତ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୬୭ ଛାତ୍ରୀଛାତ୍ରଙ୍କ ପାଇଁ ଗୋଟିଏ ଶ୍ରେଣୀ କକ୍ଷ ରହିଛି। ଅନ୍ୟ ଶ୍ରେଣୀ କକ୍ଷଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବାଉରିପଦା ପଞ୍ଚାୟତ ପୋଟଳ ପ୍ରାଥମିକ ବିଦ୍ୟାଳୟରେ ୫୩ ପିଲାଙ୍କ ପାଇଁ ଗୋଟିଏ ଶ୍ରେଣୀ ଗୃହ ରହିଥିବା ଜଣାପଡ଼ିଛି। ଅନେକ ସ୍ଥାନରେ ସ୍କୁଲ ପରିସରରେ ଘର ଭୁଶୁଡ଼ିଯିବାର ସମ୍ଭାବନା ଥିବାରୁ ଛାତ୍ରୀଛାତ୍ର ସ୍କୁଲ ଅଗଣାରେ ପଢୁଛନ୍ତି। ବିଶେଷକରି ଜିଲାରେ ୨୦୭ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ସମସ୍ୟା ରହିଛି। କେଉଁଠି ଗୋଟିଏ ଶ୍ରେଣୀଗୃହରେ ତ କେଉଁଠି ସ୍କୁଲ ଅଗଣାରେ ପଢ଼ା ଚାଲିଛି।

ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ପୂର୍ବରୁ ଶିକ୍ଷା ବିଭାଗରେ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇ ସ୍କୁଲ ନିର୍ମାଣ କରାଯାଉଥିଲା। ଏବେ ତାହା ପଞ୍ଚାୟତିରାଜ ବିଭାଗ ପକ୍ଷରୁ କରାଯାଉଛି। ସେ ନେଇ ବିପଦସଙ୍କୁଳ ସ୍କୁଲ ଚିହ୍ନଟ ପ୍ରକ୍ରିୟା ଚାଲିଛି। ଏଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ ଅର୍ଥ ବ୍ୟବସ୍ଥା କରାଯାଇ ସମ୍ପୃକ୍ତ ବ୍ଲକ୍‌କୁ ଦିଆଯାଉଛି।

## ବୃଦ୍ଧାଶ୍ରମ ନର୍ସଙ୍କ ଆତ୍ମହତ୍ୟା ଉଦ୍ୟମ

### ନିର୍ଯାତନା ଅଭିଯୋଗ ଆଣିଲେ

ଯୋଡ଼ା,୨୮।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ଏକ ବୃଦ୍ଧାଶ୍ରମରେ ଜଣେ ଜିଏନ୍‌ଏମ୍(ନର୍ସ) ରବିବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଟାଟା ଷ୍ଟିଲ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ସୋମବାର ଅବସ୍ଥା ସ୍ଥିର ହେବା ପରେ କୋଅର୍ଡିନେଟର ତାଙ୍କୁ ନିର୍ଯାତନା ଦେଉଥିବା ଗଣମାଧ୍ୟମ ଆଗରେ କହିଛନ୍ତି।

ଅଭିଯୋଗ ମୁତାବକ, ଜୁନ୍ ୧୨ରେ ବୃଦ୍ଧାଶ୍ରମର ଜଣେ ଅନ୍ତେବାସିନୀଙ୍କ ଦେହ ଅସୁସ୍ଥ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ଅଭିଯୋଗକାରୀ ନର୍ସ ଓ ଜଣେ ସଫେଇ କର୍ମଚାରୀ ରୋଗୀଙ୍କ ସହ କଟକ ଯାଇଥିଲେ। ସେଠାରେ ସଫେଇ କର୍ମଚାରୀଙ୍କ ସହ ନର୍ସଙ୍କ ବିବାଦ ହୋଇଥିଲା। ସଫେଇ କର୍ମଚାରୀ ନର୍ସଙ୍କ ବିରୋଧରେ ଜାତିଆଣ ଆକ୍ଷେପ ନେଇ ଅଭିଯୋଗ କରିଥିଲେ। ଏଥିସହ ବୃଦ୍ଧାଶ୍ରମରେ ହେଉଥିବା ଅନିୟମିତତା ଓ ତାଙ୍କ ଦରମାରୁ ୨ ହଜାର କାଟାଯିବାକୁ ନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଥିଲେ। ପରେ ତାଙ୍କ ବିରୋଧରେ ଏକ ଚକ୍ରାନ୍ତ କରାଯାଇ ହଇରାଣ କରାଯାଉଛି। ବୃଦ୍ଧାଶ୍ରମର କୋଅର୍ଡିନେଟର ଦେବ ପ୍ରସାଦ ପଟ୍ଟନାୟକ ବଳାତ୍କାର ଧମକ ଦେଇଥିବା ନର୍ସ କହିଛନ୍ତି। କୋଅର୍ଡିନେଟର ପଟ୍ଟନାୟକ କହିଛନ୍ତି, ଅଭିଯୋଗ ନିରାଧାର। ନର୍ସ ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ବିବାଦର ଆପୋସ ବୁଝାମଣା ପାଇଁ ସେ କହିଥିଲେ। ସଫେଇ କର୍ମଚାରୀ କହିଛନ୍ତି, କଟକରେ ନର୍ସ ତାଙ୍କୁ ମାଡ଼ ମାରିବା ସହିତ ଜାତିଆଣ ଆକ୍ଷେପ କରିଥିବା କୋଅର୍ଡିନେଟରଙ୍କୁ ଅଭିଯୋଗ କରିଥିଲେ। ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ କହିଛନ୍ତି, ପୀଡ଼ିତା, କୋଅର୍ଡିନେଟର, ସଫେଇ କର୍ମଚାରୀଙ୍କ ବୟାନ ଗ୍ରହଣ କରାଯାଇଛି। ବୃଦ୍ଧାଶ୍ରମରେ ମଧ ପଚରାଉଚରା କରାଯାଇଛି। ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

## ଡିଏମ୍‌ଏଫ୍ ଟ୍ରଷ୍ଟ ବୋର୍ଡ ପୁନର୍ଗଠନ ପାଇଁ ତାଲିକା ପ୍ରସ୍ତୁତ

କେନ୍ଦୁଝର/ହାଟଡିହୀ,୨୮।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଟ୍ରଷ୍ଟ ବୋର୍ଡ ପୁନର୍ଗଠନ ପାଇଁ ମେମ୍ବର ତାଲିକା ପ୍ରସ୍ତୁତ ହୋଇଛି। ତାଲିକା ପତ୍ର କେନ୍ଦୁଝର ଜିଲାପାଳ ତଥା ଡିଏମ୍‌ଏଫ୍ ଅଧ୍ୟକ୍ଷଙ୍କ ଦସ୍ତଖତ ସମ୍ବଳିତ ଚିଠିରେ ରାଜ୍ୟ ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ବିଭାଗକୁ ପଠାଯାଇଛି। ଚିଠିରେ ଦର୍ଶାଯାଇଛି, ଓଡିଏମ୍‌ଏଫ୍ (ଆମେଣ୍ଡମେଣ୍ଟ) ରୁଲ୍ସ ୨୦୨୪ର ରୁଲ୍ ୪(୧)(ଆଇ) ଅନୁସାରେ ଡିଏମ୍‌ଏଫ୍ ଟ୍ରଷ୍ଟ ବୋର୍ଡ ପୁନର୍ଗଠନ ପାଇଁ ମେମ୍ବର ତାଲିକା ପ୍ରସ୍ତୁତ ହୋଇଛି। ତାଲିକାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କ ନାମ ନୂଆକରି ସ୍ଥାନ ପାଇଛି। ଏମ୍‌ପି ଅନନ୍ତ ନାୟକ, ବିଧାୟକ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଫକୀର ମୋହନ ନାଏକ, ଅଭିମନ୍ୟୁ ସେଠୀ, ସନାତନ ମହାକୁଡ଼ ପ୍ରମୁଖଙ୍କ ନାମ ତାଲିକାରେ ରହିଛି। ବିଭିନ୍ନ ବିଭାଗର ଅଧିକାରୀ, ଯୋଡ଼ା ବ୍ଲକ୍ ୨୮ନଂ. ଜୋନ୍‌ର ଜିଲା ପରିଷଦ ମେମ୍ବର ଡମ୍ବରୁଧର କୁଦାଦ, କେନ୍ଦୁଝରଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷ ନିକୁ ସାହୁ, ଝୁମ୍ପୁରା ବ୍ଲକ୍ ବାଲିବନ୍ଧ ପଞ୍ଚାୟତ ସମିତି ମେମ୍ବର ମହେନ୍ଦ୍ର ପଟ୍ଟନାୟକ, ସଦର ବ୍ଲକ୍ ମହାଦେଇଯୋଡ଼ା ସରପଞ୍ଚ ରମେଶ ମୁଣ୍ଡାଙ୍କ ନାମ ରହିଛି। ସୂଚନାଯୋଗ୍ୟ, ଆମେଣ୍ଡମେଣ୍ଟରେ ରୁଲ୍ ୪(୧)(ଆଇ) ବୋଲି କିଛି ଉଲ୍ଲେଖ ନ ଥିବା ୬ ମେ ୨୦୨୫ରେ ପ୍ରକାଶ ପାଇଥିବା ଓଡ଼ିଶା ଗେଜେଟ୍ ନୋଟିଫିକେଶନରୁ ଜଣାପଡ଼ିଛି। ଓଡିଏମ୍‌ଏଫ୍ ରୁଲ୍ସ ୨୦୧୫ର ରୁଲ୍ ୪(୪) ଅନୁସାରେ ଗୋଟିଏ ଆର୍ଥିକ ବର୍ଷରେ ୨ଥର ଟ୍ରଷ୍ଟ ବୋର୍ଡ ବୈଠକ ହେବା ନେଇ ଉଲ୍ଲେଖ ରହିଛି। କିନ୍ତୁ ୧୯ ନଭେମ୍ବର ୨୦୨୨ରେ ଶେଷ ଅର୍ଥାତ୍ ୧୧ତମ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଅଢ଼େଇ ବର୍ଷ ବିତିଯାଇଥିଲେ ମଧ ଅଦ୍ୟାବଧି ଟ୍ରଷ୍ଟ ବୋର୍ଡ ବୈଠକ ହୋଇନାହିଁ। ଏହାକୁ ନେଇ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ମାମଲା ମଧ ଦାୟର ହୋଇଛି। ପରେ ରାଜ୍ୟ ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ବିଭାଗ ଚିଠି କରି ଟ୍ରଷ୍ଟ ବୋର୍ଡ ପୁନର୍ଗଠନ ପାଇଁ ଜିଲାପାଳଙ୍କୁ ଚିଠି ଜାରି କରିଥିଲେ।

## ଜନ୍ମମାଟିରେ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



ପୋଲିସ ପକ୍ଷରୁ ଯବାନଙ୍କୁ ତୋପ ସଲାମୀ ଦିଆଯାଉଛି।

ଚମ୍ପୁଆ,୨୮।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ନୂଆଧନୁର୍ଜୟପୁର ଗ୍ରାମର ଯବାନ ବିଜୟ କୁମାର ପ୍ରଧାନଙ୍କ ଜନ୍ମମାଟିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୀମା ସୁରକ୍ଷାବଳ ଓ ପୋଲିସ ପକ୍ଷରୁ ତୋପ ସଲାମୀ ପ୍ରଦାନ କରାଯାଇଥିଲା। ଯବାନ ଭାରତୀୟ ସୀମା ସୁରକ୍ଷା ବଳରେ ଫାର୍ମାସିଷ୍ଟ ଭାବେ ସିଲିଗୁଡିଠାରେ କାର୍ଯ୍ୟରତ ଥିଲେ। ୧୫ ନଭେମ୍ବର ୨୦୧୦ ମସିହାରେ ଭାରତୀୟ ସୀମା ସୁରକ୍ଷା ବଳରେ ଯୋଗ ଦେଇଥିଲେ। ୪୬ ବାଟାଲିୟନର ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଥିଲେ। ବିଜୟ ଅସୁସ୍ଥ ଥିବା ବେଳେ ଗତ ଶନିବାର ମୃତ୍ୟୁ ହୋଇଥିଲା। ମର ଶରୀର ସୋମବାର ପର୍ଶଳାଠାରେ ପହଞ୍ଚିବା ପରେ ଶତାଧିକ ଗ୍ରାମବାସୀ ବାଇକ୍ ଶୋଭାଯାତ୍ରାରେ ବିଜୟ କୁମାର ଅମର ରହେ ଓ ଭାରତ ମାତାକି ଜୟ ଧ୍ୱନି ଦେଇ ଧନୁର୍ଜୟପୁରକୁ ନେଇଥିଲେ। ଗ୍ରାମବାସୀ, ପରିବାର ଲୋକେ ଶେଷ ଦର୍ଶନ କରିଥିଲେ। ପରେ ପାରମ୍ପାରିକ ନୀତିରେ ତାଙ୍କ ମର ଶରୀରକୁ ଗାଁ ମୁଣ୍ଡ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ତୋପ ସଲାମୀ ପ୍ରଦାନ ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରଶାସନ ପକ୍ଷରୁ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରପ୍ରିୟା ନାଏକ, ଝୁମ୍ପୁରା ବିଡିଓ ହୃଦାନନ୍ଦ ଓଡ଼ା, ତହସିଲଦାର ରୋହିତ ବାଗ, ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲୀ ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

## ପାଲା ପରିବେଷଣ କାର୍ଯ୍ୟକ୍ରମ ବଣ୍ଟନରେ ଅନିୟମିତତା

କେନ୍ଦୁଝର,୨୮।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ସରକାରଙ୍କ ବିବିଧ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଉଥିବା ଜିଲା ଓ ବ୍ଲକ୍‌ସ୍ତରରେ ପାଲା ପରିବେଷଣ କାର୍ଯ୍ୟକ୍ରମ ବଣ୍ଟନରେ ଅନିୟମତତା ଅଭିଯୋଗ ହୋଇଛି। ଏ ନେଇ କେନ୍ଦୁଝର ଶ୍ରୀବଳଦେବଜୀଉ ପାଲାକାର ସଂଘ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲାପାଳ ଏହାର ତଦନ୍ତ ପାଇଁ ଜିଲା ସଂସ୍କୃତି ଅଧିକାରୀଙ୍କୁ ଆଦେଶ କରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଜିଲାରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମକୁ ପାଲା ଜରିଆରେ ପରିବେଷଣ କରାଯାଉଛି। କାର୍ଯ୍ୟକ୍ରମଗୁଡ଼ିକୁ ବ୍ଲକ୍ କଳା ସଂସ୍କୃତି ସଂଘ (ବିକେଏସ୍‌ଏସ୍) ଜରିଆରେ ଆଲୋଚନା କରି ବଣ୍ଟନ କରାଯାଇଥାଏ। ଜିଲା ସ୍ତରୀୟ ପ୍ରଶାସନିକ ଅଧିକାରୀ ମାନେ ବ୍ଲକ୍ ସଂଘର ସଭାପତି/ଉପସଭାପତିଙ୍କୁ ନ ଜଣାଇ ନିଜ ନିଜ ଅଫିସରୁ ପାଲା କଳାକାର ଚୟନ କରି ସଚେତନତା କରୁଛନ୍ତି। ଫଳରେ ଅନେକ ପାଲା ପରିବେଷଣ କରୁ ନ ଥିବା କଳାକାରଙ୍କୁ ଚୟନ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ କଳାକାରଙ୍କୁ ସାର୍ଟିଫିକେଟ ପ୍ରଦାନ କରି ସମ୍ବର୍ଦ୍ଧନା କରିବା ସ୍ଥିରିକୃତ ହୋଇଥିଲେ ହେଁ ମନମୁଖୀ କରି କମ ବୟସର କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଶ୍ରୀବଳଦେବଜୀଉ ପାଲାକାର ସଂଘ ସଦସ୍ୟଙ୍କୁ ପାଲା ପରିବେଷଣର ସୁଯୋଗ ଦିଆଯାଉନାହିଁ। ଏଣୁ ବିକେଏସଏସ ଜରିଆରେ ସମସ୍ତ କଳାକାରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ବଣ୍ଟନ କରିବାକୁ ଦାବି କରିଛନ୍ତି। ବିକେଏସଏସ ସହିତ ଆଲୋଚନା କରି ପାଲା କାର୍ଯ୍ୟକ୍ରମ ବଣ୍ଟନ କରିବାକୁ ସଂଘର ଉପସଭାପତି ଲୋକନାଥ ସାହୁ, ପ୍ରସନ୍ନ ଲେଙ୍କା, ଲକ୍ଷ୍ମୀ ବଲ୍ଲଭ ସାହୁ, ଉତ୍ତମ ସେଠୀ, ଯଶୋଦା ବାରିକ, ସୁରେଶ ଚନ୍ଦ୍ର ମହାନ୍ତ, ଲକ୍ଷ୍ମୀଧର ରାଉତ, ଦୟାନିଧି ଦାସ ପ୍ରମୁଖ ଦାବି ଜଣାଇଛନ୍ତି।

ମୟୂରଭଞ୍ଜ

# ଗେଲ କରିବା ଆଳରେ ଛାତ୍ରୀଙ୍କୁ ଅସଦାଚରଣ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବେତନଟୀ (ଧରଣୀଧର ମହାନ୍ତି)/ ବୈଶିଙ୍ଗା (ରତନ ଦାଶ), ୨୮।୭

■ଶିକ୍ଷକଙ୍କୁ ନିଲମ୍ବନ କଲେ ବିଇଓ

■୭ ଦିନ ପରେ ବି ରୁଜୁ ହୋଇନି ମାମଲା

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଗେଲ କରିବା ଆଳରେ ଏକାଧିକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ବ୍ଲକ୍ ଶିକ୍ଷାଧିକାରୀ (ବିଇଓ) ସମ୍ପୃକ୍ତ ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୮୫୫/୨୧।୭।୨୫ରେ ଚାକିରିରୁ ନିଲମ୍ବନ କରିଛନ୍ତି। ଏ ସମ୍ପର୍କରେ ୭/୮ଜଣ ଛାତ୍ରୀଙ୍କୁ ପଚରାଉଚରା କରାଯାଉଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଭଳି ଏକ ଲଜ୍ଜାଜନକ ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ପ୍ରଘଟ ହେବା ପରେ ବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହୋହଲ୍ଲା କରିଥିଲେ। ଅନ୍ୟପକ୍ଷରେ ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ ଅନୁଯାୟୀ କୌଣସି ମାମଲା ରୁଜୁ ହୋଇନାହିଁ ।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପଢୁଥିବା ୭/୮ଜଣ କୋମଳମତି ଛାତ୍ରୀମାନଙ୍କୁ ଶିକ୍ଷକ ମହାନ୍ତ ଗେଲ କରିବା ଆଳରେ ଅସଦାଚରଣ କରୁଥିଲେ। ଛାତ୍ରୀମାନେ ପ୍ରତିବାଦ କଲେ ସେମାନଙ୍କୁ ବିଭିନ୍ନ ପ୍ରକାର ଲୋଭ ଓ ଭୟ ଦେଖାଉଥିଲେ। ଫଳରେ ଛାତ୍ରୀମାନେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଉ ନ ଥିଲେ। ତେବେ ଜଣେ ଛାତ୍ରୀ ସାହସ କରି ସ୍କୁଲର ଶିକ୍ଷୟିତ୍ରୀଙ୍କୁ ଜଣାଇବା ପରେ ଘଟଣା ପଦାକୁ ଆସିଥିଲା। ଶିକ୍ଷୟିତ୍ରୀ ଜଣକ ସମସ୍ତ ଛାତ୍ରୀଙ୍କୁ ଏ ସମ୍ପର୍କରେ ପଚରାଉଚରା କରିବାରୁ ଛାତ୍ରୀମାନେ ଘଟଣା ସମ୍ପର୍କରେ କହିଥିଲେ। ଜଣେ ଛାତ୍ରୀଙ୍କ ମା' ବିଦ୍ୟାଳୟକୁ ଆସି ସମ୍ପୃକ୍ତ ଶିକ୍ଷକଙ୍କ ସହ ପାଟିତୁଣ୍ଡ କରୁଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି।




ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

ଏ ସମ୍ପର୍କରେ ବେତନଟୀ ବିଇଓ ବିପ୍ଲବ କରଙ୍କୁ ପଚାରିବାରୁ ଅଭିଯୋଗ ଓ ଭାଇରାଲ ଭିଡିଓକୁ ଦେଖି ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଘଟଣାର ତଦନ୍ତ ପରେ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ତେବେ ଗତ ୨୧ ତାରିଖରୁ ଉକ୍ତ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିଲେ ମଧ ଅଦ୍ୟାବଧି ଘଟଣା ସମ୍ପର୍କରେ ବୈଶିଙ୍ଗା ଥାନାରେ ଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ ନ ହେବା ଆଶ୍ଚର୍ଯ୍ୟଜନକ ବୋଲି ଜେଏମ୍‌ଏମ୍ ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସ କହିଛନ୍ତି। ଲୋକଲଜ୍ଜା ଭୟରେ ଛାତ୍ରୀମାନଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିନାହାନ୍ତି। ଶିକ୍ଷା ବିଭାଗ, ପୋଲିସ ଓ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ମଧ ମାମଲା ରୁଜୁ କରା ନ ଯିବା ତଦନ୍ତସାପେକ୍ଷ। ନୂତନ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବା ପରେ ଯେକୌଣସି ଫଟୋ ଓ ଭିଡିଓ ସାକ୍ଷ୍ୟ ଭାବେ ଗ୍ରହଣ ପ୍ରଯୁଜ୍ୟ ହୋଇଥିବା ବେଳେ ଏନେଇ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ କରାଯାଇପାରିବ ବୋଲି ଆଇନଜୀବୀ ମନୋଜ କୁମାର ପଣ୍ଡା କହିଛନ୍ତି। ସମ୍ପ୍ରତି ରାଜ୍ୟରେ ନାରୀ ନିର୍ଯାତନା ଏକ ଚିନ୍ତାର କାରଣ ହୋଇଥିବା ବେଳେ ଏପରି ଘଟଣାକୁ ଜାଣିଶୁଣି ଚପାଇ ଦିଆଯାଉଛି ବୋଲି ଜିଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ କହିଛନ୍ତି।

## 'ସଚେତନ ହେଲେ ହେପାଟାଇଟିସ୍ ନିରାକରଣ ସମ୍ଭବ'

### ଜିଲାସ୍ତରୀୟ ହେପାଟାଇଟିସ୍ ଦିବସ-୨୦୨୫ ପାଳିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୮।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନ ୧୦ଟାରେ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଜିଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ମାନସ ରଞ୍ଜନ ଦଣ୍ଡପାଟ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାସ ଚନ୍ଦ୍ର ନାୟକ, ଜିଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାଶ, ଜିଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡ଼ା.ଶାନ୍ତନୁ ଦାସ, ଜିଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଘାସିରାମ ମୁର୍ମୁ, ଡା. ଜ୍ଞାନେନ୍ଦ୍ର ମହାନ୍ତି, ଅଧିକାରୀ ଧନୁରାମ ମୁର୍ମୁ, ଡା. ବିଭୁଦତ୍ତ ଦାସ, ଏପିଡେମିଲଜିଷ୍ଟ, ଏଲିନା ସାମଲ, ଡେପୁଟି ମ୍ୟାନେଜର, ଆରସିଏଚ ଏବଂ ଅନିତା ଦାସ ଏଏନଏମ ପ୍ରଶିକ୍ଷିକା ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଡା. ଆଚାର୍ଯ୍ୟ ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏବର୍ଷର ବାର୍ତ୍ତା 'ଆସନ୍ତୁ, ହେପାଟାଇଟିସକୁ ପ୍ରତିହତ କରିବା' ଉପରେ ଉଲ୍ଲେଖ କରିବାକୁ ଯାଇ ରୋଗର କାରଣ, ଏହି ରୋଗ ହେଲେ ରୋଗୀର ଯକୃତ କିପରି କାର୍ଯ୍ୟ ନ କରି ଧୀରେ ଧୀରେ ଅକାମି ହୋଇଯାଏ ଏବଂ ରୋଗୀ ମୃତ୍ୟୁ ମୁଖରେ ପଡ଼େ ସେ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ହେପାଟାଇଟିସ ବି, ସି ଏବଂ ଡି ରକ୍ତ ଓ ରକ୍ତ ଜାତ ଉପାଦାନ ଏବଂ ରକ୍ତ ପରୀକ୍ଷା ପାଇଁ ବ୍ୟବହୃତ ହେଉଥିବା ସାମଗ୍ରୀ ଦ୍ୱାରା ବ୍ୟାପି ଥାଏ ଓ ହେପାଟାଇଟିସ 'ଏ' ଓ 'ଇ' ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପି ଥାଏ। ଏହି ରୋଗର ନିୟନ୍ତ୍ରଣ ନିମନ୍ତେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା ପରୀକ୍ଷା ଓ ଚିକିତ୍ସା ବିଷୟରେ ଅବଗତ କରାଇଥିଲେ। ଗର୍ଭବତୀ ମହିଳାମାନଙ୍କର ପରୀକ୍ଷା କରି ଚିକିତ୍ସା କରିବା ନିତ୍ୟାନ୍ତ ଜରୁରୀ ଅଟେ ଯଦ୍ୱାରା ଏହା ଚିରକାଳୀନ ରୋଗରେ ପରିଣତ ନ ହୁଏ ସେଥି ପ୍ରତି ସତର୍କ ହେବା। ଶିଶୁ ଜନ୍ମ ହେବାର ୨୪ ଘଣ୍ଟା ମଧ୍ୟରେ ହେପାଟାଇଟିସ ବି ଟୀକା କରଣ କରାଇବା ଜରୁରୀ ବୋଲି କହିଥିଲେ। ଏହାକୁ ପ୍ରତିହତ କରିବା ପାଇଁ ବ୍ୟାପକ ଜନ ସଚେତନ ଆବଶ୍ୟକ ରହିଛି। ସମୟୋଚିତ ପଦକ୍ଷେପ ନେବା ନିମନ୍ତେ କିଛି ଉପଦେଶାତ୍ମକ ଡାକ୍ତରୀ ପରାମର୍ଶ ଦେଇଥିଲେ। ଏହି ଦିବସ ପାଳନ ପରିପ୍ରେକ୍ଷୀରେ ନର୍ସିଂ ଛାତ୍ରୀ ଓ ଏଏନ୍‌ଏମ୍ ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଡାକ୍ତରଖାନା ପରିସରରୁ ବାହାରି ବିଭିନ୍ନ ସଚେତନ ଧର୍ମୀ ବାର୍ତ୍ତା ବହନ କରୁଥିବା ସ୍ଲୋଗାନ ସହ ବଡବଜାର, ରଥପଡ଼ିଆ, ବାଲେଶ୍ୱର ଗୋଲେଇ ଇତ୍ୟାଦି ଦେଇ ସହର ପରିକ୍ରମା କରିଥିଲା। ଏହି ଅବସରରେ ୧୦୫ ଜଣଙ୍କର ହେପାଟାଇଟିସ ପରୀକ୍ଷା କରାଯିବା ସହ ୧୧୧ ଜଣଙ୍କର ହେପାଟାଇଟିସ ବି ଟୀକାକରଣ କରାଯାଇଥିଲା। ସହକାରୀ ଜିଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ଜମ୍ବୀରା ପୋଲ ନିର୍ମାଣ ପାଇଁ ଗ୍ରାମସଭା

ମୋରଡ଼ା,୨୮।୭(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ମୋରଡ଼ା ପଞ୍ଚାୟତ ପଟାକୁଣ୍ଡିଆଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ନୂତନ ଜମ୍ବୀରା ପୋଲ ନିର୍ମାଣ ପାଇଁ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ରବି ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଗ୍ରାମସଭାରେ ପୂର୍ତ୍ତବିଭାଗ ଏସଡିଓ ଅରବିନ୍ଦ ମହାନ୍ତି, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ମିଶ୍ର,ମୋରଡ଼ା ଜିପିଓ . ଶଙ୍କର ମୁର୍ମୁ, ପିଇଓ ଶ୍ୱେତପଦ୍ମା ପରିଡ଼ା, ଏସସିଏମ ସୁଧୀର ରାଜ, ରଥିଆ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଚିତ୍ରଡା-ମୋରଡ଼ା ମୁଖ୍ୟ ରାସ୍ତାର ଶିଳଦାସ୍ଥିତ ଜମ୍ବୀରା ପୋଲ ଦୀର୍ଘ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିପଦ ସଂକୁଳ ଅବସ୍ଥାରେ ଥିବାରୁ ଭାରୀଯାନ ଯାତାୟାତ ବନ୍ଦ ରହିଛି। ତେଣୁ ଉକ୍ତ ନଦୀ ଉପରେ ଏକ ନୂତନ ପୋଲ ନିର୍ମାଣ ଲାଗି ଅଞ୍ଚଳବାସୀ ଦାବି କରୁଥିବା ବେଳେ ଗତ ଫେବୃୟାରୀ ୬ ତାରିଖରେ ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏକ ନୂତନ ପୋଲ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ତେଣୁ ଉକ୍ତ ନୂତନ ପୋଲ ନିର୍ମାଣ ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ବାବଦରେ ଗ୍ରାମସଭାରେ ଅଧିକାରୀଗଣ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପୋଲ ନିର୍ମାଣରେ ଜମି ହରାଇବାକୁ ଥିବା ହିତାଧିକାରୀଙ୍କୁ ଅନ୍ୟତ୍ର ଥଇଥାନ, ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ ଅଧିକାରୀ। ସେହିପରି ଉକ୍ତ ନୂତନ ପୋଲ ନିର୍ମାଣ ସହିତ ଗାଁ ପାଇଁ ଅନ୍ୟ ଏକ ଛୋଟ ପୋଲ ନିର୍ମାଣ ହେଲେ ପାଣି ଜମି ରହିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ଏହାମଧ୍ୟ ବିଚାରକୁ ନିଆଯିବ ବୋଲି ଅଧିକାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ଗ୍ରାମସଭାରେ ଉପସ୍ଥିତ ଅଧିକାରୀମାନେ।

## ମଣିଶଙ୍କର ସାରସକଣା ବ୍ଲକ୍ ବିଜେଡି ସଭାପତି

ଖାରପୋଖରିଆ,୨୮।୭(ସୁଧୀର କୁମାର ମହାନ୍ତ)- ବିଜୁ ଜନତା ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ବିଜୁ ଜନତା ଦଳର ନୂତନ ସଭାପତି ଭାବେ ମଣି ଶଙ୍କର ବାରିକଙ୍କୁ ନିଯୁକ୍ତ କରିଛନ୍ତି। ମଣିଶଙ୍କର ଛାତ୍ର ଜୀବନରୁ ଦକ୍ଷତା ପ୍ରମାଣ କରିଥିବା ବେଳେ ସାରସକଣା ବ୍ଲକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥାଇ ଜଣେ ଛାତ୍ରନେତା ଭାବେ ବେଶ ପରିଚିତ। ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜବୁତ୍ କରିବା ମୂଳ ଲକ୍ଷ୍ୟ ବୋଲି ସେ ମତ ପ୍ରକାଶ କରିଛନ୍ତି। ବିଜେଡି ସୁପ୍ରିମୋ ତାଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ସେ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ସଙ୍ଗଠାନିକ କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିବେ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।



# ବନ୍ୟା କମିଲା, ଜମିରୁ ଛାଡ଼ିନି ପାଣି

## ବ୍ୟାପକ ପନିପରିବା ଚାଷ, ଧାନତଳି ନଷ୍ଟ


ମାଳଦା ପଞ୍ଚାୟତର ସାରଣା ଗ୍ରାମରେ ଚାଷଜମିରେ ପାଣି ଜମିରହିଛି।

ଭଣ୍ଡାରିପୋଖରୀ,୨୮।୭(ରାଜେନ୍ଦ୍ର ଶତପଥୀ)

ବୈତରଣୀ ନଦୀର ବନ୍ୟାଜଳ ସୋମବାର କମିଯାଇଛି। ମାତ୍ର କଣ୍ଟିଘାଇ ଦ୍ୱାରା ବନ୍ୟାଜଳ ପ୍ଲାବିତ ଚାଷଜମିରେ ପାଣି ଜମିରହିଛି। ଚଳିତ ଖରିଫ ଧାନଚାଷ ପାଇଁ ପ୍ରସ୍ତୁତ ହୋଇଥିବା ଧାନ ତଳି ବନ୍ୟା ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ରୁଆ ପୋତା ଲାଗି ପ୍ରସ୍ତୁତ ଧାନ ତଳି ପଚିବା ଆରମ୍ଭ କରିଛି। ପୁଣିଥରେ ତଳି ପକାଇବା ସମୟ ସାପେକ୍ଷ ଓ ଚାଷକାର୍ଯ୍ୟ ବିଳମ୍ୱ ହେବା ଆଶଙ୍କା ପ୍ରକାଶ ପାଇଛି। ନଦୀର କଣ୍ଟିଘାଇ ଦେଇ ବନ୍ୟାଜଳ ୬ଫୁଟ୍ ଉଚ୍ଚତାରେ ଗାଁ ଆଡ଼କୁ ପ୍ରବେଶ କରିଥିଲା। ଫଳରେ ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର, ମାଳଦା, ରହଣିଆ, ନପଙ୍ଗ, କୁରିଗାଁ ଆଦି ପଞ୍ଚାୟତରେ ଧାନତଳି ନଷ୍ଟ ହୋଇଛି। ଚତୁର୍ଭୁଜପୁର, ବିରୋଳି, ମୁଢ଼ାପଦା, ମଣିନାଥପୁର, ଷୋଳମପୁର, ବିନ୍ଧାଣ, ବରାହନୂଆପଡ଼ା ଆଦି ଗ୍ରାମର ବ୍ୟାପକ ପନିପରିବା ଚାଷ ଉଜୁଡ଼ି ଯାଇଛି। କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଅନୁଧ୍ୟାନ କରାଯାଇ ସହାୟତା ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି। ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବ୍ଲକ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡା କହିଛନ୍ତି।

## ବୁଡ଼ିରହିଛି ଶତାଧିକ ହେକ୍ଟର ଚାଷଜମି

ଧୂଷୁରୀ,୨୮।୭ (ଦୀପ୍ତିରଞ୍ଜନ ନାୟକ)

ବୈତରଣୀରେ ବନ୍ୟାଜଳ ହ୍ରାସ ପାଇଛି। ସୋମବାର ଅପରାହ୍ନ ସୁଦ୍ଧା ରାସ୍ତାଘାଟ ଓ ଗାଁଗଣ୍ଡାରୁ ମଧ୍ୟ ପାଣି ଛାଡ଼ିଯାଇଛି। କିନ୍ତୁ ଧାମନଗର ଓ ଚାନ୍ଦବାଲି ବ୍ଲକର ଶତାଧିକ ହେକ୍ଟର ଚାଷଜମି ପାଣିରେ ବୁଡ଼ିରହିଛି। ଦୁଇ ବ୍ଲକର ବନ୍ୟା ପ୍ରଭାବିତ ଗାଁଗୁଡ଼ିକରେ ଚାଷଜମି ବନ୍ୟାଜଳରେ ବୁଡ଼ି ରହିଥିବାରୁ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଧାମନଗର ବ୍ଲକର ପଧାନି, ହସନାବାଦ, ଅର୍ଜୁନପୁର, ସୋହଡ଼ା ଆଦି ପଞ୍ଚାୟତର ବନ୍ୟା ପ୍ରଭାବିତ ଗାଁ ଲୋକଙ୍କୁ ସରକାରଙ୍କ ପକ୍ଷରୁ ଫ୍ରି କିଚେନ ଯୋଗାଇ ଦିଆଯିବା ସହ ପାଲ ମଧ୍ୟ ଯୋଗାଇ ଦିଆଯାଇଛି। ୪ ପଞ୍ଚାୟତର ସମସ୍ତ ସ୍କୁଲ ସୋମବାର ଓ ମଙ୍ଗଳବାର ୨ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ସୋମବାର ଧାମନଗର ନିର୍ବାଚନମଣ୍ଡଳୀର ବିଜେଡି ନେତାମାନେ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ବନ୍ୟା ପ୍ରଭାବିତ ଲୋକଙ୍କୁ ଭେଟିଛନ୍ତି। ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲିକ, ଡା. ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଅଶୋକ ନାୟକ, ହସନାବାଦ ସରପଞ୍ଚ ଅଜୟ ମଲିକ,

### ବନ୍ୟା ପ୍ରଭାବିତଙ୍କ ପାଖରେ ପହଞ୍ଚିଲେ ବିଜେଡି ନେତା

ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ ସନ୍ତୋଷ ରାୟ, ସାରଦା ପ୍ରସନ୍ନ ସାହୁ, ଉମେଶ ମହାନ୍ତି ପ୍ରମୁଖ ହାସନାବାଦ, ଅସ୍ତକ, ସଇଲୋ, ବାଲିପାଟଣା, ମମଦୁଲା ଆଦି ଗାଁ ବୁଲି ଦେଖିଥିଲେ। ଗୌରାଙ୍ଗପୁର ଓ ମଲ୍ଲୀମାହାରା ଏସ୍କେପକୁ ଉଚ୍ଚ କରାଯିବାରୁ ଏସବୁ ପଞ୍ଚାୟତରେ ଏଭଳି ଅସୁବିଧା ଭୋଗିବାକୁ ପଡ଼ିଲା ବୋଲି ସେମାନେ ଆରୋପ ଆଣିଛନ୍ତି। ଏସବୁ ପଞ୍ଚାୟତରେ ନଦୀବନ୍ଧ ସୁଦୃଢ଼ୀକରଣ କରାଯିବାକୁ ସେମାନେ ଦାବି କରିଛନ୍ତି।

ଚାନ୍ଦବାଲି ବ୍ଲକ ଓଳଗ ପଞ୍ଚାୟତର ବୋଡ଼କଠାରେ ୨୦ ନଂ. ଜାତୀୟ ରାଜପଥରେ ବନ୍ୟାଜଳ ସକାଳଠାରୁ ଆଉ ପ୍ରବାହିତ ହେଉନାହିଁ। ବନ୍ୟା ପାଇଁ କେବଳ ମଠଡିହ କ୍ଲଷ୍ଟର ଅଧୀନ ବୋଡ଼କ ଉ.ପ୍ରା. ବିଦ୍ୟାଳୟ ସୋମବାର ଛୁଟି ରହିଥିଲା। ଅନ୍ୟ କୌଣସି ସ୍କୁଲ ଛୁଟି ଘୋଷଣା କରାଯାଇ ନାହିଁ ବୋଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର କହିଛନ୍ତି।


ଧାମନଗର ବ୍ଲକର ହସନାବାଦ ଗାଁରେ ବନ୍ୟାଜଳରେ ଚାଷଜମି ବୁଡ଼ିରହିଛି।

## ପୋଲ ଭାସିଗଲା, ବାଉଁଶ ଚାର ବାନ୍ଧି ଯାତାୟାତ


ଷୋଳମପୁର ପଞ୍ଚାୟତର ତିଖିଲିଆଠାରେ ପୋଲ ଭାସିଯାଇଥିବାରୁ ବାଉଁଶ ଚାର ବାନ୍ଧି ଲୋକେ ଯାତାୟାତ କରୁଛନ୍ତି।

ଭଣ୍ଡାରିପୋଖରୀ,୨୮।୭(ରାଜେନ୍ଦ୍ର ଶତପଥୀ)

ବନ୍ୟା ଯୋଗୁ ଗତ ଶନିବାର ରାତିରେ ବୈତରଣୀ ଶାଖା ନଦୀ ଗେଙ୍ଗୁଟି ପୋଲ ଭାସି ଯାଇଥିଲା। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତର ତିଖିଲିଆଠାରେ ସେତୁ ଭାସି ଯାଇଥିବା ବେଳେ ଏହାର ଅର୍ଦ୍ଧେକ ଅଂଶକୁ ବାଉଁଶ ଚାର ବାନ୍ଧି ଗାଁ ଲୋକେ ସୋମବାର ଯାତାୟାତ କରିଛନ୍ତି। ଗ୍ରାମରୁ ବାହାରକୁ ଯିବା ପାଇଁ ଏହି ସେତୁ ଏକମାତ୍ର ସଂଯୋଗ ରାସ୍ତା ଥିଲା। ସୋମବାର ଆପ୍ରୋଚ୍ ରୋଡ୍‌ରୁ ପୋଲ ସମ୍ପୂର୍ଣ୍ଣ ଛାଡ଼ିଯାଇଥିବାରୁ ତିଖିଲିଆ ଗ୍ରାମବାସୀ ବାଉଁଶ ଓ ବଲ୍ଲା ପୋତି ଚାର ବାନ୍ଧିଥିଲେ। ଏହା ଉପରେ ପଟା ବିଛାଇ ଯାତାୟାତ କରିଥିଲେ। ପିଲାମାନେ ସ୍କୁଲ ଯିବା ସହ ଗ୍ରାମବାସୀ ବିଭିନ୍ନ କାର୍ଯ୍ୟରେ ବଜାର ଘାଟକୁ ଯାଇଥିଲେ। ରବିବାର ନେତାମାନେ ଏଠାକୁ ପରିଦର୍ଶନରେ ଆସି ବହୁ ଲମ୍ୱା ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅସ୍ଥାୟୀ ମରାମତି ପାଇଁ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଯିବାଆସିବା ପାଇଁ ବାଉଁଶ ଚାରା ବାନ୍ଧିବାକୁ ପଡ଼ିଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ସନ୍ତୋଷୀ ମା' ମନ୍ଦିରରୁ ଚୋରି

ଧାମନଗର,୨୮।୭(ଦେବେନ୍ଦ୍ର ଆଦିଆ)

ଧାମନଗର ଥାନା ଅଧୀନ ଦଳାଙ୍ଗ ଗ୍ରାମରେ ଥିବା ସନ୍ତୋଷୀ ମା'ଙ୍କ ମନ୍ଦିରରୁ ରବିବାର ବିଳମ୍ୱିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଗ୍ରିଲ୍ ଭାଙ୍ଗି ମା'ଙ୍କ ସୁନା ଅଳଙ୍କାର ଓ ବାସନକୁଶନ ଚୋରି କରିନେଇଛନ୍ତି। ସୋମବାର ମନ୍ଦିର ପୂଜକ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୂଜକ ସକାଳେ ପୂଜା କରିବା ପାଇଁ ମନ୍ଦିରରେ ପହଞ୍ଚି ଚୋରି ହୋଇଥିବା ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଯୋଗାସନ ସ୍ପୋର୍ଟସ ପ୍ରତିଯୋଗିତା


ଅତିଥିଙ୍କ ସହ ପ୍ରତିଯୋଗୀମାନେ।

ଭଦ୍ରକ, ୨୮।୭(ସନାତନ ରାଉତ/ ରବିନାରାୟଣ ଖିଲାର)

ଯୋଗାସନ ସହ ଯୋଗ କ୍ରୀଡ଼ାକୁ ଯୋଡ଼ି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ କ୍ରୀଡ଼ାବିତ୍ ତିଆରି କରିବା ପ୍ରୟାସରେ ଭଦ୍ରକ ଜିଲା ଯୋଗାସନ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ରବିବାର ଜିଲା ଓକିଲ ସଂଘ ହଲ୍‌ରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୋଗାଚାର୍ଯ୍ୟ ବସନ୍ତ ଖିଲାରଙ୍କ ନେତୃତ୍ୱ ଓ ଯୋଗୀ ବିଦ୍ୟାଧର ସାହୁଙ୍କ ସଂଯୋଜନାରେ ଯୋଗାସନ ସ୍ପୋର୍ଟସ ପ୍ରତିଯୋଗିତାରେ ଜିଲାରୁ ଶତାଧିକ ପ୍ରତିଯୋଗୀ ଜୁନିୟର, ସବ୍ ଜୁନିୟର ଓ ସିନିୟର ବିଭାଗରେ ଭାଗ ନେଇଥିଲେ। ଅତିଥି ଭାବେ ସାମାଜିକ କର୍ମୀ ଚୈତାଳୀ ଖିଲାର, ମମତାମୟୀ ବେହେରା ଏବଂ ଓକିଲ ସଂଘର ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବେ ପବିତ୍ର ମହାନ୍ତି, ସୌମ୍ୟ ରଞ୍ଜନ ମଲିକ, ରିନୁଲତା ଭାରତୀ, ଦିପାଳୀ ବେହେରା ଓ ବସନ୍ତ ଖିଲାର ଦାୟିତ୍ୱ ତୁଲାଇଥିଲେ। କବିତା ସେଠୀ, ଲିପାରାଣୀ ପଣ୍ଡା, ଜ୍ୟୋତ୍ସ୍ନାରାଣୀ ଓଝା, ସଙ୍ଗୀତା ସାହୁ, କଳ୍ପନା ମହାପାତ୍ର, ସ୍ମରଣିକା ବେହେରା, ପ୍ରମୋଦ ସାହୁ, ମମତା ଦାସ, ମଧୁସ୍ମିତା ବେହେରା ପ୍ରମୁଖ ଯୋଗ ଗୁରୁ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ମେଧାବୀ ସମ୍ମାନ ସମାରୋହ

ବାସୁଦେବପୁର,୨୮।୭
(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରାଞ୍ଚଳ ଅଧୀନ ନୀଳମଣି ଟାଉନ ହଲ୍‌ଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ସ୍ମୃତି କମିଟି ପକ୍ଷରୁ ମେଧାବୀ ସମ୍ମାନ ସମାରୋହ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ସୋର ବିଧାୟକ ମାଧବ ଧଡ଼ା, ପୌରାଧ୍ୟକ୍ଷା ନିବେଦିତା ବେହେରା, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପଣ୍ଡା, ବାଲେଶ୍ୱର ସଦର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ତିହିଡ଼ି ବ୍ଲକର ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଜୟଶ୍ରୀ ବାସୁଦେବପୁର ବିକାଶର ବିନ୍ଧାଣୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବାସୁଦେବପୁର ବିଧାନସଭା କ୍ଷେତ୍ରରେ ପ୍ରତିଭାର ବିକାଶ ପାଇଁ ମାଟ୍ରିକ୍‌ରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ୨୦ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାମାଜିକ କର୍ମୀ ଅକ୍ଷୟ କୁମାର ମହାନ୍ତି, ରତିକାନ୍ତ ପ୍ରଧାନ ଓ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା। ରତିକାନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ସମ୍ପର୍କୀୟ ସମ୍ମାନ ଗ୍ରହଣ କରିଥିଲେ। ଦେବଦର୍ଶନ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ସ୍ମୃତି କମିଟିର ପୀତାମ୍ବର ମିଶ୍ର, ଶିକ୍ଷାବିତ୍ ଦୁଃଶାସନ ରାଉତ, ସୁଧାଂଶୁ ମିଶ୍ର, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା, ପ୍ରଫୁଲ୍ଲ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ, ସାମାଜିକ କର୍ମୀ ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ସମାରୋହରେ ଜଣେ ମେଧାବୀଙ୍କୁ ସମ୍ମାନିତ କରାଯାଉଛି।

## ଆନ୍ଦୋଳନ ପାଇଁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଆହ୍ୱାନ



ସମିତିର ବ୍ଲକ ସମ୍ମିଳନୀରେ ଯୋଗଦେଇଥିବା ମହିଳାମାନେ।

ତିହିଡ଼ି,୨୮।୭(ସଞ୍ଜିତ ବଳ)

ତିହିଡ଼ି ବଜାରଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ପତାକା ଉତ୍ତୋଳନ କରିଥିଲେ। ଶତାଧିକ ମହିଳା ଏଥିରେ ଯୋଗଦେଇ ସମାନତା, ଗଣତନ୍ତ୍ର, ନାରୀମୁକ୍ତିର ନାରା ଦେବା ସହ ଇସ୍ରାଏଲ ଆକ୍ରମଣରେ ପାଲେଷ୍ଟାଇନରେ ନିରୀହ ଶିଶୁ, ମହିଳାଙ୍କ ମୃତ୍ୟୁ, ପହଲଗାମରେ ପର୍ଯ୍ୟଟକଙ୍କୁ ହତ୍ୟା ଓ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁରେ ଶ୍ରଦ୍ଧାଞ୍ଜଳି ଜଣାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ପ୍ରଭାତୀ ଦାଶଙ୍କ ସଭାପତିତ୍ୱରେ ୧୫ଜଣ ମହିଳା ନେତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସଭାନେତ୍ରୀ ପ୍ରଭାତୀ ଜେନା ଉଦ୍‌ଘାଟନୀ ଭାଷଣ ଦେଇଥିଲେ। ସିଆଇଟିୟୁର ବ୍ଲକ ସଭାପତି ଆଇନଜୀବୀ ବିଷ୍ଣୁ ଦାଶ, ଚାନ୍ଦବାଲି ବ୍ଲକର ସଭାପତି ମଳୟ କୁମାର ଭୋଇ, ବରିଷ୍ଠ କୃଷକ ନେତା ନାରାୟଣ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ପାଚିକାମାନଙ୍କୁ ସ୍ଥାୟୀ ନିଯୁକ୍ତି, ମାସିକ ୨୬ ହଜାର ଟଙ୍କା ଦରମା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ପ୍ରତ୍ୟେକ ଦିନ ମହିଳାମାନଙ୍କ ଉପରେ ହେଉଥିବା ଆକ୍ରମଣ ଓ ବଳାତ୍କାର ଘଟଣାକୁ ବକ୍ତାମାନେ ଦୃଢ଼ ଭାବେ ବିରୋଧ କରିଥିଲେ। ଆଗାମୀ ଦିନରେ ଏହା ବିରୋଧରେ ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଛି। ସମ୍ମିଳନୀରେ ୨୭ଜଣିଆ ବ୍ଲକ କମିଟି ଗଠନ କରାଯାଇଥିଲା। ବ୍ଲକ ସଭାପତି ଭାବେ ପ୍ରଭାତୀ ଦାଶ, ସମ୍ପାଦିକା ମଞ୍ଜୁଶ୍ରୀ କୁଣ୍ଡ, ଉପସଭାପତି ଶ୍ରଦ୍ଧାଞ୍ଜଳି ନାୟକ, ଅନ୍ନପୂର୍ଣ୍ଣା ଦାସ, ସେବତୀ ରାଉଳ, ସହସମ୍ପାଦିକା ଭାବେ କନକଲତା ମହାଳିକ, ଭାରତୀ ପଣ୍ଡା, ମମତାରାଣୀ ଜେନା ଓ ସରୋଜିନୀ ସେଠୀ ନିର୍ବାଚିତ ହୋଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ବାସୁଦେବପୁର,୨୮।୭(କାଳିପଦ ରାୟ/ ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ବ୍ଲକ ଅଧୀନ ଆନ୍ଦୋଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ରତ୍ନାକର ବାରିକ(୬୨)ଙ୍କ ରବିବାର ବିଳମ୍ୱିତ ରାତିରେ ପରଲୋକ ହୋଇଯାଇଛି। ସେ ଯକୃତଜନିତ ରୋଗରେ ପୀଡ଼ିତ ଥିଲେ। ୧୯୯୭ରେ ସେ ପଞ୍ଚାୟତରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ଜଣେ ସୁସଙ୍ଗଠକ, ସାମାଜିକ କର୍ମୀ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ।

## ଆଖଣ୍ଡଳମଣି ପୀଠରେ କାଉଡ଼ିଆଙ୍କ ଜଳଲାଗି

ଧୂଷୁରୀ, ୨୮।୭(ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ସୋମବାର ପ୍ରାୟ ୬୦ ହଜାର କାଉଡ଼ିଆ ଜଳଲାଗି କରିଛନ୍ତି। ରବିବାର ରାତି ୮ଟାରୁ ସେମାନେ ମନ୍ଦିର ବେଢ଼ାରେ ଥିବା ଶ୍ରାବଣୀ ମହାଦେବଙ୍କ ମସ୍ତକରେ ଜଳଲାଗି କରିଥିଲେ। ଭିଡ଼ ହୋଇଥିବା ବେଳେ ପୀଠର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଭକ୍ତମାନେ ପାଣି ଢାଳି ଫେରିଥିଲେ। ରବିବାର ଆରଡ଼ି-ଯାଜପୁର ରାସ୍ତାର ବୋଡ଼କ ନିକଟରେ ବନ୍ୟାଜଳ ପ୍ରବାହିତ ଯୋଗୁ ପ୍ରଶାସନ ପକ୍ଷରୁ କାଉଡ଼ିଆମାନଙ୍କ ଗାଡ଼ି ଅଟକାଇବା ସହ ସେମାନଙ୍କୁ ପୀଠକୁ ଛାଡ଼ି ନ ଥିଲେ। ଫଳରେ ବହୁ କାଉଡ଼ିଆ କର୍ଣ୍ଣଗୋଲା ବଜାରରେ ଅଟକି ରହିଥିଲେ। ସୋମବାର ସକାଳୁ ପାଣି କମିବାରୁ ପ୍ରଶାସନ କଟକଣା ହଟାଇଥିଲା। ପ୍ରତୀକ୍ଷାରତ କାଉଡ଼ିଆମାନେ ପୀଠକୁ ଯାଇ ଜଳଲାଗି କରିଥିଲେ। ଭୋର ୪ଟା ୩୦ରେ ବାବା ଆଖଣ୍ଡଳମଣିଙ୍କ ମଙ୍ଗଳ ଆଳତି ପରେ କାଉଡ଼ିଆମାନେ ଜଣକ ପରେ ଜଣେ ପ୍ରଭୁଙ୍କୁ ଦର୍ଶନ କରିଥିଲେ। କାଉଡ଼ିଆଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ପୀଠରେ ଜଳଲାଗି କାର୍ଯ୍ୟ ଚାଲୁ ରହିଥିଲା।


ଅଭିନବ ଢଙ୍ଗରେ ଜଳଭାର ନେଉଛନ୍ତି କାଉଡ଼ିଆ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା, ଜିଲାପାଳଙ୍କୁ ଜଣାଇଲେ ଲୋକେ

### ଜନଶୁଣାଣି ଶିବିରରେ ୨୦୯ ଅଭିଯୋଗ

■ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଦାବି

ଚାନ୍ଦବାଲି,୨୮।୭(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ସଭାଗୃହରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଯୋଗଦେଇ ମୋଟ ୨୦୯ଟି ଅଭିଯୋଗ ଶୁଣାଣି କରିଥିଲେ। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖା ଦେଇଥିବା ଡାକ୍ତର ଅଭାବ ନେଇ ଚାନ୍ଦବାଲିର ବୁଦ୍ଧିଜୀବୀମାନେ ଶିବିରରେ ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା, ରୋଗୀ ହନ୍ତସନ୍ତ ଓ ଉପଖଣ୍ଡ ମେଡିକାଲ ଚାର୍ଜରେ ଥିବା ଭାରପ୍ରାପ୍ତ ଅଧୀକ୍ଷକ ତଥା ଶିଶୁ ରୋଗ ବିଶେଷଜ୍ଞ ଓ ଅନ୍ୟ ବିଶେଷଜ୍ଞ ଡାକ୍ତର ହେଡ୍‌କ୍ୱାର୍ଟରରେ ନ ରହିବା, ଜରୁରୀକାଳୀନ ସେବାରେ କାର୍ଯ୍ୟ ନ କରିବା, ଆଉଟଡୋର ଠିକ୍ ସମୟରେ ନ ଖୋଲିବା ଏବଂ ଆୟୁଷ ଡାକ୍ତରଙ୍କ ଉପରେ ଜରୁରୀକାଳୀନ ଚିକିତ୍ସା ଛାଡ଼ି ଦେବା ଆଦି ବିଷୟରେ ଲୋକେ ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ ଏ ବାବଦରେ ଶିବିରରେ ଉପସ୍ଥିତ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଭୂଇଁମୂର୍ତ୍ତି ଓ ତେନ୍ତୁଳିଡିଆ ଅଞ୍ଚଳରେ ଦିନକୁ ଦିନ ବେଆଇନ ଚିଙ୍ଗୁଡ଼ି ଘେରି ଗଢ଼ି ଉଠୁଛି। ଏହାର ପ୍ରଭାବରେ ଆଖପାଖ ଚାଷଜମିରେ ଧାନ ଚାଷ ବାଧାପ୍ରାପ୍ତ ହେଉଛି। ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଉକ୍ତ ଅଞ୍ଚଳର ବିଶ୍ୱଜିତ ବିଶ୍ୱାଳ, ବିଶ୍ୱନାଥ ସୂତାର, ସାର୍ଥକ ନାୟକ, ମଳୟ କୁମାର ନାୟକ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶିବିରରେ ୫ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ଏବଂ ୮ ଜଣଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ବିଡିଓ ସଞ୍ଜୀବ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଶିବିରରେ ଯୋଗ ଦେଇଥିଲେ।


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

## କୁଇଜ୍ ପ୍ରତିଯୋଗିତା

ଭଦ୍ରକ,୨୮।୭(ସନାତନ ରାଉତ)

ଭଦ୍ରକ ବ୍ଲକର କଣ୍ଟାବଣିଆ ଗ୍ରାମସ୍ଥିତ ମଦ୍ରାସା ଫୈଜାନେ ଗରିବ ନୱାଜ ଆନୁକୂଲ୍ୟରେ ଶନିବାର କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଦ୍ରାସା ସଭାପତି ଶେଖ୍ ଗୋଲାମ ମହମ୍ମଦଙ୍କ ସଭାପତିତ୍ୱରେ ଶେଖ୍ ଅବଦୁଲ ବାରୀଙ୍କ କୋରାନ ପାଠ ଓ ଶାହାଜନ ଖାନଙ୍କ ନାତସରିଫ ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସରକାରୀ ଓ ବେସରକାରୀ ଇଂଲିଶ, ଓଡ଼ିଆ ମିଡିୟମ୍‌ର ୨୫୬ଜଣ ମୁସଲମାନ ଛାତ୍ରୀଛାତ୍ର ମଦ୍ରାସାରେ କୋରାନ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୫ ବର୍ଷରୁ ୧୫ ବର୍ଷ ପର୍ଯ୍ୟନ୍ତ ୬ଟି ଗ୍ରୁପ୍‌ରେ ଭାଗ ହୋଇ ୬୧ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୧୮ ଛାତ୍ରୀଛାତ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଭାବେ ହାଜି ଶେଖ୍ ଅହେସାନ, ଅନ୍ୟତମ ଅତିଥି ଭାବେ ଶିକ୍ଷକ କାରୀ ୱଲିଉର ରେହେମାନ ଓ କାରୀ ଇଜାଜ ଅହେମଦ ଯୋଗ ଦେଇଥିଲେ। ଅବଦୁଲ ବାରୀ ଓ ଅବଦୁର ରହିମ ସଞ୍ଚାଳନ କରିଥିଲେ। ମଦ୍ରାସା ଫୈଜାନେ ଗରିବ ନୱାଜର ସଭ୍ୟ ଇସ୍‌ତାକ ଖାନ, ସେକ ସାହିଦ ରଫିକ, ସେକ ଇଜାଜ ବେଗ, ସେକ ମୋଇନୁଦ୍ଦିନ, ସେକ ଆସିକ ରଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।



ବନ୍ୟା ଘେରରେ ଭୋଗରାଇ ବ୍ଲକର କୁହ୍ଲା ଗାଁ।



ରସଲପୁର ଉଚ୍ଚ ବିଦ୍ୟାଳୟ ପାଣିଘେରରେ ରହିଥିବାରୁ ପାଠପଢ଼ା ଠପ୍।

# ବନ୍ୟା କମୁଛି, ପାଣି ଛାଡୁନି

## ମୁକାବିଲା ଲାଗି ଡେରା ପକାଇଛି ପ୍ରଶାସନ

## ଶତାଧିକ ସ୍ଲୁଇସ୍ ଗେଟ୍ ଦୁର୍ବଳ

**ଭୋଗରାଇ, ୨୮।୭(ପ୍ରଦୀପ ଦାସ)**

ଘନ ଘନ ଲଘୁଚାପ ସହିତ ସୁବର୍ଣ୍ଣରେଖାରେ ୨ ମାସ ଅନ୍ତରରେ ୫ମ ଥର ବନ୍ୟା ଉତ୍ତର ବାଲେଶ୍ୱର ଶତାଧିକ ବନ୍ୟା ପ୍ରପିଡ଼ିତ ଗାଁ ଜନଜୀବନକୁ ଦୁର୍ବିଷହ କରିଥିବାବେଳେ ପୁଣି ଏକ ଲଘୁଚାପ ପରିଣତ ହେବାର ଆଞ୍ଚଳିକ ପାଣିପାଗ ବୈଜ୍ଞାନିକମାନେ ସୂଚନା ଦେଉଥିବାରୁ ସୁବର୍ଣ୍ଣରେଖା ଉତ୍ତରବାଲେଶ୍ୱର ଦୁଃଖ ପାଲଟିଛି। ସୁବର୍ଣ୍ଣରେଖା ଉପରମୁଣ୍ଡ ଝାଡ଼ଖଣ୍ଡ ମାଳାଞ୍ଚଳରେ ଲଗାଣ ବର୍ଷା ଓ ଗାଲୁ ଜଳାଧାରରୁ ୧୩ଟି ଗେଟରୁ ଉଦବୃତ୍ତ ବର୍ଷାଜଳ ସୁବର୍ଣ୍ଣରେଖାକୁ ନିଷ୍କାସନ ହେଉଥିବାରୁ ସୁବର୍ଣ୍ଣରେଖାରେ ବାରମ୍ବାର ବନ୍ୟା ହୋଇ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ଶତାଧିକ ଗାଁ ବନ୍ୟା ଆଁ ଭିତରେ ରହି ଦାଉସାଜିଛି। ରବିବାର ସୁବର୍ଣ୍ଣରେଖା ରାଜଘାଟ ଗେଜ୍‌ଠାରେ ବନ୍ୟା ଜଳ ବୃଦ୍ଧିପାଇ ବିପଦସଂକେତ ୧୦. ୩୬ ମିଟର ଉର୍ଦ୍ଧ୍ୱରେ ପ୍ରବାହିତ ହୋଇ ରାତି ୧୧ଟା ପର୍ଯ୍ୟନ୍ତ ୧୧. ୨୫ ମିଟର ସ୍ଥିର ରହିବା ପରେ ୧୨ଟା ପରେ ବନ୍ୟା ଜଳ ଧୀରେ ଧୀରେ ହ୍ରାସପାଇ ଖବର ଲେଖାକୁ ସନ୍ଧ୍ୟା ସୁଦ୍ଧା ସତର୍କ ସୂଚନା ୯.୪୫ ମିଟର ତଳେ ପ୍ରବାହିତ ହେଉଛି।

ଝାଡ଼ଖଣ୍ଡରେ ଥିବା ଗାଲୁ ଜଳାଧାର ସମସ୍ତ ଗେଟ ବନ୍ଦ ଯୋଗୁ ରାଜଘାଟରେ ଜଳସ୍ତର ହ୍ରାସ ପାଉଛି। ଭୋଗରାଇ ବ୍ଲକ ନଦୀକୂଳିଆ ଓ ଖାଲୁଆ ଗାଁ ମନ୍ମଥନଗର, ଖଳାବାଡ଼ିଆ, କୁହ୍ଲା ବାଉଁଶ ଖଣ୍ଡା, କୁମ୍ଭୀରଗ ଗବଗାଁ, ନାନକାର, ଠାକୁରଉଡ଼ାଁରୀ, ପଟେଇ, ଚିରୁଳା, ନୀଳପୁରା, କୁସୁଡ଼ା, ଗୁଜଡ଼ିହା, ନାଛିଦା, ବାରବାଟିଆ, ବଧିଆ, ପୁରୁଷୋତ୍ତମପୁର, ରାମଦେଇଚକ, ପୁଟିଣା, ଦକ୍ଷିଣ ନାଡ଼ବଣୀ, ଚକ ପାରୁଳିଆ, କଟସାହି, ଦାରୁହା, ରାମଚନ୍ଦ୍ରପୁର, ମଧୁପୁର, କୁଳିଦା, ମାହାଦିଆ, ଉପୁଳା ଆଦି ଗାଁଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡଙ୍ଗାର ସାହାରା ନେବାକୁ ପଡୁଛି। ସୁବର୍ଣ୍ଣରେଖାର ଉଭୟପାର୍ଶ୍ୱରେ ଥିବା ଶତାଧିକ ପାଣି ନିଷ୍କାସନ ସ୍ଲୁଇସ ଗେଟ ଦୁର୍ବଳ ରହିଥିବା ସେଚ ବିଭାଗ ପକ୍ଷରୁ ସୂଚନା ମିଳିଛି। ବନ୍ୟା ମୁକାବିଲା ପାଇଁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସଆରସି ମନୀଷ ଅଗ୍ରୱାଲ, ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ସୁଧାକର ନାୟକ, ହେମନ୍ତ ସିଂଙ୍କ ସହ ୪ ବ୍ଲକର ବିଡ଼ିଓ, ତହସିଲଦାର ଓ ସେଚବିଭାଗର ଅଧିକାରୀମାନେ ରାତିଦିନ ବନ୍ୟା ପ୍ରପିଡ଼ିତ ଅଞ୍ଚଳରେ ଡେରା ପକାଇ ଶୂନ୍ୟ ମୃତ୍ୟୁ ଉପରେ ଗୁରୁତ୍ୱ ଦେଇଛନ୍ତି। ବିପନ୍ନଙ୍କ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ, ବିଶୁଦ୍ଧ ପାନୀୟ ଜଳ, ଗୋଖାଦ୍ୟ ଯୋଗାଇ ଦେବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିପନ୍ନମାନଙ୍କୁ ଉଦ୍ଧାର ପାଇଁ ସ୍ପିଡ ବୋଟ ଯୋଗାଇ ଦିଆଯାଇଛି। ବନ୍ୟା ଘେରରେ ଥିବା ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଯୋଗାଣ ଅଧିକାରୀ ଓ କର୍ମଚାରୀମାନେ କର୍ତ୍ତବ୍ୟର ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସତର୍କ କରାଇଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା ବନ୍ୟାଘେରରେ ଥିବା ବିପନ୍ନଙ୍କ ଅବସ୍ଥା ପଚାରି ବୁଝି ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇଦେବାକୁ ରାଜ୍ୟ ସରକାର ଓ ପ୍ରଶାସନଠାର ଦାବି ରଖିଛନ୍ତି। ଅଦ୍ୟାବଧି ୫୦ହଜାର ୫ଶହ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ବୋତଲ ସହ ୪ଟି ଭ୍ରାମ୍ୟମାଣ ଜଳ ଟାଙ୍କି ବନ୍ୟାଞ୍ଚଳରେ ବଣ୍ଟନ ହେଉଥିବା ସହକାରୀ ଯନ୍ତ୍ରୀ ହରପ୍ରିୟା ମହାନ୍ତ ସୂଚନା ଦେଇଛନ୍ତି।

# ୮ ପଞ୍ଚାୟତର ୩୫ ଗାଁ ଜଳବନ୍ଦୀ



ପାଣି ଘେରରେ ବିଷ୍ଣୁପୁର ଶିବ ମନ୍ଦିର।

**କାଳିପଦା, ୨୮।୭(ରାଜଶ୍ରୀ ପାଣିଗ୍ରାହୀ)**

ସୁବର୍ଣ୍ଣରେଖା ନଦୀର ବନ୍ୟା ପାଣିରେ ଉତ୍ତର ବାଲେଶ୍ୱର ଉବୁଟୁବୁ ହେଉଥିବା ବେଳେ ନଦୀ କୂଳିଆଙ୍କ ଉପରେ ଦାଉ ସାଧିଛି।

ଦେଢ଼ ମାସ ମଧ୍ୟରେ ସୁବର୍ଣ୍ଣରେଖାରେ ଏହା ପଞ୍ଚମ ଥର ବନ୍ୟାରେ ୮ପଞ୍ଚାୟତର ୩୫ରୁ ଉର୍ଦ୍ଧ୍ୱ ଗାଁ ଜଳବନ୍ଦୀ ହୋଇ ରହିଛି। ଶତାଧିକ ହେକ୍ଟର ଚାଷ ଜମିରେ ଲହଡ଼ି ମାରୁଛି ବନ୍ୟାଜଳ। ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ୪ ଫୁଟ୍ ଉଚ୍ଚର ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ତଳିଆ ଅଞ୍ଚଳର ଲୋକଙ୍କୁ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ପକ୍ଷରୁ ଜାମକୁଣ୍ଡା, ବିଷ୍ଣୁପୁର, ମଧୁପୁରା ପଞ୍ଚାୟତର ୪୨୩୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାଶ କହିଛନ୍ତି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବନ୍ୟା ମୁକାବିଲା ପାଇଁ ତଳିଆ ଅଞ୍ଚଳ ପରିଦର୍ଶନ କରିଥିଲେ। ଅତିରିକ୍ତ ଏସଆରସି ମନୀଷ ଅଗ୍ରୱାଲ, ଏଡିଏମ୍ ହେମନ୍ତ ସିଂ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ବିଧାୟକ



ବିଧାୟକ ମାନସ ଦତ୍ତ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

**ବାଲେଶ୍ୱର, ୨୮।୭(ବାଞ୍ଛାନିଧି ଦେ)**

ଜଳକା ନଦୀରେ ବନ୍ୟା ଯୋଗୁ ବାଲେଶ୍ୱର ଜିଲାର ବସ୍ତା ଓ ସଦର ବ୍ଲକ ପ୍ରଭାବିତ ହୋଇଛି। ବିଧାୟକ ମାନସ କୁମାର ଦତ୍ତ ସୋମବାର ସଦର ନିର୍ବାଚନମଣ୍ଡଳୀ ଶ୍ରୀରାମପୁର ପଞ୍ଚାୟତର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ପଞ୍ଚାୟତ ଅନ୍ତର୍ଗତ ବହୁ ଗାଁ ପାଣି ଘେରରେ ରହିଛି। ବିଧାୟକ ଦତ୍ତ ଗାଁରେ ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ଏପରିକି ପାଣି ଭିତରେ ପଶି ଘରକୁ ଘର ଯାଇ ସେ ଲୋକଙ୍କ ସହ ଆଲୋଚନା କରିଛନ୍ତି। ବନ୍ୟା ଛାଡ଼ିବା ପରେ ଚାଷ କ୍ଷୟକ୍ଷତି ଆକଳନ ହେବ। ସମସ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ବିଧାୟକ କହିଛନ୍ତି। ବିଧାୟକଙ୍କ ସହ ବିଡ଼ିଓ ଉତ୍ତମ ଜେନା, ତହସିଲଦାର ଦେବୀପ୍ରସନ୍ନ ସାରସ୍ୱତଙ୍କ ସମେତ କାର୍ତ୍ତିକ ପ୍ରଧାନ, ହରେନ୍ଦ୍ର ପ୍ରଧାନ, ଉମାକାନ୍ତ ପ୍ରଧାନ, ଚକ୍ରଧର ସେଠୀ, ସବ୍ୟସାଚୀ ପାଣି, ରଞ୍ଜିତ ସେଠୀ, ଦିଲୀପ ପରିଡ଼ା, ତପନ ବେହେରା, ଉମାକାନ୍ତ ଦାସ, ହର ବିଶ୍ୱାଳ, ବିକ୍ରମ ପାକଳ, ସଞ୍ଜୟ ଦାସ, ଅଶୋକ ଦାସ, ଅଶ୍ୱିନୀ ନାୟକ, ରମେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସାର ଅଭାବକୁ ନେଇ ଚିନ୍ତାରେ ଚାଷୀ

**ଖଇରା, ୨୮।୭(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଚାଷ କାମ ଆରମ୍ଭରୁ ରାସାୟନିକ ସାର ସମସ୍ୟା ଚାଷୀଙ୍କୁ ଚିନ୍ତାରେ ପକାଇଲାଣି। ଏପଟେ ଧାନ ବିକ୍ରି ଅନଲାଇନ ପଞ୍ଜୀକରଣ ସମସ୍ୟା ଚାଷୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଥିବା ବେଳେ ତା'



ସାଙ୍ଗକୁ ପୁଣି ସାର ସମସ୍ୟା ପାଇଁ ଚାଷୀ ବିତସ୍ପୃହ ହୋଇପଡୁଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ବହୁବିଧ ସମସ୍ୟାର ସମାଧାନ ପାଇଁ ଧ୍ୟାନ ଦେବାକୁ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦାବି କରାଯାଇଛି।

ଖଇରା ବ୍ଲକରେ ଏବେ ଧାନତଳି ପକାଇବା ଓ ରୋଇବା କାର୍ଯ୍ୟ ଆରମ୍ଭ ହୋଇ ସାରିଥିବା ବେଳେ ସାରର ଆବଶ୍ୟକତା ଦେଖାଦେଇଛି। ପ୍ରାଥମିକ ପର୍ଯ୍ୟାୟର ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୨ଶହ ମେଟ୍ରିକ ଟନ ଡିଏପି, ୧୫୦ ମେଟ୍ରିକ ଟନ ପଟାସ ଓ ୧ଶହ ମେଟ୍ରିକ ଟନ ୟୁରିଆ ଆବଶ୍ୟକ। ହେଲେ କେବଳ ୟୁରିଆକୁ ଛାଡିଦେଲେ ଅନ୍ୟ ୨ କିସମ ସାରର ଘୋର ଅଭାବ ଦେଖାଦେଇଛି। କୁରୁଣ୍ଟା, ମିର୍ଜାପୁର, ଗଗନଧୂଳି ଓ ବର୍ତ୍ତନା ସେବା ସମବାୟ ସମିତି ଓ ତୁଡ଼ିଗଡିଆ ମାର୍କଫେଡ ମାଧ୍ୟମରେ ମାତ୍ର ୬୦ ମେଟ୍ରିକ ଟନ ଡିଏପି ପ୍ରଦାନ କରାଯାଇଛି ଯାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି। ସେହିଭଳି ଚାଷ ପାଇଁ ଅତ୍ୟନ୍ତ ଜରୁରୀ ପଟାସ ସାର ଗୋଟିଏ ଗ୍ରାମ କି ବ୍ଲକରେ ପହଞ୍ଚି ପାରି ନ ଥିବାରୁ ଶହ ଶହ ଚାଷୀ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ଏଥିସହ ବେସରକାରୀ ସ୍ତରରେ ଲାଇସେନ୍ସ ପାଇଥିବା ହୋଲସେଲର ଓ ରିଟେଲର ଆଣିଥିବା ସାର ଧାର୍ଯ୍ୟଦରଠାରୁ ଯଥେଷ୍ଟ ଚଢ଼ାଦରରେ ବିକ୍ରି କରୁଥିବାରୁ ଚାଷ ପ୍ରତି ଚାଷୀଙ୍କର ଆଗ୍ରହ କମି କମି ଯାଉଛି। ତୁରନ୍ତ ସାର ସମସ୍ୟାର ସମାଧାନ ନ ହେଲେ ଚାଷୀମାନେ ବାଧ୍ୟ ହୋଇ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ବିଶ୍ୱନାଥ ଲେଙ୍କା, ସଦାନନ୍ଦ ଧଡ଼ା, ଚକ୍ରଧର ବାରିକ, ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି। ବ୍ଲକ ସହକାରୀ କୃଷି ଅଧିକାରୀ ରମ୍ୟରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରେ ଯେତିକି ସାର ଖଇରା ବ୍ଲକ ବ୍ଲକକୁ ଆସିଥିବ, ସେବା ସମବାୟ ସମିତି ଓ ମାର୍କଫେଡ ଜରିଆରେ ଚାଷୀଙ୍କୁ ଦିଆଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ସାର ଆସିବା ପରେ ଚାଷୀକୁ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ କାଉଡିଆଙ୍କ ଭିଡ଼



ପଞ୍ଚଲିଙ୍ଗେଶ୍ୱରରେ ଜଳଲାଗି କରିବାକୁ କାଉଡ଼ିଆଙ୍କ ଲମ୍ବା ଧାଡ଼ି।

**ନୀଳଗିରି, ୨୮।୭(ପ୍ରଶାନ୍ତ ବିଶ୍ୱାଳ)**

ଶ୍ରାବଣ ମାସର ତୃତୀୟ ସୋମବାର ହଜାର ହଜାର କାଉଡ଼ିଆଙ୍କ ବୋଲ ବମ୍ ହର୍ ହର୍ ବମ୍, ଭୋଲା ବାବା ପାର୍ କରେଗା... ଧ୍ୱନିରେ ପ୍ରକମ୍ପିତ ହେବା ସହ ଉତ୍ସବମୁଖର ହୋଇଉଠିଥିଲା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର। ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆ ବଡ଼ ଉତ୍ସାହର ସହ ବିଭିନ୍ନ ନଦୀ ତଥା ବାଲେଶ୍ୱରସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୂରଭଞ୍ଜ ଜିଲା କପ୍ତିପଦା ସୋନ ନଦୀରୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଜଳ ଆଣି ଚାଲି ଚାଲି ଆସିବା ସହ ୨୬୩ଟି ପାହାଚ ଚଢ଼ି ଲାଇନରେ

## ଶ୍ରାବଣ ତୃତୀୟ ସୋମବାର

ଆସି ରବିବାର ରାତି ୧୨ଟା ପରଠାରୁ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି।

ନୀଳଗିରି ନିକଟ ଦେବଗିରି ପର୍ବତମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥରଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ୫ଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି। ନୂଆ କରି ଆସିଥିବା କେତେଜଣ କାଉଡିଆ ଏଠାକାର ରମଣୀୟ ପ୍ରାକୃତିକ ପରିବେଶ ସହ ଚିରସ୍ରୋତା ଝରଣାର କୁଳୁକୁଳୁ ନାଦ ଓ ନୀର ଶଯ୍ୟାରେ ବିଜେ ମହାଦେବଙ୍କୁ ସ୍ପର୍ଶ କରି ବିଭୋର ହୋଇଥିଲେ। ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରିବାର ସୁଯୋଗ ଥିବାରୁ ବିଶ୍ୱାସ ଅଛି ପାଞ୍ଚଟି ଶୈବପୀଠରେ ପୂଜା କଲେ ଯେଉଁ ପୁଣ୍ୟ ମିଳିଥାଏ ପଞ୍ଚଲିଙ୍ଗେଶ୍ୱରରେ ସମାନ ପୁଣ୍ୟ ମିଳିଥାଏ। ଭକ୍ତଙ୍କ ସମାଗମକୁ ଆଖିଆଗରେ ରଖି ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୋଲିସ ପ୍ରଶାସନ ତରଫରୁ ଭିନ୍ନ ଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା। ଶୃଙ୍ଖଳିତ ଜଳାଭିଷେକ କରିବା ପାଇଁ ପ୍ରଶାସନ ଏବଂ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିବା ସୂଚନା ମିଳିଛି।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବ୍ଲକ ସମ୍ମିଳନୀ

**ଜଳେଶ୍ୱର, ୨୮।୭(ନବୀନ ସାହୁ)**

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୧୪ତମ ବ୍ଲକ ସମ୍ମିଳନୀ ଡ଼େମୁରିଆରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମହିଳାମାନଙ୍କର ସାମାଜିକ ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ସମସ୍ତଙ୍କୁ ଏକକାଳୀନ ସୁଭଦ୍ରା ଟଙ୍କା ଦେବା, ସମସ୍ତ ଭତ୍ତାଧାରୀଙ୍କୁ ୩୫ଶହ ଟଙ୍କା ଭତ୍ତା ଦେବାରେ ସରକାର ଚଞ୍ଚକତା କରିବା ନେଇ ସମାଲୋଚନା କରିବା, ସମସ୍ତଙ୍କ ପାଇଁ ଶିକ୍ଷା, ଶିକ୍ଷା ଶେଷରେ ନିଯୁକ୍ତି, ମହିଳା ହିଂସା ରୋକିବା ପାଇଁ କାର୍ଯ୍ୟକାରୀ ପଦକ୍ଷେପ ନେବା, ସମସ୍ତ ବାହାଘରର ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା। ପ୍ରତି ପଞ୍ଚାୟତରେ ବିବାହ ପଞ୍ଜୀକରଣ ଅଫିସ୍ ଓ ବିବାହ ଖର୍ଚ୍ଚ ଉପରେ ଟିକସ ଲାଗୁ ହେବା ଆଦି ବିଷୟ ନେଇ ନେତ୍ରୀମାନେ ବକ୍ତବ୍ୟ ରଖିଥିବା ବେଳେ ସମସ୍ୟାର ସମାଧାନ ଦାବି ନେଇ ଆଗାମୀ ଦିନରେ ଆନ୍ଦୋଳନ ଓ ଲଢ଼େଇ ଜାରି ରଖିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ କେନ୍ଦ୍ରୀୟ ନେତ୍ରୀ ତାପସୀ ପ୍ରହରାଜ, ସମ୍ପାଦିକା ମମି ପଣ୍ଡା, ବ୍ଲକ ସଭାପତି ଆରତୀ ପଲାଇ, ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ ମିଶ୍ର, କୃଷକ ସଭାର ରବୀନ୍ଦ୍ର ବାରିକ, ଦୀପ୍ତିମାନ ଆଚାର୍ଯ୍ୟଙ୍କ ସମେତ ୧୧୮ ଜଣ ଉପସ୍ଥିତ ଥିଲେ। ଶେଷରେ ଅଭ୍ୟର୍ଥନା କମିଟିର ଚେୟାରମ୍ୟାନ ଭାଗବତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଚାରା ରୋପଣ କରାଯାଉଛି।

**ବାଲିଆପାଳ, ୨୮।୭(ଗୋପାଳ ଚନ୍ଦ୍ର ସାହୁ):** ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ପକ୍ଷରୁ ଶନିବାର ମା' ପାଇଁ ଗୋଟିଏ ଗଛ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଗୌରାଙ୍ଗ ରାଉତ ଉଦ୍‌ଘାଟନ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ଅଧ୍ୟାପକ ପ୍ରେମାନନ୍ଦ ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର, ବାଲିଆପାଳ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ସହିତ ବାଲିଆପାଳ ହର୍ଟିକଲଚର୍ (ଉଦ୍ୟାନ) ବିଭାଗର ସହଯୋଗରେ ମହାବିଦ୍ୟାଳୟ ପରିସରରେ ୧ଶହରୁ ଅଧିକ ଚାରାରୋପଣ କରାଯାଇଥିଲା। ପ୍ରଧାପିକା ଶାନ୍ତିଲତା ଗିରି, ପ୍ରଧାପକ ସଚିନ୍ଦ୍ରନାଥ ଦତ୍ତ, ଅଧ୍ୟାପକ ସତ୍ୟନାରାୟଣ ସାହୁ, ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ, ଅଧ୍ୟାପକ ଡ. ସୁଦର୍ଶନ ରଣା, ଅଧ୍ୟାପକ କାମିନୀକାନ୍ତ ମହାନ୍ତି ଯୋଗ ଦେଇଥିଲେ। ଅଧ୍ୟାପକ ରଞ୍ଜନ ପାଢ଼ୀ ସୁନ୍ଦର ପ୍ରୟାସ ପାଇଁ ଅଭିନନ୍ଦନ ଜ୍ଞାପନ କରିଥିଲେ।

# ଦୁର୍ଘଟଣାଗ୍ରସ୍ତ ଜ୍ୟୋସ୍ନାଙ୍କୁ ସହାୟତା

**ସିମୁଳିଆ, ୨୮।୭(ସନ୍ତୋଷ ନାୟକ)**– ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଚାଲୁଣୀଗାଁର ଫକୀର ବିଶ୍ୱନାଥ ପଞ୍ଚାୟତ ବିଦ୍ୟାପୀଠର ପୁରାତନ ଛାତ୍ର ଜ୍ୟୋସ୍ନାରାଣୀ ଦୁର୍ଘଟଣାଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ତାଙ୍କୁ ସହଯୋଗର ହାତ ବଢ଼ାଯାଇଛି। ଜ୍ୟୋସ୍ନାରାଣୀ ବାଙ୍ଗାଲୋରରେ ରୁହନ୍ତି। ତେବେ ସେ ସେଠାରେ ରୋଷେଇ ଗ୍ୟାସରେ ଦୁର୍ଘଟଣାଗ୍ରସ୍ତ ହୋଇ ପୋଡ଼ିଯାଇଥିଲେ। ପରେ ତାଙ୍କୁ ସେଠାରେ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆଫ୍ରିକାରେ ରହୁଥିବା ଛାତ୍ର ସଂସଦର ସମ୍ପାଦକ କ୍ଷୀରୋଦ କୁମାର ଦାଶଙ୍କ ପ୍ରଚେଷ୍ଟାରେ ସେଠାରେ ଥିବା ଓଡ଼ିଆ ସମାଜ 'ଆଇଭରି କୋଷ୍ଟ'ର ସଦସ୍ୟ ସନାତନ ସାହୁ, ହରିଶ ମିଶ୍ର, ତୃପ୍ତିମୟୀ ଦାଶ ପ୍ରମୁଖ ବିଭିନ୍ନ ବ୍ୟକ୍ତିବିଶେଷ ୫୧ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସେହିପରି ପୁରାତନ ଛାତ୍ର ସଂସଦ ପକ୍ଷରୁମଧ ସହାୟତା ରାଶି ଜ୍ୟୋସ୍ନାରାଣୀଙ୍କ ଉଦ୍ଦେଶ୍ୟରେ ପଠାଇଛନ୍ତି। ନିଜର ସହପାଠୀଙ୍କ ପାଇଁ ଛାତ୍ର ସଂସଦ ପକ୍ଷରୁ ବଢ଼ାଯାଇଥିବା ସହଯୋଗର ହାତକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଟିପିଏନ୍‌ଓଡିଏଲ୍‌ର ମିଟର ପରୀକ୍ଷଣ ଲାବ୍‌କୁ ଏନ୍‌ଏବିଏଲ୍ ମାନ୍ୟତା

## ଗ୍ରାହକ ବିଶ୍ୱସନୀୟତା, ସେବା ଉତ୍କର୍ଷରେ ଉନ୍ନତି ଆଣିବା ଦିଗରେ ଏକ ମାଇଲଖୁଣ୍ଟ

**ବାଲେଶ୍ୱର, ୨୮।୭(ବାଞ୍ଛାନିଧି ଦେ)**

ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ବାଲେଶ୍ୱରରେ ଥିବା ମିଟର ପରୀକ୍ଷଣ ଲାବ୍‌କୁ ସମ୍ମାନଜନକ ନ୍ୟାଶନାଲ ଆକ୍ରିଡେନ୍ ବୋର୍ଡ ଅଫ୍ ଟେଷ୍ଟିଂ ଆଣ୍ଡ କାଲିବ୍ରେଶନ ଲାବରେଟୋରିଜ୍ (ଏନ୍‌ଏବିଏଲ୍) ମାନ୍ୟତା ପ୍ରଦାନ କରାଯାଇଛି। ଏନ୍‌ଏବିଏଲ୍‌ର ଏହି ମାନ୍ୟତା ହେଉଛି ଲାବ୍‌ର ବୈଷୟିକ ଦକ୍ଷତା, ଆନ୍ତର୍ଜାତିକ ମାନ ପୂରଣ କରିବା, ଠିକ୍ ଓ ଭରସାଯୋଗ୍ୟ ପରୀକ୍ଷଣ ଫଳାଫଳ ପ୍ରଦାନ କରିବାର ଏକ ପ୍ରମାଣ। ଏହି ମାଇଲଖୁଣ୍ଟ ସଫଳତା ଦ୍ୱାରା ଉତ୍ତର ଓଡ଼ିଶାର ଉପଭୋକ୍ତାମାନେ ବେଶ୍ ଉପକୃତ ହେବେ।

ଏନ୍‌ଏବିଏଲ୍ ମାନ୍ୟତା ସହ ଏହି ମିଟର ପରୀକ୍ଷଣ ଲାବ୍ ଏହାର ସଠିକତା ଓ ଭରସାଯୋଗ୍ୟତା ପାଇଁ ମାନ୍ୟତା ହାସଲ କରିଛି। ଆଇଏଲ୍‌ଏସି ମ୍ୟୁଚୁଆଲ ରେକଗ୍ନିଶନ୍ ଏଗ୍ରିମେଣ୍ଟ ଅଧୀନରେ ଏହି ମାନ୍ୟତା ମିଳିଛି, ଯାହା ଲାବ୍ ପରୀକ୍ଷଣର



ମିଟର ପରୀକ୍ଷଣ ଲାବ୍।

ଫଳାଫଳରେ ବିଶ୍ୱସ୍ତରୀୟ ବିଶ୍ୱସନୀୟତା ପ୍ରଦାନ କରୁଛି। ଏହି ଅନ୍ତର୍ଜାତୀୟ ମାନ୍ୟତା ମିଟରିଂ ଓ ବିଲିଂ ପ୍ରକ୍ରିୟାରେ ସ୍ୱଚ୍ଛତା ସହ ଉପଭୋକ୍ତାଙ୍କ ବିଶ୍ୱାସରେ ଆହୁରି ଉନ୍ନତି ଆଣିପାରିଛି। ଏନ୍‌ଏବିଏଲ୍ ମାନ୍ୟତା ପ୍ରତି ଏହି ଯାତ୍ରାରେ ମାସ ମାସର କଠୋର ପ୍ରସ୍ତୁତି, ସିଷ୍ଟମରେ ଉନ୍ନତି ଏବଂ କମ୍ପାନୀର କମର୍ସିଆଲ୍ ଓ ସିଏସ୍‌ଆର୍ ମୁଖ୍ୟ ଜୟଦୀପ ରୟଙ୍କ ମାର୍ଗଦର୍ଶନରେ ଲାବ୍ ମୁଖ୍ୟ ସଂଜୀବ କୁମାର ଜେନା, କ୍ୱାଲିଟି ମ୍ୟାନେଜର ଧୀରଜ ମେହେଟ୍ଟା, ବୈଷୟିକ ମ୍ୟାନେଜର ସୁମନ୍ତ ଘୋଷ ଓ ଅନ୍ୟମାନଙ୍କୁ ନେଇ ଗଠିତ ମିଟର ପରୀକ୍ଷଣ ଟିମ୍‌ର ଅତୁଟ ପ୍ରତିବଦ୍ଧତା ରହିଥିଲା। ସେମାନଙ୍କ ଉଦ୍ୟମ ଜଟିଳ ପରୀକ୍ଷଣ ପରିସ୍ଥିତିକୁ ପରିଚାଳନା କରିବା ପାଇଁ ଲାବ୍ ପ୍ରସ୍ତୁତିକୁ ସୁନିଶ୍ଚିତ କରିଥିବା ବେଳେ ନିରନ୍ତରତା, ସଠିକତା ଏବଂ ବିଶ୍ୱସ୍ତରୀୟ ମାନଦଣ୍ଡ ପାଳନ କରିଥିଲା। ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି, 'ଏନ୍‌ଏବିଏଲ୍ ମାନ୍ୟତା କେବଳ ଏକ ବୈଷୟିକ ସଫଳତା ନୁହେଁ, ଗ୍ରାହକମାନଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ ଭଳି। ଅନ୍ତର୍ଜାତୀୟ ମାନ୍ୟତା ଦକ୍ଷତା ସହ ବିଦ୍ୟୁତ୍‌ର ପ୍ରତିଟି ଉପକରଣକୁ ଅତ୍ୟନ୍ତ ସଠିକତା ଓ ସଚ୍ଚୋଟତାର ସହ ପରୀକ୍ଷଣ କରାଯାଉଛି। ଆମ ମାଇଲଖୁଣ୍ଟ ଆମର ନବସୃଜନ ଏବଂ ସେବା ପ୍ରଦାନରେ ଉତ୍କର୍ଷ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ଚରକାୟତନ' ଉଦ୍‌ଘାଟିତ

**ଭୁବନେଶ୍ୱର,୨୮।୭**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଟକର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୬ ଦିନିଆ ଆୟୁର୍ବେଦ ସମ୍ମିଳନୀ 'ଚରକାୟତନ'ର ଶୁଭାରମ୍ଭ ସୋମବାରଠାରୁ ହୋଇଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର କହିଥିଲେ, ଆୟୁର୍ବେଦ ହେଉଛି ଭାରତର ଗର୍ବ ଓ ପରିଚୟ। ତେବେ ଯୋଗ ପରି ଏହାର ସମ୍ପୂର୍ଣ୍ଣ ସ୍ୱୀକୃତି ଆବଶ୍ୟକ ରହିଛି। ଏଥିସହ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ବିଶ୍ୱବିଖ୍ୟାତ ଚରକ ସଂହିତାର ପ୍ରଚାର ପ୍ରସାର ସମ୍ଭବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ୬ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଚରକ ସଂହିତା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାରା ଦୁନିଆ କିଭଳି ଆୟୁର୍ବେଦ ପ୍ରତି ଆକୃଷ୍ଟ ହେଉଛି, ସେ ବିଷୟରେ ବିସ୍ତୃତ ଭାବେ ଆଲୋପାକପାତ କରିଥିଲେ। ଏଥିସହ ଭାରତୀୟ ଛାତ୍ରୀଛାତ୍ର ବିଶେଷକରି ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ମେଧାବୀ ବିଦ୍ୟାର୍ଥୀମାନେ କିଭଳି ସାରା ବିଶ୍ୱର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଆୟୁର୍ବେଦର ପ୍ରସାର ପାଇଁ ଚୁକ୍ତିନାମା ସ୍ୱାକ୍ଷର (ଏମ୍‌ଓୟୁ) କରୁଛନ୍ତି, ତାହା ସେ ବର୍ଣ୍ଣନା କରିଥିଲେ। ଉଦଘାଟନୀ ଉତ୍ସବରେ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ତିନୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ସମ୍ମିଳନୀରେ ପ୍ରାୟ ଦେଢ଼ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ୨୦୨୫ ଅଗଷ୍ଟ ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆୟୁର୍ବେଦ ଛାତ୍ରୀଛାତ୍ର ଓ ଏ ଦିଗରେ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ପାଇଁ ଗୁରୁତ୍ୱ ସହକାରେ ଚରକ ସଂହିତାର ତଥ୍ୟ ସମ୍ବଳିତ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଦ୍ୱାରା 'ଚରକାୟତନ' ଆୟୋଜିତ ହେଉଥିବାବେଳେ ଏଥିରେ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣାଙ୍କ ସହ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ନିର୍ଦ୍ଦେଶିକା ଡ. ବନ୍ଦନା ସିରୋହା, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ ସତ୍ୟଜିତ ପାଲ୍, ନ୍ୟାଶନାଲ କମିଶନ ଫର୍ ଇଣ୍ଡିଆନ୍ ସିଷ୍ଟମ୍ ଅଫ୍ ମେଡିସିନ୍ସ (ଏନ୍‌ସିଆଇଏସ୍‌ଏମ୍)ର ଅଧ୍ୟକ୍ଷ ଡ. ବି. ଏଲ୍. ମେହରା, ସେଣ୍ଟ୍ରାଲ କାଉନସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ୍ ସାଇନ୍ସେସ୍ (ସିସିଆରଏସ୍)ର ଡାଇରେକ୍ଟର ଜେନେରାଲ୍ ରବିନାରାୟଣ ଆଚାର୍ଯ୍ୟ, ଶ୍ରୀ ଶ୍ରୀ ତତ୍ତ୍ୱର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ବର୍ଚ୍ଚସ୍ୱୀ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ଗଭର୍ଣ୍ଣିଂ ବଡି ସଦସ୍ୟ ଡ. ମନୋଜ ନେସାରୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ଡ. ରଜିତା କୁଲକର୍ଣ୍ଣୀ ପ୍ରମୁଖ ଯୋଗ ଦେଇଛନ୍ତି। ସମ୍ମିଳନୀର ସମାପନ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କର ନିରବଚ୍ଛିନ୍ନ ପ୍ରୟାସକୁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ, ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ଡ. ପ୍ରଦୀପ ପଣ୍ଡା, ଡେପୁଟି ଡିନ୍ ଡ. ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ସାଧୁବାଦ ଦେଇଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସମେତ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ୱଣ୍ଡର୍ଲାରେ ଆକର୍ଷଣୀୟ ଅଫର





**ଭୁବନେଶ୍ୱର,୨୮।୭ (ଅଭୟ ଦାଶ)**

ୱଣ୍ଡର୍ଲା ହଲିଡେଜ୍ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଚଳିତ ବର୍ଷର ଫ୍ରେଣ୍ଡଶିପ୍ ଡେ ଉତ୍ସବରେ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହି ଅଫର ୨୦୨୫ ଅଗଷ୍ଟ ୨ ଓ ୩ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବ ପାଇଁ ପ୍ରଯୁଜ୍ୟ ରହିଛି। ସେହିଭଳି ଏହି ବିଶେଷ ଅଫର ୱଣ୍ଡର୍ଲାର ୪ଟି ପାର୍କ ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଚି ଏବଂ ଭୁବନେଶ୍ୱରରେ ଉପଲବ୍ଧ ହେବ। ଏଥିରେ ଅନେକ ପ୍ରକାରର କାର୍ଯ୍ୟକ୍ରମ ସାମିଲ ରହିଛି। ଏହି ଅବସରରେ ୱଣ୍ଡର୍ଲାର ଉଭୟ ପ୍ରବେଶ ଟିକେଟ୍ ଏବଂ ଟିକେଟ୍ + ଖାଦ୍ୟ କମ୍ବୋରେ 'ବାଏ ୧, ଗେଟ ୧'ର ଅଫର ରହିଛି। ଏହି ସୀମିତ-ସମୟର ଅଫର ସ୍ୱତନ୍ତ୍ର ଭାବେ ଅନଲାଇନରେ ଉପଲବ୍ଧ। ଏହି ଅଫର୍‌ର ବୁକିଂ ୨୦୨୫ ଅଗଷ୍ଟ ୩ ସକାଳ ୯ଟା ପର୍ଯ୍ୟନ୍ତ ଖୋଲା ଅଛି। ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡର ମୁଖ୍ୟ ପରିଚାଳନା ଅଧିକାରୀ ଧୀରେନ ଚୌଧୁରୀ କହିଛନ୍ତି, ଏକ ବିଶ୍ୱରେ ଯେଉଁଠାରେ ଅଧିକାଂଶ କଥାବାର୍ତ୍ତା ସ୍କ୍ରିନ୍ ମାଧ୍ୟମରେ ହୋଇଥାଏ, ଆମେ ବିଶ୍ୱାସ କରୁ ଯେ ସବୁଠାରୁ ଅର୍ଥପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ ବାସ୍ତବ ଜୀବନରେ ଏକାଠି ଅନୁଭବ କରନ୍ତି। ୨୫ବର୍ଷରୁ ଅଧିକ ସମୟ ଧରି ୱଣ୍ଡର୍ଲା ଖେଳ, ରୋମାଞ୍ଚ ଏବଂ ଉପସ୍ଥିତି ମାଧ୍ୟମରେ ଲୋକଙ୍କୁ ପୁନର୍ବାର ସଂଯୋଗ କରିବା ପାଇଁ ଏକ ନିରାପଦ, ଉଚ୍ଚ-ଗୁଣବତ୍ତାଯୁକ୍ତ ପରିବେଶ ପ୍ରଦାନ କରିଛି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୨୮।୭**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୫୭୨ (୫୭୨.୦୭) ପଏଣ୍ଟ ହ୍ରାସ ଘଟି ୮୦,୮୯୧(୮୦,୮୯୧.୦୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ରେ ମଧ୍ୟ ୧୫୬ (୧୫୬.୧୦) ପଏଣ୍ଟ କମି ୨୪,୬୮୧ (୨୪,୬୮୦.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।




# ୟୁଏଆଇଏଲ୍ ପକ୍ଷରୁ 'ନୀରୋଗଶାଳା'ର ଶୁଭାରମ୍ଭ

**ଭୁବନେଶ୍ୱର,୨୮।୭**

ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ (ୟୁଏଆଇଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ 'ନୀରୋଗଶାଳା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି କମ୍ପାନୀର ଏହି ସିଏସଆର ପ୍ରୟାସ ଓଡ଼ିଶାର ରାୟଗଡ଼ା ଜିଲାର ଦୁର୍ଗମ ଗ୍ରାମଗୁଡିକରେ ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସହ ସେମାନଙ୍କୁ ସେମାନଙ୍କ ଦ୍ୱାରଦେଶରେ ଉଭୟ ପ୍ରତିଷେଧକ ଏବଂ ଆରୋଗ୍ୟକାରୀ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି। ନୀରୋଗଶାଳା ସ୍ୱାସ୍ଥ୍ୟଯତ୍ନ ପ୍ରକଳ୍ପ ହେଉଛି, ନୀରବରେ ତୃଣମୂଳ ସ୍ତରରେ ଜୀବନଗୁଡିକରେ ରୂପାନ୍ତରଣ ଆଣିଛି। ଏହା କାଶୀପୁର ବ୍ଲକର ପାଇକକୁପଖାଲ, ଅଣ୍ଡିରାକାଞ୍ଚ ଏବଂ ଗୋପୀନାଥପୁର ଆଦି ଦୂରଦୂରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ଡିସପେନସାରୀ ସ୍ଥାପନ କରିଛି। ପ୍ରାୟ ୨୦,୦୦୦ ଗ୍ରାମବାସୀ ଏହି ସେବାର ସୁଯୋଗ ନେଉଛନ୍ତି। ଏ ନେଇ ୟୁଏଆଇଏଲର ୟୁନିଟ ହେଡ ରବି ମିଶ୍ର କହିଛନ୍ତି, ନୀରୋଗଶାଳା ଏକ ଅତ୍ୟନ୍ତ ବାସ୍ତବ ଏବଂ ଜରୁରୀ ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା। ଏହି ସମସ୍ତ ଦୁର୍ଗମ ସ୍ଥାନରେ ଚିକିତ୍ସାଗତ ଜରୁରୀ ସ୍ଥିତି ସୃଷ୍ଟିହେଲେ ବିନା ସହାୟତାରେ ମାଇଲ ମାଇଲ ଚାଲିଚାଲି ଯିବାକୁ ହୁଏ। ଆମେ ଏକ ସୁସଂଗଠିତ, ମାଗଣା ସ୍ୱାସ୍ଥ୍ୟଯତ୍ନ ସେବା ଜନସାଧାରଣଙ୍କ ଦ୍ୱାରଦେଶକୁ ଆଣି ସମୟୋଚିତ ସହାୟତା ଆଉ ଏକ ବିଳାସର ବିଷୟ ହୋଇ ରହିନାହିଁ ବରଂ ଏକ ଅଧିକାର ବୋଲି ସୁନିଶ୍ଚିତ କରୁଛୁ। ସୁବିଧା ଅଭାବରୁ କୌଣସି ଜୀବନ ହାନି ଯେଭଳି ନହୁଏ ତାହା ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ। ପ୍ରତ୍ୟେକ ନୀରୋଗଶାଳାରେ ରୋଗ ନିରୂପଣକାରୀ ସମର୍ଥନ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସୁବିଧା ସହିତ ଓପିଡି ସୁବିଧା ରହିଛି। ଏଠାରେ ମଧ୍ୟ ମୌଳିକ ଚିକିତ୍ସା ଭିତ୍ତିଭୂମି ରହିଛି। ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ପୂର୍ଣ୍ଣକାଳୀନ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସହାୟକ ଏବଂ ପ୍ରତି ତିନି ଦିନ ଅଦଳବଦଳ ଭିତ୍ତିରେ ଏମବିବିଏସ ଡାକ୍ତରମାନଙ୍କର ଉପସ୍ଥିତି ଏହି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାକୁ ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଉଛି। ପ୍ରତ୍ୟେକ କେନ୍ଦ୍ର ମାସିକ ହାରାହାରି ୭୦୦ରୁ ୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି ବୋଲି ମିଶ୍ର ମତପ୍ରକାଶ କରିଛନ୍ତି।ମାଇକଞ୍ଚ ପଞ୍ଚାୟତର ସରପଞ୍ଚ ମନ୍ତ୍ରରାମ ମାଝୀ କହିଥିଲେ, ନୀରୋଗଶାଳା ସମସ୍ତ ନିକଟବର୍ତ୍ତୀ ଗ୍ରାମକୁ ମାଗଣାରେ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି। ମାଇକଞ୍ଚ ଗ୍ରାମ ପଞ୍ଚାୟତର ଜନସାଧାରଣ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ସେମାନେ ଡାକ୍ତରୀ ଚିକିତ୍ସା କରାଇବାକୁ ଅସମର୍ଥ। ୟୁଏଆଇଏଲକୁ ଧନ୍ୟବାଦ, ସେମାନେ ଆବଶ୍ୟକ କରୁଥିବା ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟଯତ୍ନ ସେବା ଏବଂ ଜୀବନ ରକ୍ଷାକାରୀ ଔଷଧଗୁଡିକ ଆବଶ୍ୟକ ସମୟରେ ବିନା ମୂଲ୍ୟରେ ଯୋଗାଇ ଦେଉଛନ୍ତି।

ADITYA BIRLA GROUP
A FORCE FOR GOOD

# ଜେଏସ୍ଏଲ୍ ସହ ଜିଏସ୍‌ଭିର ବୁଝାମଣା

**ଭୁବନେଶ୍ୱର,୨୮।୭**

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍ଏଲ୍) ଏବଂ ଗତି ଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସ୍‌ଭି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ପ୍ରତିଷ୍ଠାନର ଆବଶ୍ୟକତା ଓ ଶିଳ୍ପର ବିକାଶ ପାଇଁ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ଏମ୍‌ଓୟୁ ଜିଏସ୍‌ଭିର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନ୍‌ଲେସର ନିର୍ଦ୍ଦେଶକ ବିଜୟ ଶର୍ମା ଏବଂ ଜିଏସ୍‌ଭିର କୁଳପତି ପ୍ରଫେସର ମନୋଜ ଚୌଧୁରୀଙ୍କ ଦ୍ୱାରା ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।ଏହି ପରିପ୍ରେକ୍ଷୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ।

ସେହିଭଳି ଏହି ଏମ୍‌ଓୟୁ ଅନୁଯାୟୀ ଜିନ୍ଦଲ ଷ୍ଟେନ୍‌ଲେସ ଏବଂ ଜିଏସ୍‌ଭି ପରିବହନ, ଅବସରଞ୍ଜନା ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଷ୍ଟେନ୍‌ଲେସ ଷ୍ଟିଲର ବ୍ୟବହାର ସମ୍ବନ୍ଧୀୟ ଗବେଷଣା, ଶିକ୍ଷାଦାନ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିବେ। ଏପରିକି ଉଭୟ ସଂସ୍ଥା ମିଳିତ ଭାବେ ଶିକ୍ଷାଗତ ପାଠ୍ୟକ୍ରମ ଏବଂ କ୍ଷେତ୍ର ସହ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ପ୍ରୋଗ୍ରାମର ବିକାଶକୁ ସମର୍ଥନ କରିବେ। ଏହା ସହିତ ସେମାନେ ମିଳିତ ଗବେଷଣା, ଅନ୍ତର୍ଜାତୀୟ ସଂସ୍ଥାନମାନଙ୍କ ସହ ଭାଗୀଦାରି ଏବଂ ଜିଏସଭି ଛାତ୍ରମାନଙ୍କ ପାଇଁ ଇଣ୍ଟର୍ନସିପ ଏବଂ ନିଯୁକ୍ତି ସୁଯୋଗ ପାଇଁ ସମ୍ଭାବନା ଅନୁସନ୍ଧାନ କରିବେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସରେ ଆମେ ବିଶ୍ୱାସ କରୁ ଯେ ଶିକ୍ଷା ଏବଂ ଶିଳ୍ପ ମିଳିତ ଭାବେ ଆଗାମୀ ଭାରତକୁ ଗଢ଼ିବା ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ଏହି ସହଯୋଗ ଷ୍ଟେନ୍‌ଲେସ ଷ୍ଟିଲକୁ ରାଷ୍ଟ୍ର ନିର୍ମାଣ ପାଇଁ ସବୁଠାରୁ ସ୍ଥାୟୀ ସମାଧାନ ଭାବେ ମୁଖ୍ୟଧାରାରେ ପରିଣତ କରିବା ପାଇଁ ଆମର ଦୃଷ୍ଟିକୋଣରେ ଏକ ନୂତନ ମାଇଲଖୁଣ୍ଟ ଭାବେ ଚିହ୍ନିତ କରୁଛି। ଗତି ଶକ୍ତି ବିଶ୍ୱବିଦ୍ୟାଳୟ ସହ ଆମର ଭାଗୀଦାରି ଦେଶର ଶିଳ୍ପ ଆଭିମୁଖ୍ୟ ସହ ସମନ୍ୱିତ ଏକ ଦକ୍ଷ ଏବଂ ଭବିଷ୍ୟତ-ପ୍ରସ୍ତୁତ ପ୍ରତିଭା ଗଢ଼ିବା ପାଇଁ ଆମର ସାଧାରଣ ମିଶନକୁ ଶକ୍ତିଶାଳୀ କରୁଛି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

BDA approval plot available at very reasonable price. Location: Palaspur sasan, BBSR for more contact: 9040062053, 8093224227. D- 46563

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/- . 8328868883. D-76284

A Commercial Plot 10000sqft. Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452 D-76477

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286




Positively health benefits SPA expert female therapist homely atmosphere. 9114559830. D-76295

Newly open health benefits SPA special Offer @ 799 Bapujinagar. 7327058897. D-76931

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit before Notary Public, Kantabanji on 25.07.2025 that before marriage I known as Mukta Ketaki, D/o- Rama Ketaki which is mentioned in my Aadhaar Card and S.B. Account and after marriage to Dillip Kharsel of Village/P.O./P.S.- Kantabanji Ward No.-16, Dist.- Bolangir I updated my Aadhaar Card and known as Mukta Kharsel, W/o- Dillip Kharsel whereas Mukta Ketaki and Mukta Kharsel, W/o- Dillip Kharsel is same and one person. D-1457

By virtue of an affidavit sworn before the Executive Magistrate, Belpada, No.-148, date 28.07.2025, I, Dhubale Tandi, R/o- At./P.O.- Bagder, P.S.- Belpada, Dist.- Balangir, Odisha, PIN- 767026 declare that I have changed my daughter's name from Priya Tandi to Priyanka Tandi. Henceforth, she shall be known as Priyanka Tandi for all purposes.
Dhubale Tandi D-1456

I, Shantilata Padhi, C/o- Dilip Kumar Padhi, resident of ward Gopinathpur, P.O./P.S.- Balugaon, Dist.- Khurda, PIN- 752030, Odisha declare by this affidavit No.- 1392, dtd. 11.07.25. That now onwards I shall be known as Santilata Padhi for all future purposes. D-1445

By virtue of an affidavit sworn before the Executive Magistrate, Boudh, No.-1053, date 22.07.25, I Sanat Loi, R/o. Village/P.O.- Devgarh, P.S./Dist.- Boudh, Odisha, PIN- 762024 declare that I have changed my name from Sana Lae to Sanat Loi. Henceforth, I shall be known as Sanat Loi for all purposes.
Sanat Loi D-1449

I, Chitaranjan Panigrahi, S/o- Anandachandra Panigrahi, resident of Nayagarh, Odisha- 752069 declare by this affidavit No.- 2789, dated 25.07.2025. That now onwards I shall be known as Chittaranjan Panigrahi for all future purposes. D-1454

By virtue of an affidavit sworn before the Executive Magistrate, Bhubaneswar, dated-24.07.2025, I, Sukanti Mahananda, W/o- Arun Mishra, Address- B/503, Snehalata Apartment, Vivekananda Marg, Bhubaneswar, Khordha, Odisha-751002 declare that I have changed my name from Sukanti Mahananda to Priyanshi Mishra. Henceforth, I shall be known as Priyanshi Mishra for all purposes. D-1455

By virtue of an affidavit sworn before Executive Magistrate, Bhubaneswar, dated 28.07.2025, Subash Chandra Khillo, At- Padua, Kulabiri, Padwa, Dist.- Koraput, Odisha- 764038 declare that I have changed the name of my son from Kamesh Khilla to Kabir Khillo. Henceforth, he shall be known as Kabir Khillo for all purposes.
Subash Chandra Khillo D-1450

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Padma Agrawal, age about 64 years, W/o- Kesharam Agrawal, resident of Gudvela, P.S.- Tushra, Dist.- Balangir, PIN-767046, Odisha declared by this affidavit No.- 647, dated 28.07.2025. That now onwards I shall be known as Padma Devi Agrawal for all future purposes. D-1453

By virtue of an affidavit sworn before Executive Magistrate, Bhubaneswar, dated 15.07.2025, I, Mustara Bibi, At- Sikharchandi Nagar, VTC-Kalarahanga, P.O.-KIIT, P.S.-Infocity, Bhubaneswar, Khordha, Odisha, PIN-751024 declare that I have changed my minor son's name from Sekh Misbah to Sekh Sarfaraz Ibrahim. Henceforth, my son shall be known as Sekh Sarfaraz Ibrahim for all purposes. D-1452

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬।୦୬।୧୯୬୨
ତିରୋଧାନ: ୦୯।୦୮।୨୦୨୪
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ- ରାଜା, ଝିଅ- ମାମୁନି, ଚୁମୁନି, ନାତି- ଈଶାନ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୪୬୦

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରୀନା ଦାଶ
ଆବିର୍ଭାବ: ୧୧।୦୭।୧୯୭୩
ତିରୋଧାନ: ୨୫।୦୧।୨୦୨୪
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ଚାହୁଁ ଚାହୁଁ ବର୍ଷେ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ- ରାଜା, ଝିଅ- ମାମୁନି, ଚୁମୁନି, ନାତି- ଈଶାନ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୪୬୧

ଫ୍ୟାଶନ

# ନେଲ୍ ଆର୍ଟ



ମହିଳାମାନେ ସୁନ୍ଦର ଦେଖାଯିବାକୁ ଛୋଟ ଛୋଟ ଜିନିଷକୁ ଧ୍ୟାନ ରଖିଥାନ୍ତି। ହାତ ସୁନ୍ଦର ଦେଖାଯିବାକୁ ହେଲେ ନଖରେ ନେଲ୍ ଆର୍ଟ କରିବାକୁ ଅନେକେ ପସନ୍ଦ କରୁଛନ୍ତି। ଏହା ମଧ୍ୟ ଆଜିକାଲିକା ଫ୍ୟାଶନ ପାଲଟିଗଲାଣି। ନେଲ୍ ଆର୍ଟ କରିବାକୁ ହେଲେ ଆପଣ କୌଣସି ପାର୍ଲର ନ ଯାଇ ଘରେ ବସି ମଧ୍ୟ କରିପାରିବେ। ଆସନ୍ତୁ, ଜାଣିବା ନେଲ୍ ଆର୍ଟର କିଛି ଡିଜାଇନ ଏବଂ ଏହାକୁ କିପରି ସହଜରେ ଘରେ କରିପାରିବେ ସେ ସମ୍ପର୍କରେ ସୂଚନା...

**ଟୁଥ୍‌ପିକ୍ ସାହାଯ୍ୟରେ ନେଲ୍ ଆର୍ଟ:** ଟୁଥ୍ ପିକ୍‌ରେ ନେଲ୍ ଆର୍ଟ କରିବାକୁ ହେଲେ ପ୍ରଥମେ ନଖର ଅଧାଭାଗରେ ନେଲ୍ ପେଣ୍ଟ ଲଗାଇ ଦିଅନ୍ତୁ। ପୁଣି ସେଥିରେ ସ୍ମାଇଲିଂ ଫେସ୍ କିମ୍ବା ନିଜ ପସନ୍ଦର ଯାହା ବି କିଛି ଡିଜାଇନ କରିବାକୁ ହେଲେ ଟୁଥ୍‌ପିକ୍‌ର ପଛଭାଗକୁ ନେଲ ପଲିସ୍‌ରେ ବୁଡ଼ାଇ ଡିଜାଇନ୍‌ରେ ହାଲ୍‌କା ଡଟ୍ କରିପାରିବେ। ଏହାପରେ ଟୁଥ୍‌ପିକ୍‌ର ଅଗ୍ରଭାଗରେ ଡିଜାଇନକୁ ସମ୍ପୂର୍ଣ୍ଣ କରିପାରିବେ।

**ବ୍ୟୁଟି ବ୍ଲେଣ୍ଡର:** ଆପଣମାନେ ଭାବୁଥିବେ, ସତରେ କ'ଣ ବ୍ୟୁଟି ବ୍ଲେଣ୍ଡର ସାହାଯ୍ୟରେ ଡିଜାଇନ୍ କରାଯାଇପାରେ। ହଁ, ଏହା ସାହାଯ୍ୟରେ ଆକର୍ଷଣୀୟ ଡିଜାଇନ କରିପାରିବେ। ଏଥିପାଇଁ ପ୍ରଥମେ ନଖରେ ନେଲ୍‌ପେଣ୍ଟ ଲଗାନ୍ତୁ। ଏହାପରେ ବ୍ଲେଣ୍ଡର ନେଲ୍‌ପେଣ୍ଟରେ କଲର କମ୍ବିନେଶନ ଥିବା ଅନ୍ୟ ନେଲ୍‌ପେଣ୍ଟକୁ ବ୍ଲେଣ୍ଡର ଟିପ୍‌ରେ ଲଗାଇ ନଖ ଉପରେ ଟ୍ୟାପ୍ କରି ଗୋଲ ଗୋଲ କରନ୍ତୁ। ଏଥିରେ ଆପଣ ଅଲଗା ଅଲଗା କଲରକୁ ମଧ୍ୟ ଚୟନକରି ଲଗାଇପାରନ୍ତି।

**ଇୟରବଡ୍ସ:** କାନ ସଫା କରିବାକୁ ଥିବା ଇୟରବଡ୍ସ ସାହାଯ୍ୟରେ ଆପଣ ଟ୍ରେଣ୍ଡି ନେଲ୍‌ଆର୍ଟ କରିପାରିବେ। ଏଥିପାଇଁ ପ୍ରଥମେ ନଖରେ ନେଲ୍‌ପେଣ୍ଟ ଲଗାନ୍ତୁ। ଏହାପରେ ଇୟରବଡ୍ସରେ ଅନ୍ୟ କୌଣସି ନେଲ୍ ଆର୍ଟ ଲଗାଇ ନଖ ଉପରେ ବଙ୍କା ତେଢ଼ା କିଛି ବି ଲାଇନ୍ ପକାନ୍ତୁ। ପରେ ଏହାକୁ ନିଜ ପସନ୍ଦ ଅନୁସାରେ କିଛି ବି ଡିଜାଇନ କରନ୍ତୁ। ଦେଖିବେ ଆପଣଙ୍କ ହାତ କେତେ ସୁନ୍ଦର ଦେଖାଯାଉଛି।

# ଲେଦର ବ୍ୟାଗ୍ ସଫା କରୁଥିଲେ...

ଲେଦର ଜିନିଷ ସମସ୍ତଙ୍କୁ ପସନ୍ଦ । କିଏ ଅଫିସ୍‌କୁ ନେଇ କି ଯାଆନ୍ତି ତ ଆଉ କିଏ କୌଣସି ପାର୍ଟିରେ ହ୍ୟାଣ୍ଡ ବ୍ୟାଗ୍ କ୍ୟାରି କରିଥାନ୍ତି। ଏହାର ଚାହିଦା ଏବେ ବି ରହିଛି। ଏହାକୁ ସଫା କରିବାକୁ ହେଲେ କେତୋଟି ଟିପ୍ସ...

ଏମିତିରେ ସମସ୍ତେ ଚାହାନ୍ତି ତାଙ୍କ ବ୍ୟାଗ୍ ସବୁବେଳେ ସଫା ଏବଂ ସୁନ୍ଦର ଦେଖାଯାଉଥାଉ। ବେଳେବେଳେ ଏହି ଲାଇଟ୍ କଲରର ବ୍ୟାଗ୍ ଅସୁନ୍ଦର ଦେଖାଯାଏ। ଏହାକୁ ସଫା କରିବାକୁ ହେଲେ ପ୍ରଥମେ ଲେଦର ବ୍ୟାଗ୍ କ୍ଲିନର ବ୍ୟବହାର କରନ୍ତୁ। ଯାହା ସାହାଯ୍ୟରେ ଆପଣଙ୍କ ବ୍ୟାଗ୍ ପୂରା ନୂଆ ଦେଖାଯିବ। ଯଦି ଏହା ଆପଣଙ୍କ



ପାଖରେ ନାହିଁ ତେବେ ବେବି ସୋପ୍, କୌଣସି ଲାଇଟ୍ ସୋପ୍ ନେଇ ଏଥିରେ ଟିକେ ପାଣି ମିଶାଇ ଏହାର ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳରୁ କିଛି ନେଇ ଯେଉଁଠି ଦାଗ ଲାଗିଛି ସେଇ ସ୍ଥାନରେ ଲଗାନ୍ତୁ।

❖ଏହାପରେ ବ୍ୟାଗ୍‌କୁ ସଫା ନରମ କପଡ଼ା ସାହାଯ୍ୟରେ ପୋଛନ୍ତୁ। ଯେତେବେଳେ ବ୍ୟାଗ୍‌କୁ ପୋଛୁଚନ୍ତି ସେତେବେଳେ ଚମଡ଼ା ବ୍ୟାଗ୍‌ର ଅପୋଜିଟ୍ ଡିରେକ୍ସନ୍‌ରେ ହେବ। ଏହାଦ୍ୱାରା ବ୍ୟାଗ୍ ଖରାପ ହେବନାହିଁ। ଯଦି ଆଉ ଟିକେ ଓଦାପଣ ବ୍ୟାଗ୍‌ରେ ଅନୁଭବ କରୁଛନ୍ତି ତେବେ ଶୁଖିଲା କପଡ଼ାରେ ବ୍ୟାଗ୍ ଭଲ ଭାବେ ପୋଛି ସଫା କରିଦିଅନ୍ତୁ।

❖ବ୍ୟାଗ୍‌କୁ ଶୁଖାଇବା ଲାଗି ୩୦ ମିନିଟ୍ ସମୟ ଦିଅନ୍ତୁ। ଏହାକୁ ଶୁଖାଇବା ପାଇଁ କେବେ ବି ହେୟାର ଡ୍ରାୟର ବ୍ୟବହାର କରନ୍ତୁ ନାହିଁ। ଏହା ବଦଳରେ ଆପଣ ବ୍ୟାଗ୍‌କୁ ପଙ୍ଖା ପବନରେ ଶୁଖାଇପାରିବେ।

❖ବ୍ୟାଗ୍ ଶୁଖିଯିବା ପରେ ଏଥିରେ ଲେଦର ମଶ୍ଚରାଇଜର ଲଗାନ୍ତୁ। ମଶ୍ଚରାଇଜର ଲଗାଇବାକୁ ହେଲେ ଏକ ନରମ କପଡ଼ା ସାହାଯ୍ୟରେ ଲଗାନ୍ତୁ। ଶୁଖିଯିବା ପରେ କପଡ଼ା ସାହାଯ୍ୟରେ ପଲିସ୍ କରନ୍ତୁ। ଏହାଦ୍ୱାରା ବ୍ୟାଗ୍ ଯେମିତି ନୂଆ ଦେଖାଯିବ।

# ଏପରି ଅଭ୍ୟାସ ଥିଲେ...

ପ୍ରାୟ ସମସ୍ତଙ୍କର କିଛି ନା କିଛି ଅଭ୍ୟାସ ରହିଛି। ମହିଳାମାନେ ବା ସେଥିରୁ ବାଦ୍ ପଡ଼ିବେ କିପରି ? ତେବେ ଏପରି କେତେକ ଅଭ୍ୟାସ ଅଛି ଯାହାର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିବା ଆଶଙ୍କା ରହିଛି। ଜାଣନ୍ତୁ ସେ ସମ୍ପର୍କରେ..







କଥାରେ ଅଛି-ଅଭ୍ୟାସ ମଲେ ତୁଟେ। କାରଣ ଏହା ସହ ଆମେ ଏପରି ଯୋଡ଼ିହୋଇ ଯାଇଥାଉ, ତାହାକୁ ଯେତେ ବଦଳାଇବାକୁ ଚାହିଁଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥାଏ। ବିଶେଷଭାବରେ ଜଣେ ଯୁବତୀ ହୁଅନ୍ତୁ ଅବା ଗୃହିଣୀ-ସେମାନଙ୍କର କିଛି ଅଭ୍ୟାସ ରହିଛି। କେତେକ ଏହାର ଖରାପ ଗୁଣ ବିଷୟରେ କେତେକାଂଶରେ ଅବଗତ ହେଲେ ମଧ୍ୟ ସେଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖିପାରନ୍ତି ନାହିଁ। ହେଲେ ନିଜ ବ୍ୟକ୍ତିତ୍ୱ ଏବଂ ଶରୀରକୁ ପ୍ରଭାବିତ କରିବା ଭଳି ଅଭ୍ୟାସ ବିଷୟରେ ମହିଳାମାନେ ସତର୍କତା ଅବଲମ୍ବନ କରିବା ଦରକାର। ନ ହେଲେ ତାହା ପରବର୍ତ୍ତୀ ସମୟରେ ବିଶାଳ ସମସ୍ୟା ଆକାରରେ ଉଭା ହୋଇଥାଏ।

**ମିଛ କହିବା:** ବେଳେବେଳେ ନିଜକୁ ବଞ୍ଚାଇବାକୁ ହେଉ ଅବା କୌଣସି ପରିସ୍ଥିତିରେ ପଡ଼ି କେତେଜଣ ମହିଳା ମିଛ କହିଥାଆନ୍ତି। ହେଲେ ପରେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ମିଛ କହିବାର ମଧ୍ୟ ସ୍ୱାସ୍ଥ୍ୟ ସହ କି ସମ୍ପର୍କ ରହିଛି। ୟୁନିଭର୍ସିଟି ଅଫ୍ ନୋଟରଡେମ୍‌ର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି, ମିଛ କହିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। କେବେ ହୁଏତ ଏହା ବିଷୟରେ ଭାବି ନ ଥିବେ। କିନ୍ତୁ ମିଛ କହିବା ଏହା ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ମିଛ ଯେକୌଣସି ରୂପରେ ହେଉ ଏହା ଆପଣଙ୍କୁ ହାନି ପହଞ୍ଚାଇପାରେ। ସେହି ମିଛଟା ଆପଣ ଅଫିସ୍‌ରେ କହିଥାନ୍ତୁ କି ସ୍ୱାମୀଙ୍କୁ, ନିଜ ବସ୍‌ଙ୍କୁ କହୁଛନ୍ତି କି ନିଜ ପିଲାଙ୍କୁ। ଗବେଷଣାରେ ଦେଖାଯାଇଛି, ମିଛ କହିବା ଦ୍ୱାରା ମନ ଚିନ୍ତାଗ୍ରସ୍ତ ରୁହେ। ଏହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ। ଯଦି ଆପଣ ମୁଣ୍ଡବିନ୍ଧା, ଚିନ୍ତା, ଗଳାରେ ଯନ୍ତ୍ରଣା ଆଦି ସମସ୍ୟାରୁ ଦୂରେଇରହିବାକୁ ଚାହୁଁଛନ୍ତି , ତେବେ ମିଛ କହିବାର ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ।

**ଆବଶ୍ୟକତାଠାରୁ ଅଧିକ ସମୟ ବ୍ରଶ୍ କରିବା:** ପ୍ରତିଦିନ ସକାଳେ, ରାତିରେ ବ୍ରଶ୍ କରିବା ଭଲ ଅଭ୍ୟାସ। କିନ୍ତୁ ପ୍ରତି ଥର ଖାଇସାରି ବ୍ରଶ୍ କରିବା ଭଲ ନୁହେଁ। ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଅଧ୍ୟୟନରୁ ଜାଣିପାରିଛନ୍ତି, କିଛି ଖାଦ୍ୟ ଦାନ୍ତରେ ଏନାମେଲ୍‌ରେ ଏସିଡ୍ ଛାଡ଼ି ଦେଇଥାଏ। ଯେତେବେଳେ ସେହି ଏନାମେଲ୍ ଦୁର୍ବଳ ହୋଇଯାଏ ସେହି ସମୟରେ ଅଧିକ ସମୟ ବ୍ରଶ୍ କରିବା ଦ୍ୱାରା ଏନାମେଲ୍‌କୁ ଆହୁରି ଅଧିକ କ୍ଷତି ପହଞ୍ଚାଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ପ୍ରତିଥର ଖାଦ୍ୟ ଖାଇବା ପରେ କୁଳିକରିବା ଆବଶ୍ୟକ। ସକାଳେ ଉଠିବା ପରେ ଏବଂ ରାତ୍ରିଭୋଜନ ପରେ ବ୍ରଶ୍ କରିବା ଆବଶ୍ୟକ।

**ଅଧିକ ସମୟ କମ୍ପ୍ୟୁଟର ନିକଟରେ ବସି କାମ କରିବା:** ନିକଟରେ ୟୁନିଭର୍ସିଟି ଅଫ୍ ଆରିଜୋନାର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି, ବିନା ବ୍ରେକ୍‌ରେ ଲଗାତର କମ୍ପ୍ୟୁଟର ସାମ୍ନାରେ କାମ କରିବା ଦ୍ୱାରା ଷ୍ଟ୍ରେସ୍ ଲେବଲ ବଢ଼ିଯାଇଥାଏ। ଏହାସହ ଯଦି ଲଞ୍ଚ ଟାଇମ୍‌ରେ ନିଜ ଡେସ୍କରେ ବସି ଖାଦ୍ୟ ଖାଆନ୍ତି ତେବେ ଏହି ଅଭ୍ୟାସ ଆପଣଙ୍କ ସ୍ୱାସ୍ଥ୍ୟକୁ ବିଗାଡ଼ି ବି ଦେଇପାରେ। ଏକ ଗବେଷଣା ଅନୁଯାୟୀ ଅଫିସ୍‌ରେ ଡେସ୍କରେ ବସି ଖାଦ୍ୟ ଖାଇବା ଦ୍ୱାରା ଅଦୃଶ୍ୟ ବ୍ୟାକ୍ଟେରିଆ ଆପଣଙ୍କ ଶରୀରକୁ ଯାଇ ଅସୁସ୍ଥ କରିପାରେ। ଏହାଛଡ଼ା ଡେସ୍କରେ ବସି ଖାଦ୍ୟ ଖାଇବା ଦ୍ୱାରା ଆବଶ୍ୟକତା ଠାରୁ ଅଧିକ ଖାଇ ଦେଇପାରନ୍ତି।

**କେବଳ ବୋତଲ ପାଣି ପିଇବା:** ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ହାଇଜିନ୍ ଚକ୍କରରେ ବୋତଲ ବନ୍ଦ ପାଣି ପିଇଥାନ୍ତି, ତେବେ ଆପଣଙ୍କ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ବୋତଲ ବନ୍ଦ ପାଣି ବଦଳରେ ନଳପାଣିକୁ ଭଲ ୱାଟରପ୍ୟୁରିଫାୟର ସାହାଯ୍ୟରେ ସଫାକରି ବ୍ୟବହାର କରନ୍ତୁ। ଏହାଦ୍ୱାରା ଜୀବାଣୁ ମରିଯିବେ। ଫଳରେ ଆପଣଙ୍କୁ ମିଳିବ ଶୁଦ୍ଧପାଣି।

**ଏଟିଏମ୍‌ରୁ ଟଙ୍କା କାଢ଼ିବା:** ଏବେ ଡିଜିଟାଲ ଦୁନିଆ। ଟଙ୍କା ନେଣଦେଣ ପାଇଁ ପ୍ରାୟ ବ୍ୟାଙ୍କକୁ ଯିବାକୁ ପଡୁନାହିଁ। ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଇବା ଏବଂ ପଠାଇବା ପ୍ରଣାଳୀ ପ୍ରାୟ ଚାରିଆଡ଼େ ଉପଲବ୍ଧ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କହିଛନ୍ତି, ବାରମ୍ବାର ଏଟିଏମ୍ ବ୍ୟବହାର କରିବା ପରେ ଅନେକ ହାତ ସଫାକରି ନ ଥାନ୍ତି। ତେଣୁ ଏଟିଏମ୍ ମେଶିନରୁ ଆପଣଙ୍କ ହାତକୁ ବ୍ୟାକ୍ଟେରିଆ ପ୍ରବେଶ କରିଥାଆନ୍ତି। ହାତ ନ ଧୋଇ ଖାଇଲେ ତାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଛି। ଯେତେବେଳେ ଏଟିଏମ୍‌କୁ ଯିବେ ହାତରେ ସାନିଟାଇଜର କିମ୍ବା ଆଣ୍ଟିବାକ୍ଟେରିଆଲ ହ୍ୟାଣ୍ଡ ସାନିଟାଇଜର ସାହାଯ୍ୟରେ ନିଜ ହାତକୁ ସଫାକରନ୍ତୁ। ଏହାଦ୍ୱାରା ଆପଣ ହାନିକାରକ ବ୍ୟାକ୍ଟେରିଆରୁ ହେଉଥିବା ରୋଗର ଆଶଙ୍କାକୁ କିଛି ମାତ୍ରାରେ କମାଇପାରିବେ।

**ଜଲ୍‌ଦି ଖାଦ୍ୟ ଖାଇବା:** ଆଜିର ପ୍ରାୟ ମହିଳା ନିଜ କାମକୁ ନେଇ ବ୍ୟସ୍ତ। ତେଣୁ ଠିକ୍ ସମୟରେ ଖାଇବା ଏବଂ ଖାଇବା ବେଳେ ତରତର ହୋଇ ନ ଖାଇବା ଦରକାର। ଯଦି ମହିଳା ଜଣକ କର୍ମଜୀବୀ ହୋଇଥାଆନ୍ତି ତେବେ ସେ ଏକାଧାରରେ ନିଜ ପରିବାର ଏବଂ କର୍ମକ୍ଷେତ୍ର ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। କାମ ବ୍ୟସ୍ତ ଭିତରେ ତରବର ହୋଇ କିଛି ଖାଇଦେଇ ଅଫିସ ଚାଲିଯାଆନ୍ତି। ତେଣୁ ଖାଇବା ସମୟରେ ଧୀରେ ସୁସ୍ଥେ ଖାଆନ୍ତୁ। କିନ୍ତୁ ଆପଣ ଜାଣିଛନ୍ତି ଏହି ଜଲ୍‌ଦି ଖାଇବା ଅଭ୍ୟାସ ଆପଣଙ୍କୁ ଅସୁସ୍ଥ କରିପାରେ। ଏହାଦ୍ୱାରା ବେଳେବେଳେ ଏଥିପାଇଁ ଆମେ ଅଧିକ ଖାଇଦେଇଥାଉ। ଏଥିପାଇଁ ଖାଦ୍ୟକୁ ଆମେ ଧୀରେ ଧୀରେ ଚୋବାଇ ଖାଇବା ଆବଶ୍ୟକ। ଆପଣ ଯେତେ ବି ବ୍ୟସ୍ତ ରୁହନ୍ତୁ, କିନ୍ତୁ ଆରାମରେ ଖାଦ୍ୟ ଖାଆନ୍ତୁ।

**ଷ୍ଟ୍ର ସାହାଯ୍ୟରେ ପିଇବା:** ଆପଣ ବେଳେବେଳେ ଜୁସ୍, କୋଲ୍ଡ ଡ୍ରିଙ୍କ୍ସ ଆଦିକୁ ଷ୍ଟ୍ର ସାହାଯ୍ୟରେ ପିଇଥାନ୍ତି। ଷ୍ଟ୍ର ସାହାଯ୍ୟରେ ପିଇବା ବହୁତ ସାଧାରଣ କଥା, କାରଣ ଏହା ସୁବିଧାଜନକ ହୋଇଥାଏ। କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଭଲ ନୁହେଁ। ଷ୍ଟ୍ର ମାଧ୍ୟମରେ କିଛି ପିଇବା ଦ୍ୱାରା ଏହା ଅତିରିକ୍ତ ପବନ ଆମ ଶରୀର ମଧ୍ୟକୁ ଆଣିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଆପଣଙ୍କ ପେଟ ଫୁଲିଲା ପରି ଲାଗିବା ସହ ଗ୍ୟାସ୍‌ର କାରଣ ମଧ୍ୟ ହୋଇପାରେ। ଏହି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ଷ୍ଟ୍ର ମାଧ୍ୟମରେ ପିଇବା ବନ୍ଦ କରନ୍ତୁ ଏବଂ ଗ୍ଲାସ୍ ବ୍ୟବହାର କରନ୍ତୁ।



ସୌନ୍ଦର୍ଯ୍ୟ

# ବର୍ଷାଦିନରେ ସ୍କିନ୍‌ର ଯତ୍ନ

ସାଧାରଣତଃ ବର୍ଷାଦିନେ ସ୍କିନ୍ ଜନିତ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ। ମହିଳାଙ୍କ ସବୁଠାରୁ ବଡ଼ ଚିନ୍ତା ସ୍କିନ୍‌କୁ ନେଇ ହୋଇଥାଏ। କାହିଁକି ନା ଏହିଦିନରେ ଫଙ୍ଗାଲ ଇନ୍‌ଫେକ୍ସନ ଏବଂ ଅଏଲୀ ସ୍କିନ୍‌ର ସମସ୍ୟା ବଢ଼ିଯାଏ। ଏମିତିରେ ଜରୁରୀ ହେଉଛି ସ୍କିନ୍ କେୟାର ରୁଟିନ୍‌ରେ ଅଳ୍ପ ଟିକେ ବଦଳାଇବାକୁ ପଡ଼ିବ। ଏହାଦ୍ୱାରା ସ୍କିନ୍ ଗ୍ଲୋ କରିବ ଏବଂ ହେଲ୍‌ଦୀ ବି ରହିବ....





**ଦିନରେ ୨ଥର ଫେସ୍ କ୍ଲିନ୍ କରନ୍ତୁ**

ବର୍ଷାଦିନରେ ଅଧିକ ଝାଳ, ଧୂଳି ଏବଂ ତେଲ ଜମାହୋଇ ରୁହେ। ଫଳରେ ପୋର୍ସ ବନ୍ଦ ହୋଇଯାଏ। ଏଥିପାଇଁ ଦିନରେ ଦୁଇଥର ମୁହଁକୁ ସଫା କରିବା ଆବଶ୍ୟକ। ଏପରି ଫେସ୍‌ୱାଶ ଚୟନ କର ଯାହା ଜେଲ୍ ବେସ୍‌ଡ ହେବା ସହ ଏବଂ ସ୍କିନ୍ ପାଇଁ ଭଲ ହୋଇଥିବ। ଏହାଦ୍ୱାରା ମୁହଁ ସଫା ଦେଖାଯିବା ସହ ହାଲ୍‌କା, ଫ୍ରେଶ୍ ଲାଗିବ।

**ହାଲ୍‌କା ମଶ୍ଚରାଇଜର ଲଗାନ୍ତୁ**

ବର୍ଷାଦିନରେ ଅଧିକ କ୍ରିମ୍ ଲଗାଇବା ଦ୍ୱାରା ସ୍କିନ୍ ଚିପ୍‌ଚିପ୍ ଲାଗିଥାଏ। ଏଥିପାଇଁ ହାଲ୍‌କା ୱାଟର ବେସ୍‌ଡ୍ ମଶ୍ଚରାଇଜରର ବ୍ୟବହାର କରନ୍ତୁ। ଯାହା ସ୍କିନ୍‌କୁ ହାଇଡ୍ରେଟ୍ ରଖିବ ଏବଂ ଅଏଲୀ ହେବାକୁ ଦେବନାହିଁ।

**ମେକ୍‌ଅପ୍ ହାଲ୍‌କା ରଖନ୍ତୁ**

ମନ୍‌ସୁନ୍‌ରେ ମେକ୍‌ଅପ୍ ଧୋଇ ହୋଇଯାଇଥାଏ। ଏମିତିରେ ହାଲ୍‌କା ମେକ୍‌ଅପ୍ ଯେପରିକି ଟିଣ୍ଟେଡ୍ ମଶ୍ଚରାଇଜର କିମ୍ବା ବେବି କ୍ରିମ୍ ବ୍ୟବହାର କରନ୍ତୁ। ଫଳରେ ତ୍ୱଚା ନାଚୁରାଲ ଲାଗିବା ସହ ସୁନ୍ଦର ମଧ୍ୟ ଦେଖାଯିବେ।

**ସନ୍‌ସ୍କ୍ରିନ୍ ଲୋଶନ ଭୁଲନ୍ତୁ ନାହିଁ**

ବର୍ଷାଦିନରେ ସୂର୍ଯ୍ୟକିରଣ ସ୍କିନ୍‌କୁ କ୍ଷତି ପହଞ୍ଚାଇପାରେ। ଏଥିପାଇଁ ବାହାରକୁ ବାହାରିବା ସମୟରେ ସନ୍‌ସ୍କ୍ରିନ୍ ନିଶ୍ଚିତ ଲଗାନ୍ତୁ। ଏସ୍‌ପିଏଫ୍ ୩୦ ୱାଟର ପ୍ରୁଫ୍ ସନ୍‌ସ୍କ୍ରିନ୍ ଭଲ ରହିବ।

**ଖାଦ୍ୟପେୟ**

ସ୍କିନ୍ ଭଲ ରହିବାପାଇଁ କେବଳ ବାହାରୁ ନୁହେଁ, ଭିତରୁ ମଧ୍ୟ ଯତ୍ନ ନେବା ଜରୁରୀ। ଅଧିକ ତେଲଛଣା ମସଲା ଖାଦ୍ୟ ଖାଇବା ଦ୍ୱାରା ଏହା ବ୍ରେକ୍‌ଆଉଟ୍ ହୋଇପାରେ। ଆପଣ ନିଜ ଖାଦ୍ୟରେ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଫଳ ,ପନିପରିବା ଆଦି ସାମିଲ କରିବା ଆବଶ୍ୟକ। ପ୍ରତିଦିନ ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଇବା ଦରକାର ।

ଖାଦ୍ୟରୁଚି

# ପୋହା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ୨କପ୍ ଚୁଡ଼ା, ୨ଟି ସିଝା ଆଳୁ , ୨ ଚାମଚ ମଇଦା, ୨ ଚାମଚ କର୍ନ ଫ୍ଲୋର, ୨କପ୍ ବ୍ରେଡ୍ ଗୁଣ୍ଡ, ୧ଚାମଚ ଅଦା ରସୁଣ ପେଷ୍ଟ, ଅଧାଚାମଚ ଗୋଲମରିଚ ପାଉଡର, ଅଧା ଚାମଚ ହଳଦୀ ପାଉଡର, ଅଧା ଚାମଚ କଶ୍ମୀରୀ ଚିଲି ପାଉଡର , ଅଧା ଚାମଚ ଚାଟ୍ ମସଲା,ଅଧା ଚାମଚ ଗରମ ମସଲା, ଅଧା ଚାମଚ ଆମଚୁର ପାଉଡର, ୨ ଚାମଚ କଟା ହୋଇଥିବା ଧନିଆପତ୍ର, ସ୍ୱାଦ ଅନୁସାରେ ଲୁଣ ଏବଂ ଛାଣିବା ଲାଗି ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ**

ପୋହା କଟ୍‌ଲେଟ୍ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଚୁଡ଼ାକୁ ଭଲଭାବେ ସଫାକରି ଦିଅନ୍ତୁ। ଏହାକୁ କିଛି ସମୟ ପାଣିରେ ଭିଜାଇ ରଖନ୍ତୁ। ପାଣିରୁ ଛାଣି ଜାଲିରେ ରଖନ୍ତୁ। ଏଥିରୁ ସମ୍ପୂର୍ଣ୍ଣ ପାଣି ବାହାରିଗଲା ପରେ ଆଉ ଗୋଟେ ପାତ୍ରରେ ରଖନ୍ତୁ। ଏବେ ସିଝା ହୋଇଥିବା ଆଳୁରୁ ଚୋପା ଛଡ଼ାଇ ଚୁଡ଼ା ସହ ପକାଇ ଭଲଭାବେ ଚକଟି ଦିଅନ୍ତୁ। ହଳଦୀଗୁଣ୍ଡ,ଆମଚୁର ପାଉଡର,ଗରମ ମସଲା, ଲୁଣ, ଚାଟ ମସଲା, ଅଦା ରସୁଣ ପେଷ୍ଟ ପକାଇ ଭଲଭାବେ ଏହାକୁ ମିକ୍ସ କରିଦିଅନ୍ତୁ। ବର୍ତ୍ତମାନ ଗୋଲମରିଚ ପାଉଡର, ଅଳ୍ପ କର୍ନଫ୍ଲୋର ପାଉଡର, କଟାହୋଇଥିବା ଧନିଆପତ୍ର, କଟା ପିଆଜ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଅଳ୍ପ କର୍ନଫ୍ଲୋର ଏବଂ ମଇଦାରେ କିଛି ପାଣି ପକାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ବର୍ତ୍ତମାନ ଆଳୁ ଏବଂ ପୋହା କଟ୍‌ଲେଟ୍‌କୁ ଗୋଲ ଗୋଲ କରି ରଖି ଚାଲନ୍ତୁ। ପୁଣି ଏକ କଡ଼େଇରେ ତେଲ ପକାଇ ଗରମ



କରନ୍ତୁ। ଏବେ ଗୋଲ ଗୋଲ ହୋଇଥିବା କଟ୍‌ଲେଟ୍‌କୁ ମଇଦା ଏବଂ କର୍ନଫ୍ଲୋର ବେଟରରେ ପକାଇ କାଢ଼ିବା ପରେ ବ୍ରେଡ୍ ଗୁଣ୍ଡରେ ପକାଇ ତାକୁ ଛାଣନ୍ତୁ। ଏହା ଟିକେ ଗୋଲ୍‌ଡେନ୍ କଲର ହେଲା ପର୍ଯ୍ୟନ୍ତ ରଖିବା ପରେ ଏହାକୁ କାଢ଼ି ଟମାଟୋ ସସ୍ କିମ୍ବା ଗ୍ରୀନ୍ ଚଟଣି ଲଗାଇ ଖାଇ ପାରିବେ।

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୯/୨୦୨୫ Bhubaneswar, Tuesday, July 29/ 2025

Dr. Juneja's ପେଟ ସଫା Natural Laxative Granules & Tablets
ସହାୟକ: କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି
ଯଦି ଆପଣ ମଧ୍ୟ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କାରଣରୁ ବ୍ୟଥିତ ଅଟନ୍ତି ତେବେ ଆଜି ହିଁ ନିଅନ୍ତୁ, ପେଟ ସଫା ଗ୍ରାନ୍ୟୁଲ୍/ଟାବ୍‌ଲେଟ୍ । ଏହା ମୁହଁରେ ଲାଖିରହେ ନାହିଁ । ଶୋଇବା ପୂର୍ବରୁ ଖାଆନ୍ତୁ ଓ ଆରାମ ପାଆନ୍ତୁ ।
Provides Effective Relief
Balances Digestive Health
Ayurvedic Proprietary Medicine
Clinically Tested
Divisa
24x7 Helpline: 91197 88888 | www.petsaffa.com
Available at all medical & general stores

# ନୂଆ ଚେସ୍ ଗ୍ରାଣ୍ଡମାଷ୍ଟର

ଫିଡେ ମହିଳା ଚେସ୍ ବିଶ୍ୱକପ ଟାଇଟଲ ସହ ଦିବ୍ୟା ଦେଶମୁଖ ଭାରତର ନୂଆ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଁ ସାଧାରଣତଃ ୩ଟି ନର୍ମ ସହ ୨୫୦୦ ରେଟିଂର ଆବଶ୍ୟକ ପଡ଼ିଥାଏ। ମାତ୍ର ଗୋଟିଏ ହେଲେ ନର୍ମ ନ ଥାଇ ମଧ୍ୟ ଦିବ୍ୟା ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

୨୦୦୫ ଡିସେମ୍ବର ୯ ତାରିଖରେ ନାଗପୁରର ଏକ ମରାଠୀ ପରିବାରରେ ଦିବ୍ୟାଙ୍କ ଜନ୍ମ। ତାଙ୍କ ମା'ଙ୍କ ନାମ ନମ୍ରତା ଓ ବାପା ଜିତେନ୍ଦ୍ର ଦେଶମୁଖ। ଉଭୟେ ପେଶାରେ ଡାକ୍ତର। ଦିବ୍ୟା ଭଗବାନଦାସ ପୁରୋହିତ ବିଦ୍ୟା ମନ୍ଦିରରେ ପ୍ରାରମ୍ଭିକ ପାଠପଢ଼ା କରିଥିଲେ।

୨୦୧୬ରେ ୧୬ ବର୍ଷରୁ କମ୍ ୱାର୍ଲ୍ଡ ଅଲିମ୍ପିଆଡ୍‌ରେ ଭାଗନେଇଥିବା ଭାରତୀୟ ଦଳର ସଦସ୍ୟା ଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଦଳ ତୁର୍କୀରେ ରୌପ୍ୟ ପଦକ ଜିତିଥିଲା। ଏହାପରେ ୨୦୨୦ରେ ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ୨୦୨୧ରେ ଦିବ୍ୟା ଦେଶର ୨୧ତମ ଚେସ୍ ଇଣ୍ଟରନ୍ୟାଶନାଲ ମାଷ୍ଟର ହୋଇଥିଲେ। ଏହାର ପରବର୍ଷ ସେ ଇଣ୍ଡିଆନ ଚେସ୍ ଚାମ୍ପିୟନଶିପ୍ ଜିତିଥିଲେ। ସେ ୨୦୨୨ ଚେସ୍ ଅଲିମ୍ପିଆଡ୍‌ରେ ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ହାତେଇଥିଲେ। ୨୦୨୩ରେ ସେ ଏସିଆନ ଚେସ୍ ଚାମ୍ପିୟନଶିପ୍ ଜିତିଥିଲେ। ସର୍ବନିମ୍ନ ସିଡ୍ ପାଇବା ସତ୍ତ୍ୱେ ଟାଟା ଷ୍ଟିଲ ଚେସ୍ ଟୁର୍ନାମେଣ୍ଟର ରାପିଡ୍ ସେକ୍ସନରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରକ୍ରିୟାରେ ସେ ଦ୍ରୋନାଭାଲି ହାରିକା, ବନ୍ତିକା ଅଗ୍ରୱାଲ, କୋନେରୁ ହମ୍ପି, ସବିଥା ଶ୍ରୀ ବି, ଇରିନା କ୍ରୁଶ ଓ ନିନୋ ବାତସିଆଶଭିଲିଙ୍କୁ ହରାଇଥିଲେ। ସେ ବିଶ୍ୱ ଚାମ୍ପିୟନ ଜୁନ ୱେନଜୁନ ଓ ଆନ୍ନା ଉଶେନିନାଙ୍କ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିଥିଲେ କେବଳ ପୋଲିନା ଶୁଭାଲୋଭାଙ୍କ ଠାରୁ ପରାସ୍ତ ହୋଇଥିଲେ। ୨୦୨୪ ମେ'ରେ ସେ ଶାରଜା ଚ୍ୟାଲେଞ୍ଜର୍ସରେ ବିଜୟୀ ହୋଇଥିଲେ। ଏହି ସଫଳତା ଯୋଗୁ ତାଙ୍କୁ ୨୦୨୫ ଶାରଜା ମାଷ୍ଟର୍ସ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ କରିଥିଲେ। ଜୁନରେ ସେ ୨୦୨୪ ୱାର୍ଲ୍ଡ ଅଣ୍ଡର-୨୦ ଚେସ୍ ଚାମ୍ପିୟନ ହୋଇଥିଲେ। ସେ ଚତୁର୍ଥ ଭାରତୀୟ ଭାବେ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲେ। ତାଙ୍କ ପୂର୍ବରୁ କୋନେରୁ ହମ୍ପି (୨୦୦୧), ଦ୍ରୋନାଭାଲି ହାରିକା (୨୦୦୮) ଓ ସୌମ୍ୟା ସ୍ୱାମିନାଥନ (୨୦୦୯)ରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଟାଇଟଲ ହାତେଇଥିଲେ। ଫାଇନାଲରେ ସେ ବୁଲଗେରିଆର ତୃତୀୟ ସିଡ୍ ବେଲୋସ୍ଲାଭା କ୍ରାଷ୍ଟେଭାଙ୍କୁ ୫ ଘଣ୍ଟା ଧରି ଚାଲିଥିବା ମାରାଥନ ମୁକାବିଲାରେ ହରାଇ ୧୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ୪୫ତମ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସେ ବ୍ୟକ୍ତିଗତ ଇଭେଣ୍ଟରେ ମଧ୍ୟ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଚଳିତ ବର୍ଷ ଜୁନରେ ଲଣ୍ଡନରେ ଅନୁଷ୍ଠିତ ୱାର୍ଲ୍ଡ ରାପିଡ୍ ଆଣ୍ଡ ବ୍ଲିଜ୍ ଟିମ ଚେସ୍ ଚାମ୍ପିୟନଶିପ୍‌ରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ହେକ୍ସାମାଇଣ୍ଡ ଚେସ୍ କ୍ଲବ ପାଇଁ ଖେଳୁଥିବା ଦିବ୍ୟା ବ୍ଲିଜ୍ ସେମିଫାଇନାଲରେ ମହିଳାଙ୍କ ୱାର୍ଲ୍ଡ ନଂ-୧ ହୋ ୟିଫାନଙ୍କୁ ୭୪ ମୁଭ୍‌ରେ ପରାସ୍ତ କରିଥିଲେ। ବ୍ଲିଜ ଗେମ୍‌ରେ ୮ଟି ମ୍ୟାଚ୍‌ରେ ୬ଟି ବିଜୟ ହାସଲ କରିଥିଲେ। ଏଥିଯୋଗୁ ତାଙ୍କ ଦଳ ବ୍ଲିଜ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲା। ମହିଳା ଚେସ୍ ୱାର୍ଲ୍ଡକପ୍‌ରେ ଦେଶମୁଖ ୧୫ତମ ସିଡ୍ ଭାବେ ପ୍ରବେଶ କରିଥିଲେ। ସେ ଫାଇନାଲରେ କୋନେରୁ ହମ୍ପିଙ୍କୁ ହରାଇ ଚାମ୍ପିୟନ ହେବା ପୂର୍ବରୁ ଚତୁର୍ଥ ରାଉଣ୍ଡରେ ଦ୍ୱିତୀୟ ସିଡ୍ ଝୁ ଜିନର, କ୍ୱାର୍ଟର ଫାଇନାଲରେ ୧୦ମ ସିଡ୍ ଦ୍ରୋନାଭାଲି ହାରିକା ଓ ସେମିଫାଇନାଲରେ ତୃତୀୟ ସିଡ୍ ତାନ ଝୋଙ୍ଗିଙ୍କୁ ପରାସ୍ତ କରିଥିଲେ।

୨୦୨୪ରେ ଭାରତର ଡି. ଗୁକେଶ ହୋଇଥିଲେ ପୁରୁଷ ଚେସ୍ ବିଶ୍ୱ ଚାମ୍ପିୟନ। ଏବେ ଦିବ୍ୟା ମହିଳା ବିଶ୍ୱକପ ଚାମ୍ପିୟନ ହୋଇ ଭାରତକୁ ଗର୍ବିତ କରିଛନ୍ତି।



ନାମ–ଦିବ୍ୟା ଦେଶମୁଖ
ଦେଶ–ଭାରତ
ଜନ୍ମ–ଡିସେମ୍ବର ୯, ୨୦୦୫, ନାଗପୁର, ମହାରାଷ୍ଟ୍ର
ବୟସ–୧୯ ବର୍ଷ
ଟାଇଟଲ–ଗ୍ରାଣ୍ଡମାଷ୍ଟର(୨୦୦୫), ଇଣ୍ଟରନ୍ୟାସନାଲ ମାଷ୍ଟର (୨୦୨୩), ଓମେନ ଗ୍ରାଣ୍ଡମାଷ୍ଟର (୨୦୨୧)
ଫିଡ୍ ରେଟିଂ: ୨୪୬୩ (ବର୍ତ୍ତମାନ)
ସର୍ବାଧିକ ରେଟିଂ: ୨୫୦୧ (୨୦୨୪ ଅକ୍ଟୋବର)

## 'ଏହା କେବଳ ଆରମ୍ଭ ମାତ୍ର'

ଦିବ୍ୟା ଦେଶମୁଖ ତାରକା ଖଚିତ ଫିଡେ ମହିଳା ବିଶ୍ୱକପ୍‌ରେ ଜଣେ ଅଣ୍ଡରଡଗ୍ ଖେଳାଳି ଭାବେ ପ୍ରବେଶ କରିଥିଲେ। ଭବିଷ୍ୟତରେ ଜଣେ ଗ୍ରାଣ୍ଡମାଷ୍ଟର (ଜିଏମ୍) ହେବା ପାଇଁ ଅତିକମ୍‌ରେ ଗୋଟିଏ ଜିଏମ୍ ନର୍ମ ହାସଲ କରିବା ତାଙ୍କର ଲକ୍ଷ୍ୟ ଥିଲା। କିନ୍ତୁ ପ୍ରାୟ ୩ ସପ୍ତାହ ଧରି ଚାଲିଥିବା ଟୁର୍ନାମେଣ୍ଟରେ ସେ ବିଶ୍ୱ ମହିଳା ଚେସ୍‌ର କିଛି ବଡ଼ ବଡ଼ ଖେଳାଳିଙ୍କୁ ହରାଇ ସମ୍ମାନଜନକ ଟାଇଟଲ ଜିତିବା ସହ ଆସନ୍ତା ବର୍ଷ ହେବାକୁ ଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଯୋଗ୍ୟତା ହାସଲ କରିଥିଲେ। ଏହି ପ୍ରକ୍ରିୟାରେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ରାଣ୍ଡମାଷ୍ଟର ଟାଇଟଲ ଲାଗି ଜଣେ ଖେଳାଳିଙ୍କୁ ୩ ଜିଏମ୍ ନର୍ମ ଦରକାର। ଫିଡେ ନିୟମ ଅନୁଯାୟୀ, ନିର୍ଦ୍ଦିଷ୍ଟ ଭାବେ କିଛି ଏଲିଟ ପ୍ରତିଯୋଗିତା ଜିତିବା ଦ୍ୱାରା ସାଧାରଣ ନର୍ମ-ଆଣ୍ଡ-ରେଟିଂ ବାଟକୁ ଅଣଦେଖା କରି ସିଧାସଳଖ ଜିଏମ୍ ଟାଇଟଲ ହାସଲ କରିହେବ। ମହିଳାଙ୍କ ବିଶ୍ୱକପ୍ ସେଭଳି ଏକ ଫିଡେ ଟୁର୍ନାମେଣ୍ଟ, ଯାହାର ବିଜେତାଙ୍କୁ ସିଧାସଳଖ ଜିଏମ୍ ଟାଇଟଲ ଦିଆଯାଏ।

"ମୋତେ ବିଜୟକୁ ହଜମ କରିବା ପାଇଁ ସମୟ ଦରକାର। ମୋ ମତରେ ଗ୍ରାଣ୍ଡମାଷ୍ଟର ଟାଇଟଲ ଏଭଳି ପାଇବା ମୋ ଭାଗ୍ୟ ଥିଲା। କାରଣ ଟୁର୍ନାମେଣ୍ଟରେ ଭାଗ ନେବା ପୂର୍ବରୁ ମୋ ପାଖରେ ଗୋଟିଏ ହେଲେ ବି ଜିଏମ୍ ନର୍ମ ନ ଥିଲା। ଏବେ ମୁଁ ଜଣେ ଗ୍ରାଣ୍ଡମାଷ୍ଟର। ଏହି ବିଜୟର ମାନେ ମୋ ପାଇଁ ଅନେକ କିଛି। କିନ୍ତୁ ଏବେ ବି ମୋତେ ଅନେକ କିଛି ହାସଲ କରିବାର ଅଛି। ମୁଁ ଆଶା କରୁଛି, ଏହା କେବଳ ଆରମ୍ଭ ମାତ୍ର" ବୋଲି ମ୍ୟାଚ୍ ଜିତିବା ପରେ ଦିବ୍ୟା କହିଛନ୍ତି।

## ଦିବ୍ୟାଙ୍କୁ ଅଭିନନ୍ଦନର ସୁଅ

ଦିବ୍ୟା ଦେଶମୁଖ ସୋମବାର ଫିଡେ ମହିଳା ଚେସ୍ ବିଶ୍ୱକପ ଜିତିଛନ୍ତି। ଏହି ସଫଳତା ପାଇଁ ତାଙ୍କ ନିକଟକୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଦେଶର କୋଣଅନୁକୋଣରୁ ସୋସିଆଲ ମିଡିଆ ଜରିଆରେ ଅଭିନନ୍ଦନର ସୁଅ ଛୁଟିଛି।



ବିଜୟ ହାସଲ ପରେ ମା'ଙ୍କ ସହ ଦିବ୍ୟା ଦେଶମୁଖ।

"୧୯ ବର୍ଷ ବୟସରେ ପ୍ରଥମ ଭାରତୀୟ ଫିଡେ ମହିଳା ବିଶ୍ୱକପ୍ ଜିତିଥିବା ଦିବ୍ୟା ଦେଶମୁଖଙ୍କୁ ହୃଦୟରୁ ଅଭିନନ୍ଦନ। କୋନେରୁ ହମ୍ପି ରନରଅପ୍ ହୋଇଛନ୍ତି। ଚେସ୍ ୱାର୍ଲ୍ଡ ଚାମ୍ପିୟନଶିପ୍‌ର ଉଭୟ ଫାଇନାଲିଷ୍ଟ ଭାରତୀୟ ଥିଲେ। ପୂରା କ୍ୟାରିୟରରେ ଜବରଦସ୍ତ ପ୍ରଦର୍ଶନ କରିବା ପାଇଁ ହମ୍ପିଙ୍କୁ ମଧ୍ୟ ମୁଁ ଅଭିନନ୍ଦନ ଜଣାଉଛି। ମୁଁ ନିଶ୍ଚିତ ଯେ, ଉଭୟ ମହିଳା ଚାମ୍ପିୟନ୍ ଭବିଷ୍ୟତରେ ଦେଶ ପାଇଁ ଆହୁରି ଗୌରବ ଆଣିବେ ଓ ଯୁବପିଢ଼ିଙ୍କୁ ପ୍ରେରଣା ଦେବେ।"
–ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

"ଦୁଇ ଶ୍ରେଷ୍ଠ ଭାରତୀୟ ଚେସ୍ ଖେଳାଳିଙ୍କ ମଧ୍ୟରେ ହୋଇଥିଲା ଐତିହାସିକ ଫାଇନାଲ। ମହିଳା ବିଶ୍ୱକପ୍ ଚାମ୍ପିୟନ ହୋଇଥିବା ଦିବ୍ୟାଙ୍କ ପାଇଁ ଗର୍ବିତ। ଏହି ଉଲ୍ଲେଖନୀୟ ଉପଲବ୍ଧି ଲାଗି ତାଙ୍କୁ ଅଭିନନ୍ଦନ। ତାଙ୍କର ଏହି ସଫଳତା ଯୁବବର୍ଗଙ୍କୁ ପ୍ରେରଣା ଦେବ। କୋନେରୁ ହମ୍ପି ମଧ୍ୟ ପୁରା ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିଲେ।"
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

"ଭାରତ ପାଇଁ ବଡ଼ ଆନନ୍ଦର ବିଷୟ। ମହିଳା ବିଶ୍ୱକପ୍ ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ପାଇଁ ଦିବ୍ୟାଙ୍କୁ ଅଭିନନ୍ଦନ। ତୁମର ମାନସିକ ଦୃଢ଼ତା ଓ ଚତୁରତା ତୁମକୁ ଏହି ସଫଳତା ଆଣି ଦେଇଛି। ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ପାଇଁ ହମ୍ପିଙ୍କୁ ମଧ୍ୟ ଅଭିନନ୍ଦନ।"
–ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

"ମହିଳା ବିଶ୍ୱକପ୍ ଜିତିବା ଭଳି ଉଲ୍ଲେଖନୀୟ ଉପଲବ୍ଧି ଲାଗି ଦିବ୍ୟାଙ୍କୁ ହୃଦୟରୁ ଅଭିନନ୍ଦନ। ଅଲ-ଇଣ୍ଡିଆନ୍ ଫାଇନାଲରେ ତାଙ୍କର ଐତିହାସିକ ବିଜୟ ଭାରତୀୟ ଚେସ୍ ଲାଗି ଏକ ଗର୍ବିତ କଲା ଭଳି ମାଇଲଖୁଣ୍ଟ। ଆଗକୁ ହେବାକୁ ଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଲାଗି ତାଙ୍କୁ ଶୁଭେଚ୍ଛା।"
–ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ

"ବିଶ୍ୱକପ୍ ଜିତିବା ପାଇଁ ଦିବ୍ୟାଙ୍କୁ ଅଭିନନ୍ଦନ। ସେ ଜିଏମ୍ ହେବା ସହ କ୍ୟାଣ୍ଡିଡେଟ୍ ଟୁର୍ନାମେଣ୍ଟରେ ସ୍ଥାନ ପକ୍କା କରିଛନ୍ତି। ହମ୍ପି ପୁରା ଟୁର୍ନାମେଣ୍ଟରେ ଖୁବ ଭଲ ଫାଇଟ୍ ସ୍ପିରିଟ୍ ପ୍ରଦର୍ଶନ କରିଥିଲେ। ସେ ଜଣେ ଚାମ୍ପିୟନ। ନିଶ୍ଚିତ ଭାବେ ଭାରତୀୟ ମହିଳା ଚେସ୍ ଲାଗି ଏହା ଏକ ବଡ଼ ଉତ୍ସବ ଦିବସ।"
–ବିଶ୍ୱନାଥନ ଆନନ୍ଦ, ୫ ଥର ୱାର୍ଲ୍ଡ ଚାମ୍ପିୟନ

"ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ ଆମ ଦେଶର ପ୍ରଖ୍ୟାତ ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ସାଥି ପ୍ରତିଦ୍ୱନ୍ଦୀ କୋନେରୁ ହମ୍ପିଙ୍କୁ ଟାଇବ୍ରେକରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ହାମ୍ପି, ଆର୍. ବୈଶାଲୀ ଓ ହାରିକା ଦ୍ରୋଣାଭାଲିଙ୍କ ପରେ ଭାରତର ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟ ହୋଇ ପାରିଛନ୍ତି ୧୯ ବର୍ଷୀୟା ଦିବ୍ୟା। ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି।"
–ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ

"ଦିବ୍ୟା ଦେଶମୁଖ ଟାଇବ୍ରେକରେ କୋନେରୁ ହମ୍ପିଙ୍କୁ ପରାସ୍ତ କରି ୨୦୨୫ ଫିଡେ ମହିଳା ବିଶ୍ୱକପ୍ ଚାମ୍ପିଅନ୍ ସହ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଦିବ୍ୟା ବିଶ୍ୱ କ୍ୟାଣ୍ଡିଡେଟ ଚେସ୍ ଟୁର୍ନାମେଣ୍ଟ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଏବେ ସେ ଫିଡେ ମହିଳା ବିଶ୍ୱକପ୍ ଜିତିଥିବା ପ୍ରଥମ ଭାରତୀୟ ହୋଇଛନ୍ତି। ଜଣେ ମହିଳା ଖେଳାଳି ବିଶ୍ୱକପ୍ ଚାମ୍ପିୟନ ସହ ସେହି ଦିନରେ ୮୮ତମ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ଭାରତୀୟ ଚେସ୍ ପାଇଁ ଏକ ଶ୍ରେଷ୍ଠ ମୁହୂର୍ତ୍ତ। ଏହି ଆଶ୍ଚର୍ଯ୍ୟଜନକ ସଫଳତା ପାଇଁ ଦିବ୍ୟା, ତାଙ୍କ ଦଳ ଏବଂ ପରିବାରକୁ ବହୁତ ବହୁତ ଶୁଭେଚ୍ଛା ସହ ଅଭିନନ୍ଦନ।"
–ସତ୍ୟ ରଞ୍ଜନ ପଟ୍ଟନାୟକ, ସଭାପତି ଓସିଏ

## ନୂଆ ଫୁଟ୍‌ବଲ କୋଚ୍ ଘୋଷଣା ଅଗଷ୍ଟ ୧ରେ

ନୂଆଦିଲ୍ଲୀ, ୨୮।୭ (ପିଟିଆଇ)

ଅଗଷ୍ଟଅଗଷ୍ଟ ୧ରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର କାର୍ଯ୍ୟନିର୍ବାହୀ କମିଟି ବୈଠକ ପରେ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ପରବର୍ତ୍ତୀ କୋଚ୍‌ଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ଖାଲି ପଡ଼ିଥିବା ଏହି ପଦବୀ ପାଇଁ ଦୌଡ଼ରେ ଖାଲିଦ୍ ଜମିଲ ପ୍ରଥମ ସ୍ଥାନରେ ରହିଛନ୍ତି। ଏଆଇଏଫ୍‌ଏଫ୍‌ର ଟେକ୍‌ନିକାଲ କମିଟି ଜମିଲଙ୍କ ପ୍ରାର୍ଥିତ୍ୱକୁ ପସନ୍ଦ କରିଛି। ୩ଜଣିଆ ଶର୍ଟଲିଷ୍ଟ ତାଲିକାରେ ପୂର୍ବତନ ଭାରତ କୋଚ୍ ଷ୍ଟିଫେନ୍ କନଷ୍ଟାଣ୍ଟିନଙ୍କ ନାମ ରହିଛି। ଏଆଇଏଫ୍‌ଏଫ୍‌ର ବର୍ତ୍ତମାନ ଆର୍ଥିକ ସ୍ଥିତିକୁ ନଜର ପକାଇଲେ ମାନୋଲୋ ମାର୍କେଜ୍‌ଙ୍କ ସ୍ଥାନରେ ଜମିଲ ହେଉଛନ୍ତି ଫେଭରିଟ୍। ୪୮ ବର୍ଷୀୟ ଜମିଲ ବର୍ତ୍ତମାନ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ଜାମସେଦପୁର ଏଫ୍‌ସିର କୋଚ୍ ଅଛନ୍ତି। ତାଙ୍କୁ ଖୁବ୍ ନିକଟରେ ଜାତୀୟ ଦଳର ଦାୟିତ୍ୱ ମିଳିବ। ସେପ୍ଟେମ୍ବରରେ ଫିଫାର ଏକ ବ୍ୟାଶନାଲ ମ୍ୟାଚ ୱିଣ୍ଡୋ ରହିଛି। ଭାରତ ସିଙ୍ଗାପୁର ବିପକ୍ଷ ହୋମ୍ ଓ ଆୱେ ଏଏଫସି ଏସିଆନ କପ୍ କ୍ୱାଲିଫାଇଂ ରାଉଣ୍ଡ ଗେମ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।



ଷ୍ଟିଫାନ ଟାର୍କୋଭିଚ, ଖଲିଦ୍ ଜମିଲ ଓ ଷ୍ଟିଫେନ୍ କନଷ୍ଟାଣ୍ଟିନ୍।

ଭାରତର ଜଣେ ପୂର୍ବତନ ମିଡ୍‌ଫିଲ୍ଡର ଜମିଲ ବର୍ତ୍ତମାନ ଜଣେ ଏଏଫ୍‌ସି ପ୍ରୋ-ଲାଇସେନ୍ସପ୍ରାପ୍ତ କୋଚ୍ ଅଛନ୍ତି। ସେ ୨୦୨୩-୨୪ ଓ ୨୦୨୪-୨୫ ସିଜନ ପାଇଁ ଏଆଇଏଫ୍‌ଏଫ୍ କୋଚ୍ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଚଳିତମାସ ପ୍ରାରମ୍ଭରେ ଏଆଇଏଫ୍‌ଏଫ୍ ଛାଡ଼ିବା ପୂର୍ବରୁ ମାରକେଜ ଦ୍ୱୈତ ଭୂମିକା ନିର୍ବାହ କରୁଥିଲେ। ସେ ଏକ ସଙ୍ଗରେ ଆଇଏସ୍‌ଏଲ୍ ଦଳ ଏଫ୍‌ସି ଗୋଆର କୋଚ ଦାୟିତ୍ୱ ମଧ୍ୟ ତୁଲାଉଥିଲେ। କିନ୍ତୁ ଜମିଲ ଜାତୀୟ ଦଳର କୋଚ୍ ନିଯୁକ୍ତ ହେବା ପରେ ଜାମସେଦପୁର ଏଫ୍‌ସି କୋଚ୍ ପଦବୀ ତ୍ୟାଗ କରିବେ ଅବା ଦ୍ୱୈତ ଭୂମିକାରେ ରହିବେ ତାହା ସ୍ପଷ୍ଟ ହୋଇ ନାହିଁ। ପୂର୍ବତନ ଅଧିନାୟକ ଆଇଏମ୍ ବିଜୟଙ୍କ ନେତୃତ୍ୱାଧୀନ ଏଆଇଏଫ୍‌ଏଫ୍ ଟେକ୍‌ନିକାଲ କମିଟି ଯେଉଁ ୩ଜଣିଆ ଶର୍ଟଲିଷ୍ଟ କାର୍ଯ୍ୟନିର୍ବାହୀ କମିଟି ନିକଟକୁ ପଠାଇଛି ସେଥିରେ ୫୨ ବର୍ଷୀୟ ଷ୍ଟିଫାନ ଟାର୍କୋଭିଚ୍‌ଙ୍କ ନାମ ରହିଛି। ସେ ପୂର୍ବରୁ ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ସ୍ଲୋଭେକିଆ ଜାତୀୟ ଦଳ ଏବଂ ୨୦୨୩ରୁ ୨୦୨୪ କିରଗିଜସ୍ତାନର କୋଚ୍ ଭାବେ ସଫଳତାର ସହିତ ଦାୟିତ୍ୱ ସମ୍ପାଦନ କରିଛନ୍ତି।

## ପ୍ରବୋଧ ଅନ୍ତର୍ଜାତୀୟ ଟେକ୍‌ନିକାଲ ଅଫିସିଆଲ

ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ): ଓଡ଼ିଶା ଆଥଲେଟିକ୍ସରେ ଟେକ୍‌ନିକାଲ ଅଫିସିଆଲ ପରିଚିତ ପ୍ରବୋଧ ମହାନ୍ତି ଆଉ ଏକ ସଫଳତା ପାଇଛନ୍ତି। ଓଡ଼ିଶାର ପ୍ରଥମ ବ୍ୟକ୍ତିଭାବେ ସେ ଅନ୍ତର୍ଜାତୀୟ ଟେକ୍‌ନିକାଲ ଅଫିସିଆଲ (ଆଇଟିଓ) ହୋଇଛନ୍ତି। ୱାର୍ଲ୍ଡ ଆଥଲେଟିକ୍ ରେଫରି ବ୍ରୋଞ୍ଜ ଲେଭଲ (ଆଇଟିଓ) ପରୀକ୍ଷାରେ ସେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ପ୍ରବୋଧଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ପାଇଁ କିସ୍‌ର ୨ ମନୋନୀତ

ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ)

ଗୁଜରାଟରଅହମଦାବାଦରେ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କିସ୍ ବିଶ୍ୱବିଦ୍ୟାଳୟର ୨ ଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଝିଲି ମୋହିନୀ ମଲ୍ଲିକ ଓ ମୀନା ସାନ୍ତା। ଝିଲି ମୋହିନୀ ମହିଳା ୬୪ କେଜି ଓ ମୀନା ୫୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଉଭୟ କିସ୍ ବିଶ୍ୱବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ରୀ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଦୁଇ ଭାରୋତ୍ତୋଳିକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମୀନା ସାନ୍ତା ଓ ଝିଲି ମୋହିନୀ ମଲ୍ଲିକ।

## ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର: ଉଭାସଙ୍କ ପ୍ରଭାବୀ ପ୍ରଦର୍ଶନ

ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ)

ଜିମ୍‌ଖାନା କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ମୁଖ୍ୟ ଡ୍ର' ଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏଥିରେ ଉଭାସ ମହାପାତ୍ର ଏକଦା ୧-୨ରେ ପଛୁଆ ଥିଲେ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରି ୩-୨ରେ ବିଜୟ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ



ବରୁଣ ପୂର୍ଣ୍ଣଙ୍କୁ ସତ୍ୟଦୀପ ଦାସ ୩-୨, କାଜିଚ୍_ଲୀ ଖାଁଙ୍କୁ ସୁବ୍ରତ ଦାସ ୩-୨, ରାହୁଲ ହାଲିଙ୍କୁ ଚିରାଗ ଆଗରୱାଲ ୩-୦, ପି. ଗୋବିନ୍ଦ ରାଓଙ୍କୁ ଆକ୍ରମ ଖାଁ ୩-୦, କାଜିର ଅଲୀ ଖାଁଙ୍କୁ ଅବିନାଶ ମହାପାତ୍ର ୩-୧, ଜ୍ଞାନ ରଞ୍ଜନ ଶତପଥୀଙ୍କୁ ସୁଦୀପ୍ତ ଦାଶ ୩-୦, ଅମିୟ ରଞ୍ଜନ ନାୟକଙ୍କୁ ରାକେଶ ରୋଶନ ପ୍ରଧାନ ୩-୦, ଶାରଦା ବେହେରାଙ୍କୁ କୁନାଲ ଅଗ୍ରୱାଲ ୩-୨, ପି. ଗୋବିନ୍ଦ ରାଓଙ୍କୁ ଜ୍ଞାନ ଦାସ ୩-୧ରେ ପରାସ୍ତ କରିଛନ୍ତି। ସେହିପରି କିଶୋର ଷଡ଼ଙ୍ଗୀଙ୍କୁ ନିଶି ପ୍ରକାଶ ଦାସ, ଅଲୋକ ଅଲୀଙ୍କୁ ରାକେଶ ରୋଶନ ପ୍ରଧାନ ୩-୦, ଅମିତ ସିଂଙ୍କୁ ଚିରାଗ ଆଗରୱାଲ ୩-୧, ନିଶ୍ଚୟ ମିଶ୍ରଙ୍କୁ ସୁବ୍ରତ ଦାସ ୩-୧, ଆକ୍ରମ ଖାଁଙ୍କୁ ଆକାଶ ମହାପାତ୍ର ୩-୨ ଓ ପ୍ରକାଶ ସାହୁଙ୍କୁ ଚେତନ ଆଗରୱାଲ ୩-୦ ଫ୍ରେମ୍‌ରେ ହରାଇ ଦେଇଛନ୍ତି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ